ବର୍ଷ-୨୫, ସଂଖ୍ୟା-୨୯୧
ଭୁବନେଶ୍ୱର
୦୨, ନଭେମ୍ବର, ୨୦୨୫ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 291
Bhubaneswar
01, November, 2025 Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ୨୦୨୭ ସୁଦ୍ଧା ୨୫ ଲକ୍ଷ ଲକ୍ଷପତି ଦିଦି

**ଭୁବନେଶ୍ୱର,୧।୧୧(ମହାଭାରତ):** ବ୍ୟକ୍ତିଗତ ସ୍ତରରେ ହେଉ ବା ଗ୍ରୁପ୍ ସ୍ତରରେ ହେଉ, ରାଜ୍ୟର ପ୍ରତ୍ୟେକ ମହିଳା ଯେପରି ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ଓ ସ୍ୱତନ୍ତ୍ରତା ହାସଲ କରି ଦକ୍ଷ ଉଦ୍ୟୋଗୀ ହେବେ, ସେଥିପାଇଁ ଆମେ ପ୍ରତିବଦ୍ଧତାର ସହ କାମ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଓଡ଼ିଶା ମହିଳା ଉଦ୍ୟୋଗୀ ଓ ସାଂସ୍କୃତିକ ପରମ୍ପରାର ମେଳା 'ସୁଭଦ୍ରା ଶକ୍ତି ମେଳା' ଦ୍ୱିତୀୟ ସଂସ୍କରଣର ଉଦଘାଟନ ଅବସରରେ କହିଛନ୍ତି।

ଭୁବନେଶ୍ୱର ଇଡକୋ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଗଠନ ଏବଂ ୨୦୪୭ ସୁଦ୍ଧା ଓଡ଼ିଶାକୁ ବିକଶିତ ଭାରତର ଗ୍ରୋଥ ଇଞ୍ଜିନ କରିବା ଆମର ଲକ୍ଷ୍ୟ। ଏହି ଲକ୍ଷ୍ୟ ପୁରଣ ହେବ ଯେତେବେଳେ ଆମର ଲକ୍ଷ ଲକ୍ଷ ସୁଭଦ୍ରା ମା'ମାନଙ୍କ ଶକ୍ତିର ଜାଗରଣ ଆସିବ। ସେମାନେ ସଶକ୍ତ ହେବେ ଏବଂ ବିକାଶର ପ୍ରତ୍ୟେକ କ୍ଷେତ୍ରରେ ସେମାନଙ୍କ ମୂଲ୍ୟବାନ ଯୋଗଦାନ ରହିବ। ସେହି ଲକ୍ଷ୍ୟ ହାସଲ ପାଇଁ ଆମ ସୁଭଦ୍ରା ଯୋଜନା ହେଉଛି ଏକ ୟୁନିକ ମଡେଲ ବୋଲି ସେ କହିଥିଲେ। ସୁଭଦ୍ରା ଶକ୍ତି ମେଳାର ଦ୍ୱିତୀୟ ସଂସ୍କରଣରେ ଇଡକୋ ପ୍ରଦର୍ଶନୀ ପଡ଼ିଆରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୩୦୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନିଜ ନିଜର ଉତ୍ପାଦିତ ସାମଗ୍ରୀ ପ୍ରଦର୍ଶନ କରିବା ସହିତ ବିକ୍ରୟ ମଧ୍ୟ କରୁଛନ୍ତି। ଏହି ମେଳା ଆଜିଠାରୁ ଆରମ୍ଭ ହୋଇ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ମୁଖ୍ୟମନ୍ତ୍ରୀ କହିଥିଲେ, ମା ସୁଭଦ୍ରା ହେଉଛନ୍ତି ସ୍ନେହ, ତ୍ୟାଗ, ସାହସ ଓ ଦୃଢ଼ତାର ମୂର୍ତ୍ତିମନ୍ତ ପ୍ରତୀକ। ଆମର ସୁଭଦ୍ରା ମା ଓ ଭଉଣୀମାନେ ସେହି ଦିବ୍ୟ ଶକ୍ତିର ଚଳନ୍ତି ରୂପ। ନିଜ ଘର ଓ ପରିବାରକୁ ପ୍ରତିପାଳିତ କରିବା ସହ ସମାଜ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି ଏବଂ ବିକଶିତ ଓଡ଼ିଶା ଗଠନ ପାଇଁ ନେତୃତ୍ୱ ନେଉଛନ୍ତି। ସେ ପୁଣି କହିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ସବୁବେଳେ କୁହନ୍ତି, ଯେଉଁ ସମାଜ ମହିଳାଙ୍କୁ ଶକ୍ତି ଦେଇଛି ସେ ସମାଜ ସ୍ୱୟଂ ଶକ୍ତିଶାଳୀ। ମୋଦୀଜୀଙ୍କ ଏହି ମହତ୍ୱାକାଂକ୍ଷୀ ଚିନ୍ତାଧାରାକୁ ଗୁରୁତ୍ୱ ଦେଇ ଆମ ସରକାର ମହିଳା ସଶକ୍ତିକରଣକୁ ବିକାଶର ମୂଳ ଆଧାର ଭାବେ ଗ୍ରହଣ କରିଛି। ସୁଭଦ୍ରା ଶକ୍ତିମେଳାର ମା'ମାନଙ୍କୁ ପ୍ରଂଶସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ମେଳା କେବଳ ଉତ୍ପାଦିତ ସାମଗ୍ରୀର ପ୍ରଦର୍ଶନୀ ବା ବିକ୍ରୟର ସ୍ଥାନ ନୁହେଁ, ଏହି ମେଳା ହେଉଛି ଆମ ମା'ମାନଙ୍କର ଶ୍ରମ, ସୃଜନଶୀଳତା ଓ ସଫଳତାର ମେଳା। ଏହି ମେଳା ହେଉଛି ସେମାନଙ୍କ ଘର ଅଗଣାରୁ ବାହାରି ରାଜ୍ୟ, ଦେଶ ଓ ବିଶ୍ୱ ପର୍ଯ୍ୟନ୍ତ ଯାତ୍ରାର କାହାଣୀ। ସେ ଆହୁରି କହିଥିଲେ ମାନନୀୟ ମୋଦୀଜୀଙ୍କ ଫ୍ଲାଗସିପ ଯୋଜନା ଲକ୍ଷପତି ଦିଦି ଯୋଜନାରେ ଖୁବ୍ କମ୍ ଦିନ ମଧ୍ୟରେ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରି ଆମ ରାଜ୍ୟ ଅଭୁତପୂର୍ବ ସଫଳତା ହାସଲ କରିଛି। ସରକାରଙ୍କ ଦ୍ୱାରା ପ୍ରଦର୍ଶିତ ମାର୍ଗରେ ଯାଇ ଆଜି ଲକ୍ଷପତି ଦିଦି ହୋଇ ସମାଜରେ ମହିଳାମାନେ ପ୍ରତିଷ୍ଠା ଲାଭ କରିଛନ୍ତି। ୨୦୨୭ ସୁଦ୍ଧା ୨୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବା ଆମର ଲକ୍ଷ୍ୟ ରହିଛି। ଏହାକୁ ସଫଳ କରିବା ପାଇଁ ଆମେ ଏସଏସଜି ଇ-ରିଭୋଲିଂ ଫଣ୍ଡକୁ ଦୁଇଗୁଣା କରିଛୁ। ଗ୍ରାମପଞ୍ଚାୟତ ସ୍ତରୀୟ ଫେଡେରେସନ ଗୁଡିକ ପାଇଁ କମ୍ୟୁନିଟି ଇନଭେଷ୍ଟମେଣ୍ଟ ଫଣ୍ଡକୁ ୩୫ ଲକ୍ଷରୁ ୬୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛୁ। ଏହା ସହିତ ବ୍ୟାଙ୍କ ଋଣ ଉପରେ ସୁଧ ଫେରସ୍ତ ବ୍ୟବସ୍ଥା ମଧ୍ୟ କରାଯାଇଛି।




ସେ ପୁଣି କହିଥିଲେ, ମା' ଓ ଭଉଣୀମାନଙ୍କୁ ସଶକ୍ତ କରିବା ପାଇଁ ସୁଭଦ୍ରା ଗୋଟିଏ ମାତ୍ର ଯୋଜନା ନୁହେଁ, ଅନେକ ଯୋଜନା ମଧ୍ୟରୁ ଅନ୍ୟତମ। ମହିଳାଙ୍କ ପାଇଁ ସବୁ କ୍ଷେତ୍ରରେ ଏକ ଫେଭରେବଲ ଇକୋ ସିଷ୍ଟମ ସୃଷ୍ଟି କରିବା ଆମର ଲକ୍ଷ୍ୟ। ମହିଳା ସଶକ୍ତିକରଣ ଲକ୍ଷ୍ୟରୁ ଆମ ସରକାର କେବେହେଲେ ବିଚ୍ୟୁତ ହେବେ ନାହିଁ ବୋଲି ସେ କହିଥିଲେ। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଉପସ୍ଥିତ ମା' ଓ ଭଉଣୀମାନଙ୍କୁ ଉଦବୋଧନ ଦେଇ କହିଥିଲେ ଯେ, ସୁଭଦ୍ରାର ମା'ମାନେ ତାଙ୍କର ଉତ୍ପାଦିତ ସାମଗ୍ରୀ ଜରିଆରେ ରାଜ୍ୟ ପାଇଁ ସୁନାମ ଆଣୁଛନ୍ତି। ରାଜ୍ୟର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ମା'ମାନଙ୍କ ଉପରେ ବିଶ୍ୱାସ ଓ ଭରସା ରଖିଛନ୍ତି। ସୁଭଦ୍ରା ତାର କାୟା ବିସ୍ତାର କରିଛି। ସୁଭଦ୍ରାର ମା ଓ ଭଉଣୀମାନଙ୍କ ଦକ୍ଷତା ଓ କୌଶଳ ବିକାଶ ପାଇଁ ଅ।ମର ଉଦ୍ୟମ ଜାରି ରହିଛି। ପ୍ରତ୍ୟେକ ଘରୁ ଜଣେ ଲେଖାଏ ଲକ୍ଷପତି ଦିଦି ସୃଷ୍ଟି କରିବା ଆମର ଲକ୍ଷ୍ୟ। ଗତ ସଂସ୍କରଣରେ ୮ କୋଟି ଟଙ୍କାର ବ୍ୟବସାୟ ହୋଇଥିବା ବେଳେ ଚଳିତ ସଂସ୍କରଣରେ ୧୫ କୋଟି ଟଙ୍କାର ବ୍ୟବସାୟ ପାଇଁ ଆଶା କରାଯାଇଛି ବୋଲି ସେ କହିଥିଲେ। ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ ରାଜ୍ୟର ସୁଭଦ୍ରା ମା'ମାନଙ୍କୁ ପ୍ରଂଶସା କରି କହିଥିଲେ ଯେ, ଗ୍ରାମାଞ୍ଚଳରେ ରହି ଆପଣମାନେ ଯେଉଁ କାମ କରି ଦେଖାଉଛନ୍ତି ସେଥିପାଇଁ ଆମେ ସମସ୍ତେ ଗର୍ବିତ। ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ଗିରିଶ ଏସ.ଏନ କାର୍ଯ୍ୟକ୍ରମକୁ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ବିଭାଗୀୟ ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଦଳାଚକଟାରେ ୯ଜଣଙ୍କ ମୃତ୍ୟୁ



**ଶ୍ରୀକାକୁଲମ,୧।୧୧(ଏଜେନ୍ସି):** ଶ୍ରୀକାକୁଲଲମ ଜିଲ୍ଲାର କାଶି ବୁଗ୍ଗା ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିରରେ ଶୁକ୍ରବାର ଦଳାଚକଟା ଯୋଗୁ ନଅ ଜଣଙ୍କ ମୃତ୍ୟୁ ହୋଇଛି ଓ ଅନେକ ଜଣ ଆହତ ହୋଇଛନ୍ତି। ମୃତକଙ୍କ ସଂଖ୍ୟା ଆହୁରି ବଢ଼ିବାର ଆଶଙ୍କା ରହିଛି। ଘଟଣା ବିଷୟରେ ସମ୍ପୂର୍ଣ୍ଣ ସୂଚନା ଏପର୍ଯ୍ୟନ୍ତ ମିଳିନାହିଁ। ଦୁର୍ଘଟଣା ସମୟରେ ୨୫ ହଜାରରୁ ଅଧିକ ଭକ୍ତ ଦର୍ଶନ ପାଇଁ ଲାଇନରେ ଠିଆ ହୋଇଥିଲେ। ଜିଲ୍ଲା ପ୍ରଶାସନ ଘଟଣାର ଅଧିକ ତଦନ୍ତ ପାଇଁ ଆଦେଶ ଦେଇଛି।

ପୋଲିସ ପ୍ରଶାସନ କହିବାଅନୁସାରେ ଆଜି ଏକାଦଶୀ ଥିବା କାରଣରୁ କାଶି ବୁଗ୍ଗା ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିରରେ ଭକ୍ତମାନଙ୍କ ଭିଡ଼ ବଢ଼ିଥିଲା। ଭିଡ଼ ଏତେ ବେଶି ହୋଇଗଲା ଯେ ମନ୍ଦିରର ରେଲିଂ ଭାଙ୍ଗି ପଡ଼ିଲା ଓ ଭକ୍ତମାନେ ତଳକୁ ଖସିଗଲେ। ତାପରେ ଦଳାଚକଟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଦୁର୍ଘଟଣାରେ ୯ ଜଣଙ୍କ ମୃତ୍ୟୁ ହୋଇଛି ଓ ଅନେକ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ସ୍ଥାନୀୟ ହସ୍ପିତାଲରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ବିଧାୟିକା ଗୌତୁ ସିରିଷା ମଧ୍ୟ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି ଓ ଜିଲ୍ଲା ବାହାରୁ ମଧ୍ୟ ଆମ୍ବୁଲାନ୍ସ ଆଣାଯାଇଛି। ଏହି ମନ୍ଦିରଟି ହରି ମୁକୁନ୍ଦ ପଣ୍ଡା ପରିବାର ଦ୍ୱାରା ପ୍ରାୟ ୧୦ ବର୍ଷ ପୂର୍ବେ, ତିରୁମଳାରେ ଦର୍ଶନ ନ କରିପାରିବାରୁ, ୧୨ ଏକର ଜମି ଉପରେ ପ୍ରାୟ ୨୦ କୋଟି ଟଙ୍କା ଖର୍ଚ୍ଚ କରି ନିର୍ମାଣ କରାଯାଇଥିଲା। କାଶି ବୁଗ୍ଗା ଭେଙ୍କଟେଶ୍ୱର ମନ୍ଦିର ଉତ୍ତର ଆନ୍ଧ୍ରର "ଛୋଟ ତିରୁପତି" ଭାବେ ପରିଚିତ।

# ପ୍ରଦୂଷଣ ନିୟନ୍ତ୍ରଣ ପରିଚାଳନା କମିଟି ବୈଠକ




**ଭୁବନେଶ୍ୱର,୧।୧୧(ମହାଭାରତ):** ରାଜ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ସଂପର୍କିତ ୬ଷ୍ଠ ପରିଚାଳନା କମିଟି ବୈଠକ ଗତକାଲି ଶୁକ୍ରବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ତରଫରୁ ଆହୂତ ଏହି ବୈଠକରେ ରାଜ୍ୟ ସ୍ତରରେ ଏବଂ ଜିଲ୍ଲାସ୍ତରରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପର ତଦାରଖ ବ୍ୟବସ୍ଥାକୁ ଅଧିକ ପ୍ରଭାବୀ କରିବାକୁ ମୁଖ୍ୟ ଶାସନ ସଚିବ ବୈଠକରେ ଗୁରୁତ୍ୱ ଦେଇଛନ୍ତି । ଲାକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, କୃଷି ଓ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡଃ. ଅରବିନ୍ଦ କୁମାର ପାଢ଼ୀଙ୍କ ସମେତ କମିଟିର ସଦସ୍ୟ ଥିବା ଗୃହ ଓ ନଗର ଉନ୍ନୟନ ବିଭାଗ, ବାଣିଜ୍ୟ ଓ ପରିବହନ ବିଭାଗ, ଶିଳ୍ପ, ଜଳ ସଂପଦ ବିଭାଗ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ବିଭାଗ ତଥା ଅନ୍ୟ ସଂପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରରେ ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ(ଏନସିଏପି)ର ଅଗ୍ରଗତି ସଂପର୍କରେ ଆଲୋଚନା ସହ ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (ଏସସିଏପି)ର ସ୍ଥିତି ଅନୁଧ୍ୟାନ କରାଯାଇଥିଲା । ଏନସିଏପି ଅଧୀନରେ ବାୟୁ ଗୁଣବତ୍ତାରେ ପିଏମ୧୦ ଓ ପିଏମ୨.୫ର ମାତ୍ରାକୁ ନିରନ୍ତରତା ଭିତ୍ତିରେ କମାଯିବା ଉପରେ ଗୁରୁତ୍ୱ ଦିଆଯାଉଛି । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତରଫରୁ ରାଜ୍ୟରେ ଏନସିଏପି କାର୍ଯ୍ୟକ୍ରମ ଅଗ୍ରଗତି ସମ୍ପର୍କରେ ଉପସ୍ଥାପନ କରାଯାଇଥିଲା ଏଥି ସହିତ ରାଜ୍ୟର ଯେଉଁସବୁ ସହର ଗୁଡ଼ିକ (ଏସସିଏପି) ରେ ଅନ୍ତର୍ଭୁକ୍ତ ହୋଇନାହାଁନ୍ତି, ସେଭଳି ପ୍ରଦୂଷଣ ମାତ୍ରା ଅଧିକ ରହୁଥିବା ଅନ୍ୟ ୧୨ଟି ସହରକୁ ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (ଏସସିଏପି) ରେ ଅନ୍ତର୍ଭୁକ୍ତ କରାଯାଇଛି। ୨୦୨୫ ରୁ ୨୦୩୦ ମସିହା ସୁଦ୍ଧା ଏସ୍‌ସିଏପି କାର୍ଯ୍ୟକାରୀ ହେବା ନିମନ୍ତେ ୨୦୨୫-୨୬ ରୁ ପ୍ରତିବର୍ଷ ପର୍ଯ୍ୟାୟକ୍ରମେ ଏ ସମସ୍ତ ସହରଗୁଡ଼ିକ ପାଇଁ ମୋଟ ୧୫୦ କୋଟି ଟଙ୍କା ବ୍ୟୟର ଆବଶ୍ୟକତା ଓ ସଂପର୍କରେ ଆର୍ଥିକ ମଂଜୁରୀ ନିମନ୍ତେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି।

# ପ୍ରତିଷ୍ଠା ହେଲା ୪୪ନୂଆ ସବ୍-ରେଜିଷ୍ଟ୍ରେସନ୍ ଅଫିସ୍

**ଭୁବନେଶ୍ୱର,୧।୧୧(ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ରାଜ୍ୟର ୧୩ଟି ଜିଲ୍ଲାର ୪୪ଟି ତହସିଲରେ ନୂଆ ସବ୍-ରେଜିଷ୍ଟ୍ରେସନ କାର୍ଯ୍ୟାଳୟ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପର୍ଯ୍ୟାୟକ୍ରମେ ରାଜ୍ୟର ସବୁ ତହସିଲରେ ସବ୍ ରେଜିଷ୍ଟ୍ରେସନ ଅଫିସ୍ ଖୋଲାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସରକାରୀ ସେବା ସୁବିଧାରେ ପାଇବା ହେଉଛି ଲୋକଙ୍କ ଅଧିକାର। ଲୋକଙ୍କୁ ସମ୍ମାନର ସହିତ ଉତମ ସେବା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ରାଜସ୍ୱ ବିଭାଗ କର୍ମଚାରୀ ମାନଙ୍କୁ ପରାମର୍ଶ ଦେଇଥିଲେ।

ଲୋକସେବା ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ନୂଆ ଉପନିବନ୍ଧନ ବା ସବ୍-ରେଜିଷ୍ଟ୍ରେସନ କାର୍ଯ୍ୟାଳୟର ଉଦ୍‌ଘାଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ, ରାଜସ୍ୱ ରେଜିଷ୍ଟ୍ରେସନ ଇନସ୍ପେକ୍ଟର ଜେନେରାଲ ପି ଅନ୍ୱେଷା ରେଡୀଙ୍କ ସହିତ ରାଜସ୍ୱ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଆଭାସୀ ଜରିଆରେ ୧୩ଟି ଜିଲ୍ଲାର ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପ-ଜିଲ୍ଲାପାଳ, ତହସିଲଦାର ଓ ସବ୍-ରେଜିଷ୍ଟ୍ରାର ମାନେ ଯୋଗଦେଇଥିଲେ।

ରାଜ୍ୟର ସମୁଦାୟ ୩୧୭ ତହସିଲ ମଧ୍ୟରୁ ୨୧୭ ତହସିଲରେ ପୂର୍ବରୁ ସବ୍-ରେଜିଷ୍ଟ୍ରେସନ ଅଫିସ୍ ଖୋଲାଯାଇଛି। ଅବଶିଷ୍ଟ ୧୦୦ରୁ ଆଜି ୪୪ଟି ସବ୍-ରେଜିଷ୍ଟ୍ରେସନ ଅଫିସ ଖୋଲାଗଲା। ବାକି ୫୬ଟି ପର୍ଯ୍ୟାୟକ୍ରମେ ଚଳିତବର୍ଷ ଶେଷ ସୁଦ୍ଧା ଖୋଲିବାପାଇଁ ଯୋଜନା ରଖାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତ ୧୬ ମାସ ଧରି ଆମ ସରକାର ପ୍ରଶାସନିକ ବ୍ୟବସ୍ଥାରେ ଅନେକ ସଂସ୍କାର ଆଣିଛନ୍ତି। ଆମର ମୂଳ ଲକ୍ଷ୍ୟ ହେଉଛି ଶାସନ ବ୍ୟବସ୍ଥାକୁ ସ୍ୱଚ୍ଛ, ପାରଦର୍ଶୀ ଓ ଲୋକାଭିମୁଖୀ କରିବା। ଯେତେଦୂର ସମ୍ଭବ ଶାସନ ବ୍ୟବସ୍ଥାକୁ ଲୋକଙ୍କ ଦୁଆର ମୁହଁକୁ ନେବା ହେଉଛି ଆମର ମୁଖ୍ୟ ଲକ୍ଷ୍ୟ। ଖୁସିର କଥା ଏହା ହାସଲ କରିବା ପାଇଁ ଟେକ୍ନୋଲୋଜିର ଉପଲବ୍ଧତା ରହିଛି।



ଟେକ୍ନୋଲୋଜିର ବ୍ୟବହାର କରି ସରକାର ଲୋକଙ୍କ ନିକଟତର ହୋଇପାରୁଛନ୍ତି ଏବଂ ଜନସାଧାରଣ ଘରେବସି ଅନେକ ସରକାରୀ ସେବା ସୁବିଧାରେ ପାଇପାରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବର୍ତ୍ତମାନ ରାଜ୍ୟ ସରକାର ୩୨ଟି ବିଭାଗର ୪୩୩ଟି ସେବାକୁ ଅନ୍‌ଲାଇନ ଜରିଆରେ ଯୋଗାଇ ଦେଉଛନ୍ତି। ନିକଟରେ ଜମିଜମା ପଞ୍ଜୀକରଣ ପାଇଁ ସ୍ଲଟ୍ ବୁକିଂ ନିମନ୍ତେ ଇ-ରେଜିଷ୍ଟ୍ରେସନ ମୋବାଇଲ୍ ଆପ୍ ର ମଧ୍ୟ ଶୁଭାରମ୍ଭ ହୋଇଥିଲା। ଏଥିରେ ସ୍ଲଟ ବୁକିଂ ସହିତ ଇ.ସି ଏବଂ ଅନ୍ୟାନ୍ୟ ଜରୁରୀ କାଗଜପତ୍ର ମଧ୍ୟ ମିଳିପାରୁଛି। ଉଦ୍ଦେଶ୍ୟ ହେଉଛି ଯେତେଦୂର ସମ୍ଭବ ଲୋକଙ୍କୁ ସୁବିଧାରେ ଓ ସହଜରେ ସେବା ଯୋଗାଇଦେବା। ସ୍ମାର୍ଟ ସର୍ଭେଲାନ୍‌ସ ଜରିଆରେ ସମସ୍ତ ସବ୍-ରେଜିଷ୍ଟ୍ରେସନ ଅଫିସକୁ ସିସିଟିଭି ଜରିଆରେ ନୀରିକ୍ଷଣ କରାଯାଉଛି। ଏହାଦ୍ୱାରା କର୍ମଚାରୀ ମାନଙ୍କର ସମୟାନୁବର୍ତ୍ତୀତା ଏବଂ ପାରଦର୍ଶିତାକୁ ସୁନିଶ୍ଚିତ କରାଯାଇ ପାରୁଛି। ଉପନିବନ୍ଧନ କାର୍ଯ୍ୟାଳୟକୁ ଦୁର୍ନୀତି ମୁକ୍ତ ଓ ମଧ୍ୟସ୍ଥି ମୁକ୍ତ କରିବା ଦିଗରେ ଏହି ସ୍ମାର୍ଟ ସର୍ଭେଲାନ୍ସ ବ୍ୟବସ୍ଥା ଖୁବ୍ ଉପଯୋଗୀ ହୋଇପାରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସବୁ ତହସିଲରେ ସବ୍‌ରେଜିଷ୍ଟ୍ରେସନ ଅଫିସ ଖୋଲିବା ଦ୍ୱାରା ଜନସାଧାରଣଙ୍କୁ ଅନେକ ସୁବିଧା ମିଳିପାରିବ। ଦୂରଦୂରାନ୍ତକୁ ଯାଇ ଜମି ପଞ୍ଜୀକରଣ କରିବାର ଅସୁବିଧା ଓ ଖର୍ଚ୍ଚରୁ ମୁକ୍ତି, ସମୟଉପଯୁକ୍ତ ପଞ୍ଜୀକରଣ, ସହଜରେ ମ୍ୟୁଟେସନ ପଟ୍ଟା ଉପଲବ୍ଧ , ରାଜସ୍ୱ ସଂଗ୍ରହରେ ଉନ୍ନତି ଏବଂ ସର୍ବୋପରି ଜମି ପଞ୍ଜୀକରଣରେ ପାରଦର୍ଶିତା ବୃଦ୍ଧି ହୋଇପାରିବ ବୋଲି ସେ କହିଥିଲେ। ନୂଆ ସରକାର ଆସିବା ପରେ ରାଜସ୍ୱ ମନ୍ତ୍ରୀ ପୂଜାରୀଙ୍କ ନେତୃତ୍ୱରେ ବିଭାଗ ପକ୍ଷରୁ ଲୋକଙ୍କୁ ସେବା ପ୍ରଦାନ କରିବାରେ ଦକ୍ଷତା ଆସିଛି ବୋଲି ମତଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ବିଭାଗ ଅଳ୍ପ ସମୟ ମଧ୍ୟରେ ୨, ୧୮, ୬୧,୦୬୩ଟି ସେବା ଅନଲାଇନ ଜରିଆରେ ଯୋଗାଇଦେଇଥିବା ବେଳେ ୨୫ ହଜାରରୁ ଅଧିକ ବାସଗୃହହୀନ ଲୋକଙ୍କୁ ଘରବାଡି ପଟ୍ଟା ଦିଆଯାଇଛି। ୨୭ ଲକ୍ଷ ଖାତାକୁ ସର୍ବେକ୍ଷଣ କରାଯାଇ ମୃତ ଲୋକଙ୍କ ଜମିବାଡିକୁ ସେମାନଙ୍କ ଉତ୍ତରାଧିକାରୀଙ୍କ ନାମରେ ରେକର୍ଡ କରାଯାଇଛି।

# ଶଙ୍କର ପୃଷ୍ଟି ଗିରଫ

**ଭୁବନେଶ୍ୱର,୧।୧୧ (ମହାଭାରତ):** ପୋଲିସ୍ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀର ମାଷ୍ଟର ମାଇଣ୍ଡ ଥିବା ଶଙ୍କର ପୃଷ୍ଟିକୁ



କ୍ରାଇମବ୍ରାଞ୍ଚ ନେପାଳ ବର୍ଡରସ୍ଥିତ ଉତ୍ତରାଖଣ୍ଡରୁ ଗିରଫ କରିଛି। ଘଟଣା ପରଠାରୁ ସେ ଫେରାର ଥିଲା। କିନ୍ତୁ ତାଙ୍କ ସହ ଅନ୍ୟ ସହଯୋଗୀମାନେ ଗିରଫ ହୋଇ ବର୍ତ୍ତମାନ ଜେଲରେ ଅଛନ୍ତି। ମାମଲାରେ ଦୁଇ ପ୍ରମୁଖ ସହଯୋଗୀଙ୍କ ସହ ୫ ଅଭିଯୁକ୍ତଙ୍କୁ ଗିରଫ କରିଥିଲା କ୍ରାଇବବ୍ରାଞ୍ଚ। ଶଙ୍କରର ଦୁଇ ପ୍ରମୁଖ ସହଯୋଗୀ ମୁନା ମହାନ୍ତି ଓ ଅରବିନ୍ଦ ଦାସ ଗିରଫ ହୋଇ ଜେଲରେ ଅଛନ୍ତି। ଏଥିସହ କେଳେଙ୍କାରୀ ଦରାପଡିବା ପରେ ଆଇନଗତ ଏବଂ ଅନ୍ୟ ସହାୟତା କରିଥିବା ଶ୍ରୀକାନ୍ତ ମହାରଣା, ଶଙ୍କରର ପତ୍ନୀ ଦିପ୍ତୀମୟୀ ସାହୁ, ଅଭିମନ୍ୟୁ ଦୋରାଙ୍କୁ ମଧ ଗିରଫ କରାଯାଇଛି।

# ସେମିକଣ୍ଡକ୍ଟର ମ୍ୟାନୁଫାକଚରିଂ ୟୁନିଟର ଭିତ୍ତିପ୍ରସ୍ତର ସ୍ଥାପନ

**ଭୁବନେଶ୍ୱର,୧।୧୧(ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡିଶା ସେମିକଣ୍ଡକ୍ଟର କ୍ଷେତ୍ରରେ ଆଉ ଏକ ପାଦ ଆଗକୁ ବଢିଛି। ଶନିବାର ଭୁବନେଶ୍ୱରର ଇନ୍‌ଫୋଭ୍ୟାଲି ଠାରେ ସିକସେମ୍ ପ୍ରାଇଭେଟ୍ ଲିମିଟେଡର ଭୂମି ପୂଜନ ସମାରୋହରେ ଯୋଗଦେଇଛନ୍ତି । ସୂଚନାଯୋଗ୍ୟ ଯେ ସମୁଦାୟ ୨୦୦୦ କୋଟି ଟଙ୍କାର ପୁଞ୍ଜିନିବେଶରେ ଏହି ମ୍ୟାନୁଫାକଚରିଂ ୟୁନିଟର ଭିତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାଦ୍ୱାରା ପ୍ରାୟ ୧୦୦୦ ପ୍ରଫେସନାଲ ମାନଙ୍କୁ ନିଯୁକ୍ତି ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସେମିକଣ୍ଡକ୍ଟର କ୍ଷେତ୍ରରେ ଓଡିଶାର ବିକାଶ ଯାତ୍ରା ଆହୁରି ମଜବୁତ୍ ହେଉଛି। ଏହି ମୁହୂର୍ତ୍ତ କେବଳ ଇଟା ଏବଂ ସିମେଂଟ ବିଷୟରେ ନୁହେଁ; ଏହା ଆକାଂକ୍ଷା, ସ୍ଥିରତା, ସହଯୋଗ, ଏବଂ ଆତ୍ମନିର୍ଭରଶୀଳତାର ଉଦାହରଣ । ଏଥିରେ ଯେଉଁ ସେମିକଣ୍ଡକ୍ଟର ନିର୍ମିତ ହେବ, ତାହା ମିଜାଇଲ, ଇଲେକ୍ଟ୍ରୋନିକ୍ ଗାଡି, ପ୍ରତିରକ୍ଷା ଇକ୍ୟୁପମେଂଟ, ରେଲୱେ ଓ ସୌରଶକ୍ତି ଭଳି ଆଧୁନିକ କ୍ଷେତ୍ରରେ ବ୍ୟବହାର କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ, ଆଜି ଭୁବନେଶ୍ୱର ଆଇ.ଆଇ.ଟି ରେ ମଧ୍ୟ ସିକସେମ୍



କମ୍ପାନୀ ୬୪ କୋଟି ଟଙ୍କା ବିନିଯୋଗରେ ଏକସ୍ପ୍ରିସର୍ଚ୍ଚ ଆଣ୍ଡ ଇନୋଭେସନ୍ ସେଂଟର ସ୍ଥାପନ କରିଛି। କେନ୍ଦ୍ର ରେଳ ମନ୍ତ୍ରୀ ତାଙ୍କ ଏମପି ଲାଡ୍ ଫଣ୍ଡରୁ ୫ କୋଟି ଟଙ୍କା ବିନିଯୋଗ କରି ଆଇ.ଆଇ.ଟି ଭୁବନେଶ୍ୱରରେ ଏକ 'ନମୋ ସେମିକଣ୍ଡକ୍ଟର ଲାବୋରେଟୋରି' ସ୍ଥାପନ ପାଇଁ ଅନୁମୋଦନ ଦେଇଛନ୍ତି। ଏହା ସ୍ଥାପନ ହେବା ଦ୍ୱାରା ଛାତ୍ରଛାତ୍ରୀ ମାନେ ସେମିକଣ୍ଡକ୍ଟର ସମ୍ପର୍କରେ ଅଧିକ ଗବେଷଣାର ସୁଯୋଗ ପାଇବେ। ମୁଖ୍ୟମନ୍ତ୍ରୀ କହିଥିଲେ ଯାହା ପୂର୍ବରୁ ବର୍ଷ ବର୍ଷ ସମୟ ଲାଗି ଯାଉଥିଲା ତାହା ଏବେ ମାସକରେ ସମ୍ପୂର୍ଣ୍ଣ ହେଉଛି। ଏହା ହେଉଛି ନୂତନ ଭାରତର ଗତି ଏବଂ ଶକ୍ତି। ବେଙ୍ଗାଲୁରୁ ପରେ, ଆଜି ଓଡ଼ିଶା ଭାରତର ନୂତନ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ରାଜଧାନୀ ଭାବରେ ଉଭା ହେଉଛି। 'ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ, ଭାରତ ଚିପ୍ ରୁ ସିପ୍ ପର୍ଯ୍ୟନ୍ତ ସମସ୍ତ ମିଶନରେ ଆଗକୁ ବଢ଼ୁଛି । ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ ଉତ୍ପାଦନରେ ଆତ୍ମନିର୍ଭରଶୀଳତାର ଓଡିଶା ଏକ ନୂତନ କାହାଣୀ ସୃଷ୍ଟି କରୁଛି ବୋଲି ସେ କହିଥିଲେ। ସେ ପୁଣି କହିଥିଲେ ପ୍ରଧାନମନ୍ତ୍ରୀଙ୍କ ସେମିକଣ୍ଡକ୍ଟର ମିଶନ୍ ର ସଫଳତାରେ ଓଡ଼ିଶା ଏକ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଛି। ଦିଲ୍ଲୀରେ ମଧ୍ୟ ଦୁଇଟି କମ୍ପାନୀ ଓଡ଼ିଶାରେ ସେମିକଣ୍ଡକ୍ଟର ୟୁନିଟ ପ୍ରତିଷ୍ଠା ପାଇଁ ଏମଓୟୁ କରିଥିଲେ । ଆଗାମୀ ଦିନରେ ଏହି ଦୁଇ କମ୍ପାନୀ ଓଡ଼ିଶାରେ ପ୍ରାୟ ୩୦୦୦ କୋଟି ଟଙ୍କା ନିବେଶ କରିବେ । ସେମିକଣ୍ଡକ୍ଟର କ୍ଷେତ୍ରରେ ଦେଶରେ ଓଡିଶା ଏକ ହବ୍ ଭାବେ ପରିଗଣିତ ହେବ। କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଯୋଗଦେଇ କେନ୍ଦ୍ର ରେଳ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱପ୍ନ ସାକାର ହେଉଛି, ଓଡିଶା ପୂର୍ବୋଦୟର ଗେଟ-ୱେ ଭାବେ ବିକଶିତ ହେଉଛି। ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା ଶିଳ୍ପ ଏବଂ ଶିକ୍ଷାକୁ ସମନ୍ୱୟ କରି ଆଜି ଆଇ.ଆଇ.ଟି ଭୁବନେଶ୍ୱରରେ 'ନମୋ ସେମିକଣ୍ଡକ୍ଟର ଲାବୋରେଟୋରି' ସ୍ଥାପନ କରାଯିବ ବୋଲି ସେ ଘୋଷଣା କରିଥିଲେ। ଆଜି ଯୁବ ପିଢି ପାଇଁ ଏ କ୍ଷେତ୍ରରେ ନିଜର ଅଧିକ ଜ୍ଞାନ ଆହରଣ ଓ ଗବେଷଣ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ହେବ। କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଥିଲେ ଯେ, ଆଇ.ଟି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ପାଇଁ ସେମିକଣ୍ଡକ୍ଟର ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରୁଛି ଏବଂ ଓଡିଶା ଏହି ଗୁରୁ ଦାୟିତ୍ୱକୁ ବହନ କରି ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ ବିକଶିତ ଭାରତର ସ୍ୱପ୍ନକୁ ସାକାର କରୁଛି।

# ୪ ଝୁଲନ୍ତା ଶବ ଉଦ୍ଧାର

**ବରଗଡ,୧।୧୧(ମହାଭାରତ):** ଝୁଲନ୍ତା ଅବସ୍ଥାରେ ୪ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ବରଗଡ଼ର ଅତାବିରାରେ ଘଟିଥିବା ୨ଟି ଭିନ୍ନ ଘଟଣାରେ ୪ଜଣଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି। ଗୋଟିଏ ପଟେ ବୃଦ୍ଧ ଦମ୍ପତି ଜୀବନ ହାରିଥିବା ବେଳେ ଅନ୍ୟପଟେ ପ୍ରେମୀ ଯୁଗଳ ଜୀବନ ହାରିଛନ୍ତି।

ଶନିବାର ବିଳମ୍ବିତ ରାତିରେ ବେକରେ ଦଉଡ଼ି ଲଗାଇ ବୃଦ୍ଧ ଦମ୍ପତ୍ତି ଜୀବନ ହାରିଛନ୍ତି। ବରଗଡ଼ ସଦର ଥାନା ଅନ୍ତର୍ଗତ ସରସରା ଗ୍ରାମ ପଞ୍ଚାୟତର ଗଞ୍ଜିହା ଟିକ୍ରାରେ ଏହି ଅଭାବନୀୟ ଘଟଣା ଘଟିଛି। ଖବର ପାଇ ସଦର ପୁଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତ ଦମ୍ପତି ହେଲେ ୭୦ ବର୍ଷୀୟ କିରତି ପଧାନ ଓ ୬୫ ବର୍ଷୀୟା ଶାନ୍ତି ପଧାନ। ଉଭୟ କୌଣସି କାରଣକୁ ନେଇ ମାନସିକ ଚାପରେ ଥିବା ପରିବାର ଲୋକେ କହିଛନ୍ତି।

ଅନ୍ୟପଟେ ବରଗଡ଼ ଜିଲ୍ଲାର ଅତାବିରା ଥାନା ଅନ୍ତର୍ଗତ କୁମେଲସିଂହା ଗ୍ରାମରେ ଏକ ପ୍ରେମୀ ଯୁଗଳଙ୍କ ବେକରେ ରଶି ଲଗାଇ ଜୀବନ ହାରିଥିବା ଖବର ମିଳିଛି।

ପୁଲିସର ସୂଚନା ଅନୁସାରେ, କୁମଲେସିଂହ ଶବରପଡ଼ାର ହିମାଂଶୁ ଭୁଏ (୪୧) ଓ ବର୍ଗୀଟିକ୍ରାର ମିନତି (୩୫) (ଛଦ୍ମନାମ) ଉଭୟ ବିବାହିତ ଥିଲେ। ଏହା ସତ୍ତ୍ୱେ ବି ଉଭୟ ପରସ୍ପରର ପ୍ରେମରେ ପଡ଼ିଥିଲେ। ପରିବାର ଲୋକେ ଏହା ବିଷୟରେ ଜାଣିବା ପରେ ସେଥିରୁ ନିବୃତ୍ତ ରହିବାକୁ କହିଆସୁଥିଲେ। କିନ୍ତୁ ଉଭୟେ କାହା କଥାକୁ ଖାତିର ନକରି ପ୍ରେମ ସମ୍ପର୍କ ରଖିଥିଲେ। ସପ୍ତାହେ ପୂର୍ବରୁ ଉଭୟ ଘର ଛାଡ଼ି ଚାଲିଯାଇଥିବା ବେଳେ ଗୁରୁବାର ସେମାନଙ୍କର ଝୁଲନ୍ତା ମୃତଦେହ ମିଳିଥିଲା। ବର୍ଗୀଟିକ୍ରା ନିକଟ ପୋଟଳ ବାଡ଼ିରେ ଥିବା ଆମ୍ବଗଛରେ ଦୁହେଁ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ହିମାଂଶୁଙ୍କର ୨ଟି ଓ ମିନତିଙ୍କର ୪ଟି ସନ୍ତାନ ଥିଲେ। ବ୍ୟବଚ୍ଛେଦ ପରେ ହିମାଂଶୁଙ୍କର ପରିବାର ଲୋକେ ତାଙ୍କ ଶବସତ୍କାର କରିଥିବା ବେଳେ ମିନତିଙ୍କ ପରିବାର ଲୋକେ ମୃତଦେହ ଗ୍ରହଣ କରିନଥିଲେ।

## ଚୁଡ଼ା ଖିରୀ



ଆବଶ୍ୟକ ସାମଗ୍ରୀ: ଚୁଡ଼ା,କ୍ଷୀର,ଚିନି,ମିଲ୍କମେଡ୍,ନଡ଼ିଆ କୋରା,ଗୁଜୁରାତି,କାଜୁ-କିସମିସ ଓ ଘିଅ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚୁଡ଼ାକୁ ପାଣିରେ ଭଲ ଭାବେ ଧୋଇ ଚିପୁଡ଼ି ଏକ ମାତ୍ରରେ ରଖିଦିଅନ୍ତୁ। ବର୍ତ୍ତମାନ କଡ଼େଇରେ ଅଳ୍ପ ଘିଅ ଗରମ କରି ଏଥିରେ ଧୁଆ ଚୁଡ଼ାକୁ ପକାଇ ହାଲକା ଭାଜନ୍ତୁ। ଚୁଡ଼ା ଟିକେ ଭାଜି ହୋଇଗଲେ ଏହାକୁ ଏକ ପ୍ଲେଟକୁ କାଢି ଦିଅନ୍ତୁ।

ଏବେ କଡ଼େଇରେ ଆଉ ଟିକେ ଘିଅ ଗରମ କରି ଏଥିରେ କାଜ,କିସମିସ ପକାଇ ହାଲକା ଭାଜନ୍ତୁ ଓ କାଢି ରଖନ୍ତୁ। ଏହା ପରେ ଏକ ପାତ୍ରରେ କ୍ଷୀରରେ ଗୁଜୁରାତି ପକାଇ ଫୁଟାନ୍ତୁ। କ୍ଷୀର ଫୁଟି ମରିଗଲେ ସେଥିରେ ଚୁଡ଼ା ପକାନ୍ତୁ। ଚୁଡ଼ା ଟିକେ ଫୁଲି ଖୋଲି ଗଲା ପରେ ଏଥିରେ ଚିନି,ମିଲ୍କ ମେଡ଼୍,ନଡ଼ିଆ କୋରା ଓ ଭଜା କାଜୁ-କିସମିସ ପକାଇ ଫୁଟାନ୍ତୁ। କ୍ଷୀର ଓ ଚୁଡ଼ା ମିଶି ଖିରି ଭଳି ହୋଇଗଲେ ଏହାକୁ ଚୁଲିରୁ ଓହ୍ଲାଇଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ଚୁଡ଼ା ଖିରୀ' ।

## ଖବର

# ୧୦ ବର୍ଷ ପରେ 'ବାହୁବଳୀ' ଫିଲ୍ମର ରହିଛି କ୍ରେଜ




ପୁଣି କମାଲ୍ ଦେଖାଇଲା ଏସଏସ ରାଜମୌଲୀଙ୍କ ଫିଲ୍ମ ''ବାହୁବଳୀ ଦ ଏପିକ୍'' । ଯେଉଁଥିରେ ସାଉଥ ସୁପରଷ୍ଟାର ପ୍ରଭାସ ବାହୁବଳୀ ଭୂମିକାରେ ପୁଣି ନଜର ଆସିଛନ୍ତି ।ଗତକାଲି ରିଲିଜ ହେବା ପରେ ପ୍ରଥମ ଦିନରେ ବକ୍ସ ଅଫିସରେ ଦମଦାର ଓପନିଂ କରିଛି । ବାହୁବଳୀର ୨ ଟି ପାର୍ଟ ସଫଳ ହେବାର ୧୦ ବର୍ଷ ପରେ ଏସଏସ ରାଜମୌଲୀ ଏହାର ଆଉ ଏକ ପାର୍ଟ ଥିଏଟରକୁ ଫେରାଇ ଆଣିଛନ୍ତି । କିନ୍ତୁ ଏହି ପାର୍ଟରେ ପୂର୍ବ ୨ଟି ପାର୍ଟର ଝଲକ ଦେଖିବାକୁ ପାଇବେ ଦର୍ଶକ । ଏହି ଫିଲ୍ମକୁ ନେଇ ଦର୍ଶକଙ୍କ ମଧ୍ୟରେ କ୍ରେଜ୍ ବଢିବାରେ ଲାଗିଛି । ଯାହା ଖୁବ୍ ଭଲ ପ୍ରତିକ୍ରିୟା ହାସଲ କରିଛି । ରାଜାମୌଲୀଙ୍କ ଫିଲ୍ମର ପ୍ରଥମ ଦିନର ବକ୍ସ ଅଫିସ କଲେକ୍ସନ ପ୍ରକାଶ ପାଇଛି ।ଆପଣଙ୍କୁ ଜଣାଇ ରଖୁଛୁ ଯେ, ବାହୁବଳୀ ଦି ଏପିକ୍ ଫିଲ୍ମଟି ପ୍ରଥମ ଦିନରେ ୯.୨୫ କୋଟି ଟଙ୍କା ଆୟ କରିଥିଲା । ଯେଉଁଥିରେ ୧.୧୫ କୋଟି ଟଙ୍କା ସ୍କ୍ରିନିଂରୁ ଆୟ କରିଥିଲା । ଯାହା ପ୍ରଥମ ଦିନରେ ମୋଟ୍ ଆୟ ପ୍ରାୟ ୧୦.୪ କୋଟି ଟଙ୍କା କରିଥିଲା ।ଯଦି ହିନ୍ଦୀ ଭାଷାରେ କୁହାଯାଏ ତେବେ ଏହି ଫିଲ୍ମ ପ୍ରାୟ ୧.୨୫-୧.୫୦ କୋଟି ଟଙ୍କା ରୋଜଗାର କରିଥିଲା । ସାରା ବିଶ୍ୱରେ ଏହା ପ୍ରଥମ ଦିନରେ ମୋଟ୍ ୧୪ କୋଟି ଟଙ୍କା ହାସଲ କରିଥିଲା । ଯାହା ବିଶେଷ କରି ସାଉଥ ଦର୍ଶକଙ୍କୁ ଆକର୍ଷିତ କରିଥିଲା । ସାଉଥରେ ଏହି ଫିଲ୍ମ ପ୍ରଥମ ଦିନରେ ୬୩.୬୩% କରିଥିଲା । ପ୍ରଥମ ସପ୍ତାହରେ ଏହି ଫିଲ୍ମ ଭଲ ଆୟ କରିବ ବୋଲି ଅନୁମାନ କରାଯାଉଛି । ଯାହାକୁ ଏବେ ସୋସିଆଲ ମିଡିଆରେ ସକରାତ୍ମକ ପ୍ରତିକ୍ରିୟା ମିଳୁଛି ।

## ପଞ୍ଚଦେବତାଙ୍କୁ ପୂଜା କରାଯାଏ କାହିଁକି ?



ଶାସ୍ତ୍ର ଅନୁସାରେ ପାଞ୍ଚ ଜଣଙ୍କୁ ପ୍ରମୁଖ ଦେବତା ଭାବେ ବିଚାର କରାଯାଇଛି। ତେଣୁ ଯେକୌଣସି ଶୁଭ କାର୍ଯ୍ୟର ପ୍ରାରମ୍ଭରେ ସେମାନଙ୍କୁ ପୂଜା କରିବା ଅନିବାର୍ଯ୍ୟ ବୋଲି ପରମ୍ପରା ରହିଛି। ତେବେ ଏହି ପଞ୍ଚଦେବଙ୍କୁ ବିଧିବଧ ଭାବେ ପୂଜା କଲେ ସମସ୍ତ କାର୍ଯ୍ୟ ନିର୍ବିଘ୍ନ ପୂର୍ଣ୍ଣ ହୋଇଥାଏ। ଏହି ପଞ୍ଚ ଦେବଙ୍କ ମଧ୍ୟରେ ଅଛନ୍ତି, ଶ୍ରୀଗଣେଶ, ଶ୍ରୀବିଷ୍ଣୁ, ଶ୍ରୀଶିବ, ଶ୍ରୀସୂର୍ଯ୍ୟ ଏବଂ ଦେବୀ ମାତା। ଆହୁରି ଆମ ଶରୀର ପଞ୍ଚ ମହାଭୂତରେ ଗଠିତ। ତେଣୁ ସେହି ପଞ୍ଚତତ୍ତ୍ୱରେ ଏହି ପାଞ୍ଚ ଦେବାଦେବୀ ବାସ କରନ୍ତି ବୋଲି ବି ବିଶ୍ୱାସ କରାଯାଏ। ଗଣେଶଙ୍କୁ ଜଳ ତତ୍ତ୍ୱ, ବିଷ୍ଣୁଙ୍କୁ ବାୟୁ ତତ୍ତ୍ୱ, ଶିବଙ୍କୁ ପୃଥ୍ୱୀ ତତ୍ତ୍ୱ, ସୂର୍ଯ୍ୟଙ୍କୁ ଆକାଶ ତତ୍ତ୍ୱ ଏବଂ ଦେବୀଙ୍କୁ ଅଗ୍ନି ତତ୍ତ୍ୱ ବୋଲି ବିଚାର କରାଯାଏ। ଆମ ଜୀବନ ପାଇଁ ସର୍ବପ୍ରଥମେ ଜଳର ଆବଶ୍ୟକତା ରହିଛି। ଏଣୁ ଶ୍ରୀଗଣେଶଙ୍କୁ ପ୍ରଥମେ ପୂଜା କରାଯାଏ। ଏହିପରି ଭାବେ ଏସମସ୍ତ ଦେବାଦେବୀଙ୍କୁ ପଞ୍ଚଦେବତା ଭାବେ ନିତ୍ୟ ପୂଜା କରାଯାଇଥାଏ। ଯେହେତୁ ଆମ ଶରୀରରେ ପଞ୍ଚ ତତ୍ତ୍ୱ ବିଦ୍ୟମାନ ତେଣୁ ପଞ୍ଚ ଦେବତା ମଧ୍ୟ ସେହି ଅନୁସାରେ ବିଦ୍ୟମାନ ଅଚନ୍ତି। ପଞ୍ଚ ଦେବାତଙ୍କୁ ପୂଜା କରିବା ଅର୍ଥ ନିଜେ ନିଜକୁ ପୂଜା କରିବା ସହ ସମାନ ବୋଲି ବିଚାର କରାଯାଏ।

# ବିବେକରୂପୀ ଜ୍ଞାନ ଦୂରକରେ ହୃଦୟର ଅନ୍ଧକାର

ଭଗବାନ ଶ୍ରୀରାମ ବେଳେ ବେଳେ ଗୁରୁ ବଶିଷ୍ଠଙ୍କ ଆଶ୍ରମକୁ ଯାଇ ତାଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରୁଥିଲେ। ଦିନେ ସତ୍‌ପୁରୁଷଙ୍କ ସହ ସତ୍‌ସଙ୍ଗ କରିବାର ମହତ୍ତ୍ୱ ବିଷୟରେ ଶ୍ରୀରାମ ପଚାରିଲେ । ତାଙ୍କୁ ବୁଝାଇବାକୁ ଯାଇ ଗୁରୁ ବଶିଷ୍ଠ କହିଲେ, ଯେପରି ଦୀପ ଅନ୍ଧାରକୁ ନଷ୍ଟ କରିଥାଏ, ସେହିପରି ବିବେକ ଜ୍ଞାନ ସମ୍ପନ୍ନ ମହାପୁରୁଷ ହୃଦୟରେ ଥିବା ଆନନ୍ଦରୂପୀ ଅନ୍ଧକାରକୁ ହଟାଇବା ଲାଗି ସମର୍ଥ ହୋଇଥାଏ । ସେଥିପାଇଁ ସମସ୍ତ ଧର୍ମଗ୍ରନ୍ଥରେ ପ୍ରତିଦିନ ସତ୍‌ସଙ୍ଗ ଏବଂ ଶାସ୍ତ୍ର ବ୍ୟାଖ୍ୟାନ କରିବା ପାଇଁ ପରାମର୍ଶ ଦିଆଯାଇଛି । ମହର୍ଷି ବଶିଷ୍ଠ ଆହୁରି କହିଥିଲେ ଯେ ବିବେକୀ ମହାପୁରୁଷମାନେ ଇନ୍ଦ୍ରିୟ ଅନୁଗ୍ରାହୀ ହୋଇଥାନ୍ତି, ବୈରାଗୀ ତଥା ପ୍ରତିକ୍ଷଣରେ ବ୍ରହ୍ମ ଚିନ୍ତନ କରିଥାନ୍ତି । ଏଭଳି ମହାପୁରୁଷଙ୍କ ଠାରେ ତମୋଗୁଣର ଅଭାବ ରହିଥାଏ, ରଜୋଗୁଣ ଠାରୁ ଏମାନେ ଦୂରରେ ରହିଥାନ୍ତି । ଏମାନଙ୍କ ହୃଦୟରେ ସଂସାର ପ୍ରତି ବୈରାଗ୍ୟ ସୁଦୃଢ଼ ଥାଏ । ପୁଣ୍ୟ ବଳରେ ଏଭଳି ସତ୍‌ପୁରୁଷଙ୍କ ସାନ୍ନିଧ୍ୟ ମିଳିବା ସମ୍ଭବ । ଆନନ୍ଦ ସ୍ୱରୂପ ଆତ୍ମାର ଅନୁଭୂତି ହେବା ଦ୍ୱାରା ସାଧକ ଧନ-ସମ୍ପତ୍ତି, ଭୋଗ-ବୈଭବ ତ୍ୟାଗ କରିବା ଲାଗି ସର୍ବଦା ତତ୍ପର ରହିଥାଏ । ଏଥର ଶ୍ରୀରାମ ପଚାରିଲେ, ଗୁରୁବର, ଏଭଳି ମହାପୁରୁଷଙ୍କ ସର୍ବୋତ୍କୃଷ୍ଟ ଗୁଣ କ'ଣ ? ବଶିଷ୍ଠ କହିଲେ, ସେହି ଗୁଣର ନାମ ହେଉଛି ବିବେକ । ବିବେକ ଅଧିକାରୀ ପୁରୁଷର ହୃଦୟରୂପୀ



ଗୁମ୍ଫା ଏଭଳି ହୋଇଥାଏ, ଯେପରି ନିର୍ମଳ ଆକାଶରେ ଚନ୍ଦ୍ର । ବିବେକ ହିଁ ଅଜ୍ଞାନୀ ଜୀବକୁ ଜ୍ଞାନ ପ୍ରଦାନ କରିଥାଏ । ଜ୍ଞାନସ୍ୱରୂପ ଆତ୍ମା ହିଁ ପରମେଶ୍ୱର । ଜ୍ଞାନରୂପୀ ସୂର୍ଯ୍ୟ ଉଦୟ ହେବା ମାତ୍ରେ ସଂସାର ରୂପୀ ରାତ୍ରୀ ବିତିଯାଇ ମନରେ ଥିବା ପିଶାଚ ନଷ୍ଟ ହୋଇଯାଇଥାଏ ।

# ମଙ୍ଗଳସୂତ୍ରର ମହତ୍ତ୍ୱ



ମଙ୍ଗଳସୂତ୍ରର ଧାର୍ମିକ ମହତ୍ତ୍ୱ ଓ ଏହା ସହ ଜଡ଼ିତ ମାନ୍ୟତା-

ହିନ୍ଦୁ ଧର୍ମର ପରମ୍ପରା ଅନୁଯାୟୀ ବିବାହ ପରେ ମହିଳାମାନେ ବିଭିନ୍ନ ଶୃଙ୍ଗାର ଦ୍ରବ୍ୟ ବ୍ୟବହାର କରିଥାଆନ୍ତି। ଏହାସହ ବହୁ ଗହଣା ପିନ୍ଧିବାର ମଧ୍ୟ ଆବଶ୍ୟକତା ଥାଏ । ମଙ୍ଗଳସୂତ୍ର ମଧ୍ୟ ସେହି ଗହଣା ମଧ୍ୟରୁ ଗୋଟିଏ। ମଙ୍ଗଳସୂତ୍ର କଳା ମୋତି ଓ ସୁନାର ଲକେଟକୁ ନେଇ ତିଆରି କରାଯାଏ । ଏହା ଅଖଣ୍ଡ ସୌଭାଗ୍ୟର ପ୍ରତୀକ କାରଣ ନାରୀଟି ନିଜ ସ୍ୱାମୀଙ୍କ ଦ୍ୱାରା ହିଁ ବିବାହ ସମୟରେ ମଙ୍ଗଳସୂତ୍ର ପିନ୍ଧିଥାଏ । ମଙ୍ଗଳସୂତ୍ରରେ ଥିବା କଳା ମୋତି ନାରୀମାନଙ୍କୁ ନକରାତ୍ମକ ଦୃଷ୍ଟିରୁ ରକ୍ଷା କରିଥାଏ ।




ମଙ୍ଗଳସୂତ୍ର ଧାରଣ କରିବା ଏକ ପରମ୍ପରା ଭାବେ ବହୁ ପୁରାତନ ସମୟରୁ ପାଳନ ହୋଇଆସୁଛି । ମଙ୍ଗଳସୂତ୍ରକୁ ବିବାହର ଓ ସ୍ୱାମୀଙ୍କର ଏକ ପ୍ରତୀକ ବୋଲି କୁହାଯାଏ। ବିବାହ ପରେ ସଧବା ନାରୀମାନେ ମଙ୍ଗଳସୂତ୍ରକୁ ଶ୍ରଦ୍ଧାପୂର୍ବକ ଧାରଣ କରି ଥାଆନ୍ତି । ଏହା ଷୋହଳ ଶୃଙ୍ଗାର ମଧ୍ୟରୁ ଗୋଟିଏ ଅଟେ । ମାତ୍ର ଏହା କେବଳ ଏକ ଗହଣା ନୁହେଁ, ଏଥିରେ ବହୁ ଚମତ୍କାରୀ ଓ ଲାଭଦାୟକ ଗୁଣ ମଧ୍ୟ ରହିଛି ।

ମଙ୍ଗଳସୂତ୍ର ଧାରଣ କରିବାର ବୈଜ୍ଞାନିକ ମହତ୍ତ୍ୱ-

ବୈଜ୍ଞାନିକ ଦୃଷ୍ଟିକୋଣରୁ କୁହାଯାଏ ଯେ, ମଙ୍ଗଳସୂତ୍ର ସୁନା ଅଥବା ଚାନ୍ଦି ଓ କଳା ମୋତିରେ ନିର୍ମିତ ହୋଇଥାଏ । ଦୁଇଟି ଧାତୁ ଚାନ୍ଦି ଓ ସୁନା ମହିଳାଙ୍କ ହୃଦୟକୁ ସୁସ୍ଥ ରଖିଥାଏ । ଏହି ଧାତୁ କାରଣରୁ ନାରୀମାନଙ୍କ ରକ୍ତଚାପ ସଠିକ ରହିଥାଏ । ମଙ୍ଗଳସୂତ୍ରରେ ଥିବା ସୁନା ଶକ୍ତି ଓ ତେଜର ପ୍ରତୀକ । ତେଣୁ ସୁନା ଧାରଣ କରିବା ଦ୍ୱାରା ମହିଳାଙ୍କୁ ଶକ୍ତି ମିଳିଥାଏ । ମଙ୍ଗଳସୂତ୍ରରେ ଥିବା କଳା ମୋତି ବାୟୁଜନିତ ରୋଗରୁ ରକ୍ଷା କରିବା ପାଇଁ ଶକ୍ତି ପ୍ରଦାନ କରିଥାଏ । ମଙ୍ଗଳସୂତ୍ର ଧାରଣ କରିବା ଦ୍ୱାରା ମହିଳାଙ୍କ ଶରୀରରେ ସକରାତ୍ମକ ଶକ୍ତି ରହିବା ସହ ସେ ନିଜକୁ ଶକ୍ତିଶାଳୀ ଅନୁଭବ କରିଥାଆନ୍ତି।

# ସ୍ୱାସ୍ଥ୍ୟ ପାଇଁ ହିତକର ନାଲି ଲଙ୍କା

ଅଧିକାଂଶ ଲୋକ ରାଗ ଖାଇବାକୁ ପସନ୍ଦ କରନ୍ତିନି। ସେଥିପାଇଁ ଡାଏଟରେ ଲଙ୍କା ବ୍ୟବହାର କରନ୍ତିନି। ବିଶେଷକରି ଲୋକେ ନାଲି ଲଙ୍କା ଠାରୁ ଦୂରେଇ ରହନ୍ତି।



ଏକ ଅଧ୍ୟୟନ ଅନୁଯାୟୀ, ନିୟମିତ ନାଲି ଲଙ୍କା ସେବନ କଲେ ଆୟୁଷ ବଢିଥାଏ ଏବଂ ଅକାଳ ମୃତ୍ୟୁ ଅଶଙ୍କା ମଧ୍ୟ କମିଯାଇଥାଏ। ଅଧ୍ୟୟନ ଅନୁଯାୟୀ, ଯେଉଁମାନେ ନାଲି ଲଙ୍କା ସେବନ କରନ୍ତି ସେମାନଙ୍କୁ ରୋଗ ହେବାର ସମ୍ଭାବନା ଏକ ଚତୁର୍ଥାଂଶ କମିଯାଇଥାଏ। ବୈଜ୍ଞାନିକମାନେ ନାଲି ଲଙ୍କାରେ ଥିବା ରାଗ ଅଂଶକୁ ଶରୀର ପାଇଁ ଲାଭଦାୟକ ବୋଲି କହିଛନ୍ତି। ବୈଜ୍ଞାନିକଙ୍କ ଅନୁଯାୟୀ, ନାଲି ଲଙ୍କା ଶର୍କରା ସ୍ତର ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ ଏବଂ ଟ୍ୟୁମର ସହ ସୁଜନ କମ୍ କରିବାରେ ମଧ୍ୟ ସାହାଯ୍ୟ କରିଥାଏ। ନାଲି ଲଙ୍କାରେ ଭିଟାମିନ-ସି ରହିଛି ଯାହା ପ୍ରତିରୋଧକ କ୍ଷମତାକୁ ମଜବୁତ କରିଥାଏ। ନାଲି ଲଙ୍କାରେ ଆଣ୍ଟି ଅକ୍ସିଡେଣ୍ଟ ରହିଛି ଯାହା ସିରାପ୍ରଶିରାରେ ବ୍ଲଡ଼ ବ୍ଲକେଜକୁ ଦୂର କରିଥାଏ। କିନ୍ତୁ ନାଲି ଲଙ୍କା ଗୁଣ୍ଡ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ। ବିଶ୍ୱ ସ୍ତରରେ ପାଖାପାଖି ୫୭ ହଜାର ଲୋକଙ୍କ ସ୍ୱାସ୍ଥ୍ୟ ଓ ଆହାର ରେକର୍ଡ ଆଧାରରେ ଅଧ୍ୟୟନ କରାଯାଇଥିଲା। କିନ୍ତୁ ସୂଚନା ଆଧାରରେ ଅନ୍ୟ ଅଧ୍ୟୟନ ଭଳି ଏହାର ଅନ୍ଲେକ୍କ ପରିଣାମ ମିଳିଥିଲା। କାରଣ ଅଧିକ ବ୍ୟକ୍ତିଗତ ଅଧ୍ୟୟନ କରୁଥିବା ବୈଜ୍ଞାନିକଙ୍କୁ ଏହା ଜାଣିବା ଆବଶ୍ୟକ ଯେ କେଉଁ କିସମର ଲଙ୍କା ସୁରକ୍ଷା ପ୍ରଦାନ କରିଥାଏ ଏବଂ କେତେ ମାତ୍ରାରେ ସେବନ କରିବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ବୈଜ୍ଞାନିକ କହିଛନ୍ତି ଯେ, ଖାଇବାରେ ତାଜା ଓ ଶୁଖିଲା ଲଙ୍କା କିମ୍ବା ଗୋଲମରିଚ ବ୍ୟବହାର କଲେ ଖାଇବାର ସ୍ୱାଦ ଦୁଇଗୁଣ ବଢ଼ିଯାଇଥାଏ। ତାଛଡା ଏହା ଖାଇବାରେ ଲୁଣର ମାତ୍ରା ମଧ୍ୟ ନିୟନ୍ତ୍ରଣ କରିଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ ଅତ୍ୟଧିକ ଲୁଣ ସେବନ ଉଚ୍ଚ ରକ୍ତଚାପ ଓ ହୃଦୟରୋଗର କାରଣ ହୋଇଥାଏ। କିନ୍ତୁ ବୈଜ୍ଞାନିକ ମିଶ୍ରିତ ମସଲା ଓ ବଜାରରେ ମିଳୁଥିବା ଚିଲି ସସ ବ୍ୟବହାର ନ କରିବାକୁ ପରାମର୍ଶ ଦେଇଛନ୍ତି। ବୈଜ୍ଞାନିକ କହିଛନ୍ତି ଯେ ଏଥିରେ ଅଧିକ ମାତ୍ରାରେ ସୋଡିୟମ ଥାଏ ଯାହା ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଅଧ୍ୟୟନର ପ୍ରମୁଖ ଲେଖକ କହିଛନ୍ତି ଯେ, ନିୟମିତ ନାଲି ଲଙ୍କା ସେବନ କ୍ୟାନସର ଓ ହୃଦୟରୋଗ ଭଳି ନାନା ରୋଗର ଆଶଙ୍କା କମ କରିପାରେ।

# ବସ୍‌ରେ ଅଗ୍ନି ନିରାପତ୍ତା ବାଧ୍ୟତାମୂଳକ

ଭୁବନେଶ୍ୱର,୧।୧୧ (ମହାଭାରତ): ଚଳନ୍ତା ବସ୍‌ରେ ଅଗ୍ନିକାଣ୍ଡ ଘଟି ଯାତ୍ରୀଙ୍କ ଜୀବନ ଯିବା ଭୟ ସମସ୍ତଙ୍କୁ ଘାରିଛି। ଏହାକୁ ଗୁରୁତର ସହ ନେଇଛି ପରିବହନ ଓ ଅଗ୍ନିଶମ ବିଭାଗ। କିଭଳି ଏହି ବିପଦପୂର୍ଣ୍ଣ ଯାତ୍ରାକୁ ଏଡ଼ାଇ ହେବ




ଏଥିପାଇଁ ସ୍କୁଲ୍ ବସ୍ ଠାରୁ ଆରମ୍ଭ କରି ନାଇଟ୍ କୋଚ୍, ଏସି ବସ୍, ସ୍ଲିପର କୋଚ୍ ପର୍ଯ୍ୟନ୍ତ ସମସ୍ତ ବସ୍‌ରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ରଖିବାକୁ ବାଧ୍ୟତାମୂଳକ କରାଯାଇଛି। କେବଳ ଅଗ୍ନି ନିରାପତ୍ତା ବ୍ୟବସ୍ଥା ରଖିଲେ ହେବନାହିଁ। ଏହାର ବ୍ୟବହାର ସମ୍ପର୍କରେ ମଧ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦେବାକୁ ହେବ। ବସ୍‌ରେ ଅଗ୍ନିକାଣ୍ଡ ଘଟିଲେ ଏହାକୁ କିଭଳି ନିୟନ୍ତ୍ରଣ କରାଯିବ, ବସ୍‌ର ପ୍ରତ୍ୟେକ କର୍ମଚାରୀ ଏ ସମ୍ପର୍କରେ ଜାଣିବା ଜରୁରୀ। ଆଗାମୀ ଦିନରେ ଏହାର କଡ଼ାକଡ଼ି ଯାଞ୍ଚ ହେବ। ଯେଉଁମାନେ ନିୟମ ଉଲ୍ଲଂଘନ କରିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ଜରିମାନା ତ ଗଣିବେ, ଦରକାର ପଡ଼ିଲେ ବସ୍‌କୁ ଜବତ କରାଯିବ। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ-୧ରେ ବାଣିଜ୍ୟ ଓ ପରିବହନ ବିଭାଗ, ଅଗ୍ନିଶମ ଓ ଜରୁରିକାଳୀନ ସେବା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ବସ୍ ମାଲିକ ସଂଘକୁ ନେଇ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ବୈଠକରେ ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ ଓ ପରିବହନ କମିସନର ଅମିତାଭ ଠାକୁର ଯୋଗଦେଇ ଏଭଳି ସୂଚନା ଦେଇଛନ୍ତି। ରାଜ୍ୟରେ କେତେ ସଂଖ୍ୟାରେ ଏସି, ନାଇଟକୋଚ, ସ୍ଲିପର ଓ ସ୍କୁଲ୍ ବସ୍ ଚାଲିଛି ? କେଉଁ କେଉଁ ବସ୍‌ରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ରହିଛି ? କେଉଁ ବସ୍‌ରେ ନିରାପତ୍ତା ବ୍ୟବସ୍ଥା ନାହିଁ ଏହାର ଏକ ତାଲିକା କରାଯିବ। ଯେଉଁ ବସ୍‌ଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥିବ ସେଗୁଡ଼ିକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଏହାକୁ ସୁନିଶ୍ଚିତ କରିବେ। ନଚେତ ପରବର୍ତ୍ତୀ ସମୟରେ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ବୈଠକରେ ବିଭିନ୍ନ ଆରଟିଓ ଅଧିକାରୀ ଓ ବସ୍ ମାଲିକ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସାଧାରଣ ପ୍ରଶାସନ ବିଭାଗରେ ଶପଥ ପାଠ

ଭୁବନେଶ୍ୱର,୧।୧୧ (ମହାଭାରତ): ଲୋକସେବା ଭବନସ୍ଥିତ ୨ୟ ମହଲା ପ୍ରାଙ୍ଗଣରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଏବଂ ଯୋଜନା ଓ ସଂଯୋଜନ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କ ଦ୍ୱାରା ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ଶପଥ ପାଠ କରାଯାଇଛି । ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ସାଧୁତାର ଶପଥପାଠ କରାଇଥିଲେ। ଆର୍ଥିକ, ରାଜନୈତିକ ଏବଂ ସାମାଜିକ ପ୍ରଗତି ପଥରେ ଦୁର୍ନୀତି ହିଁ ସବୁଠୁ ବଡ଼ ପ୍ରତିବନ୍ଧକ ଏବଂ ଏହାର ମୂଳୋତ୍ପାଟନ ନିମନ୍ତେ ସରକାର, ନାଗରିକ ସମୁଦାୟ ତଥା ଘରୋଇ କ୍ଷେତ୍ର ଏକତ୍ର ହୋଇ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ଏ ସଂପର୍କରେ କେନ୍ଦ୍ରୀୟ ସତର୍କତା ଆୟୋଗଙ୍କର ନିର୍ଦ୍ଦେଶାବଳୀକୁ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ପାଠ କରିବା ସଙ୍ଗେ ସଙ୍ଗେ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା ଏବଂ ଆଇନ୍‌ର ଶାସନକୁ ଅନୁପାଳନ କରିବା, ଉତ୍କୋଚ ନେବା ନାହିଁ ଏବଂ ଦେବା ନାହିଁ, ସମସ୍ତ ଦାୟିତ୍ୱକୁ ସାଧୁତା ଓ ସ୍ୱଚ୍ଛତାର ସହ ସମ୍ପାଦନ କରିବା, ଜନସାଧାରଣଙ୍କ ହିତ ସାଧନ ପାଇଁ କାର୍ଯ୍ୟ କରିବା।

# କିଡନୀ ରୋଗର ପ୍ରତିରୋଧ ଓ ନିୟନ୍ତ୍ରଣ ସମ୍ପର୍କରେ ବୈଠକ

ଭୁବନେଶ୍ୱର,୧।୧୧ (ମହାଭାରତ): ମିଳିତ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶାଳୟରେ ଓଡ଼ିଶାରେ କ୍ରନିକ କିଡିନୀ ରୋଗ ନିୟନ୍ତ୍ରଣ ଓ ପ୍ରତିରୋଧ ସମ୍ବନ୍ଧୀୟ ସ୍ଥିତି ବିଶ୍ଳେଷଣ ଏବଂ ଆଗାମୀ ପଦକ୍ଷେପ



ନିର୍ଦ୍ଧାରଣ ସମ୍ପର୍କରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ତଥା ଆୟୁକ୍ତ ଅଶ୍ୱଥୀ ଏସ.ଙ୍କ ଅଧକ୍ଷତାରେ ଟେକନିକାଲ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ନିୟନ୍ତ୍ରଣ ପଦକ୍ଷେପଗୁଡ଼ିକ ପାଇଁ ରୋଡମ୍ୟାପ୍, ରୋଗୀଙ୍କ ଅସୁବିଧାର ସମାଧାନ ଆଦି ବିଷୟରେ ଆଲୋଚନା ହୋଇଥିଲା।

ସଭାରେ ରାଜ୍ୟ ଏବଂ ରାଜ୍ୟ ବାହାରର ବିଭିନ୍ନ ମେଡିକାଲ କଲେଜ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ବିଶେଷଜ୍ଞ ଡାକ୍ତର ଓ ଗବେଷକମାନେ ଅଂଶଗ୍ରହଣ କରିଥିଲେ। ସଭାରେ ଓଡ଼ିଶାର ବିଭିନ୍ନ ଅଂଚଳରେ କ୍ରନିକ କିଡିନୀ ରୋଗ ର ବୃଦ୍ଧି ହାର, ପାଣି ଓ ପରିବେଶ ଗୁଣବତ୍ତା, ରୋଗ ନିରୀକ୍ଷଣ ଅବସ୍ଥା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ସଭାରେ ରାଜ୍ୟସ୍ତରୀୟ କ୍ରନିକ କିଡିନୀ ରୋଗ ସର୍ଭିଲାନ୍ସ ସିଷ୍ଟମ ଗଠନ, ଜନ ଜାଗୃତି ଓ ସ୍କ୍ରିନିଂ କ୍ୟାମ୍ପ, ପଞ୍ଜୀକରଣ, ବିଶେଷଜ୍ଞ ମାନଙ୍କୁ ଅଧିକ ଗବେଷଣା ନିମନ୍ତେ ପ୍ରେରିତ କରିବା ସହ ସଚେତନତା କରାଯିବା, ସମ୍ପୃକ୍ତ ବିଭାଗ ଗୁଡିକ ଭୂମିକା ଆଦି ବିଷୟରେ ଆଲୋଚନା କରାଯାଇଛି। ଏହି ବୈଠକରେ ଜାତୀୟ ସ୍ୱାସ୍ଥ୍ୟ ମିସନ ଏମଡି ଡ଼ ବୃନ୍ଦା ଡି., ସ୍ୱତନ୍ତ୍ର ସଚିବ ବିଜୟ ମହାପାତ୍ର, ଡିଏମଇଟି ଡ଼ ସନ୍ତୋଷ ମିଶ୍ର, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ଼ ନୀଳକଣ୍ଠ ମିଶ୍ର, ପରିବାରକଲ୍ୟାଣ ନିର୍ଦ୍ଦେଶକ ଡ଼ ପ୍ରଦୀପ ଗୁରୁ , ଅତିରିକ୍ତ ନିର୍ଦ୍ଦେଶକ ଡ଼ ସୁଶାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ଆଇସିଏମଆର ବୈଜ୍ଞାନିକ ଡ଼ ସୁବ୍ରତ ପାଲୋ, ନିମ୍ସ ହାଇଦରାବାଦ ଡ଼ ଗଙ୍ଗାଧର ଟି ପିପିଟି ମାଧ୍ୟମରେ ତଥ୍ୟ ଉପସ୍ଥାପନ କରିଥିଲେ।

# ବ୍ରାଉନ୍ ସୁଗାର ସମେତ ୪ଲକ୍ଷ ଟଙ୍କା, ବନ୍ଧୁକ ଜବତ

ଭୁବନେଶ୍ୱର,୧।୧୧ (ମହାଭାରତ): ବୋଲଗଡ଼ ଥାନା ଅନ୍ତର୍ଗତ ମାଣିକଗୋଡ଼ା ଦଳେଇ ସାହିରେ ପୋଲିସ ଚଢ଼ଉ କରି ସାତ ଜଣ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ଏମାନଙ୍କ ଠାରୁ ମୋଟ୍ ୩୧୪.୯୭୦ ଗ୍ରାମ୍ ବ୍ରାଉନ୍ ସୁଗାର ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୩୧ଲକ୍ଷ ଟଙ୍କା ବୋଲି ଖୋର୍ଦ୍ଧା ଜିଲ୍ଲା ପୋଲିସ ମୂଖ୍ୟାଳୟରେ ସୋମବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଖୋର୍ଦ୍ଧା ଏସ୍ ?ପି ବିବେକାନନ୍ଦ ଶର୍ମା ସୁଚନା ଦେଇଛନ୍ତି। ସେ ଆହୁରି ମଧ କହିଛନ୍ତି କେବଳ ବ୍ରାଉନସୁଗାର ନୁହେଁ, ଏମାନଙ୍କଠାରୁ ନଗଦ ୪ଲକ୍ଷ ଟଙ୍କା ସହିତ ୨ଟି କାର୍, ୩ଟି ବାଇକ୍ ଓ ଗୋଟିଏ ଦେଶୀ ବନ୍ଧୁକ ମଧ ଜବତ କରାଯାଇଛି। ତେବେ ଗିରଫ ସାତ ଜଣଙ୍କ ମଧ୍ୟରୁ ଦୁଇ ଜଣଙ୍କ ଘର ଗଞ୍ଜାମ ଜିଲ୍ଲାର ହୋଇଥିବା ବେଳେ ଅନ୍ୟ ୫ ଜଣଙ୍କ ଘର ଖୋର୍ଦ୍ଧାର ଅଂଚଳରେ। ସୂଚନା ମୁତାବକ, ଏହି ବ୍ରାଉନସୁଗାର କାରବାରର ହବ ବୋଲାଉଥିବା ମାଣିକଗୋଡ଼ା ଦଳେଇସାହିର ମୀର ଅତଉଲ୍ଲା ଓରଫ୍ ବବୁଲ୍(୨୬) ଘର। ବବୁଲ୍ ପୂର୍ବରୁ ଜଟଣୀରୁ ବ୍ରାଉନ୍ ସୁଗାର ନେଇ ଘରକୁ ଆସିଥିଲା। ତେବେ ଏହି କାରବାର ନେଇ ବିଶ୍ୱସ୍ତ ସୂତ୍ରରୁ ବୋଲଗଡ଼ ଥାନା ପୋଲିସ ଖବର ପାଇ ବବୁଲ୍ ଉପରେ ନଜର ରଖିଥିଲା। ତେବେ ଜଟଣୀର ଯେଉଁ ଅଂଚଳରୁ ବବୁଲ୍ ବ୍ରାଉନସୁଗାର ଆଣୁଥିଲା, ସେଠାରୁ ମଧ ଗଞ୍ଜାମକୁ ଚାଲାଣ ହେଉଥିଲା। ହେଲେ, କେ ?ଣସି କାରଣରୁ ଗଞ୍ଜାମକୁ ଯେଉଁ ମାଲ ଚାଲାଣ ହୋଇଥାନ୍ତା କୌଣସି କାରଣରୁ ବବୁଲ୍ ନିଜ ଘର ମାଣିକଗୋଡ଼ାକୁ ନେଇ ଆସିଥିଲା।

ତେଣୁ, ବବୁଲ୍ ଠାରୁ ନିଜର ମାଲ୍ ନେବା ପାଇଁ ଗଞ୍ଜାମ ଜିଲ୍ଲା ବଡ଼ବଜାର ଥାନା ଅଂଚଳର ଦୁଇ ଅଭିଯୁକ୍ତ ପ୍ରଣୟ ରଥ(୩୬) ଓ ସତ୍ୟଲୋଚନ ସାହୁ(୪୩) ଏକ କାର୍(ଓଡ଼ି ୦୭ଏପି-୧୮୩୮) ନମ୍ବର ବିଶିଷ୍ଟ ଏକ କାର ନେଇ ବବୁଲର ମାଣିକଗୋଡ଼ା ସ୍ଥିତ ଘରେ ପହଂଚିଥିଲେ। ସେହିପରି ଖୋର୍ଦ୍ଧା ଆଦର୍ଶ ଥାନା ଅଂଚଳର ମହେଶ୍ୱର ସ୍ୱାଇଁ(୩୦) ଓରଫ୍ ଧରମା ମଧ ଅନ୍ୟ ଏକ କାର୍(ଓଆର୍ ୦୨ଏବି-୭୪୭୧) ନେଇ ବ୍ରାଉନସୁଗାର ଆଣିବା ପାଇଁ ବବୁଲ୍ ଘରେ ପହଂଚିଥିଲେ। ତେବେ ପୋଲିସ ବବୁଲ ଘରେ ପହଂଚି ଚଢ଼ାଉ କରି ଉଭୟ କାର୍‌ରୁ ଯଥାକ୍ରମେ ୧୫ଗ୍ରାମ୍ ଓ ୨୦ଗ୍ରାମ୍‌ର ଦୁଇଟି ବ୍ରାଉନ୍‌ସୁଗାର ପ୍ୟାକେଟ ଜବତ କରିବା ସହ ବୁବଲ୍ ଘରୁ ବି ପୋଲିସ ୨୭୯.୯୭୦ଗ୍ରାମ୍ ବ୍ରାଉନସୁଗାରର ଏକ ବଡ଼ ପୁଡ଼ିଆ ଜବତ କରିଛି। ଏପରିକି ବବୁଲ୍ ଘରୁ ପୋଲିସ ଗୋଟିଏ ପଲ୍‌ସର ଗାଡ଼ି(ଓଡି ୩୩ଏଏମ୍-୭୮୭୯), ଗୋଟିଏ ଆପାଚି(ଓଡି ୦୨ପି-୮୦୩୮) ଓ ଗୋଟିଏ ରୟାଲ୍ ଏନଫିଲ୍ଡ଼ (ଓଡି ୨୫ଆର୍-୭୬୨୫)କୁ ମିଶାଇ ମୋଟ୍ ତିନି ଗୋଟି ବାଇକ୍ ଜବତ କରିଛି।

# ହସ୍ପିଟାଲରେ ଆଇସିୟୁ ଏବଂ କ୍ରିଟିକାଲ କେୟାର ୟୁନିଟ ମାର୍ଗଦର୍ଶିକା ପ୍ରସ୍ତୁତ ସମ୍ମିଳନୀ

ଭୁବନେଶ୍ୱର,୧।୧୧ (ମହାଭାରତ): ରାଜ୍ୟର ମେଡିକାଲରେ ଆଇସିୟୁ ଏବଂ କ୍ରିଟିକାଲ କେୟାର ୟୁନିଟ ପାଇଁ ମାର୍ଗଦର୍ଶିକା ନିମନ୍ତେ ବୁଧବାର ଇଣ୍ଡିଆନ ମେଡିକାଲ ଆସୋସିଏସନ ସଭାଗୃହରେ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ସମସ୍ତ ଅଂଶୀଦାରଙ୍କ ପ୍ରତିନିଧି ଯଥା, ଶିକ୍ଷାଦାନ/ଅଣ-ଶିକ୍ଷଣ ହସ୍ପିଟାଲ, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶାଳୟ, ରାଜ୍ୟ ମେଡିକାଲ ପରିଷଦ, କର୍ପୋରେଟ୍ ପରିଚାଳିତ ହସ୍ପିଟାଲର ପ୍ରତିନିଧି ଏବଂ ଆଇସିୟୁ/କ୍ରିଟିକାଲ କେୟାର ୟୁନିଟ / ଟ୍ରମା ସେଣ୍ଟର ଏବଂ ଜରୁରୀକାଳୀନ ଚିକିତ୍ସା ସେବା ଇତ୍ୟାଦି ପରିଚାଳନାରେ ବ୍ୟାପକ ଅଭିଜ୍ଞତା ଥିବା ବିଶେଷଜ୍ଞଙ୍କ ସହିତ ରାଜ୍ୟସ୍ତରୀୟ ସମ୍ମିଳନୀ ଆୟୋଜନ କରାଯାଇଛି ।




ସ୍ୱାସ୍ଥ୍ୟ ବିଭାଗ ସଚିବ ତଥା ଆୟୁକ୍ତ ଅଶ୍ୱଥି ଏସ. ଏହି ସମ୍ମିଳନୀରେ ଟିମଓ୍ୱାର୍କ, ଦକ୍ଷତାବୃଦ୍ଧି ଏବଂ ଉନ୍ନତି ଓ ସମ୍ପୂର୍ଣ୍ଣ ଚିକିତ୍ସା ପଦ୍ଧତି , ରୋଗୀ ସେବାକୁ ଯତ୍ନର ସହିତ ନିର୍ବାହ କରାଯିବା ସହ ରାଜ୍ୟର ସ୍ୱାସ୍ଥ୍ୟ ପରିବେଶର ସମସ୍ତ ଅଂଶଗ୍ରହଣକାରୀଙ୍କ ସୁବିଧାକୁ ଧ୍ୟାନ ଦେଇ ମାର୍ଗଦର୍ଶିକାରେ ସମ୍ମିଳିତ କରିବାକୁ କହିଥିଲେ ।

ଏହି ସମ୍ମିଳନୀର ଉଦ୍ଦେଶ୍ୟ ଆଇସିୟୁ ପରିଚାଳନାର ମୂଳ ପ୍ରସଙ୍ଗଗୁଡ଼ିକ ଉପରେ ବିଚାର ବିମର୍ଶ କରିବା ଏବଂ ଆଇସିୟୁ/କ୍ରିଟିକାଲ କେୟାର ୟୁନିଟ ପରିଚାଳନା ପାଇଁ ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରିବା ସହ ହସ୍ପିଟାଲର କ୍ଷମତା ଏବଂ ରୋଗୀ ସଂଖ୍ୟା ଉପରେ ଆଧାର କରି ଆବଶ୍ୟକୀୟ ଆଇସିୟୁ/କ୍ରିଟିକାଲ କେୟାର ୟୁନିଟର ଗ୍ରେଡ୍ ନିର୍ଣ୍ଣୟ କରିବା ଅଟେ ।

ଏହି ସମ୍ମିଳନୀକୁ ସମସ୍ତ ଜିଲ୍ଲା, ସମସ୍ତ ମେଡିକାଲ କଲେଜ, କର୍ପୋରେଟ୍ ହସ୍ପିଟାଲ, ଘରୋଇ ମେଡିକାଲ କଲେଜ ଏବଂ ହସ୍ପିଟାଲ ଓ ସ୍ୱାସ୍ଥ୍ୟସେବା ସହିତ ଜଡିତ ନିର୍ଦ୍ଦେଶାଳୟସ୍ତରୀୟ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଅଂଶଗ୍ରହଣକାରୀମାନେ ଆଇସିୟୁ/କ୍ରିଟିକାଲ କେୟାର ୟୁନିଟ ପରିଚାଳନା ପାଇଁ ମାର୍ଗଦର୍ଶିକା ଗଠନ ଉପରେ ଆଲୋଚନାରେ ଅଂଶଗ୍ରହଣ କରିଛନ୍ତି। ପ୍ରବେଶ ମାନଦଣ୍ଡ, ଡିସଚାର୍ଜ ମାନଦଣ୍ଡ, ଆଇସିୟୁ ପ୍ରତିଷ୍ଠା, ସଂକ୍ରମଣ ପ୍ରତିରୋଧ, ନିକଟ ସମ୍ପର୍କୀୟଙ୍କ ସହିତ ପରାମର୍ଶ ଏବଂ ଯୋଗାଯୋଗ ଇତ୍ୟାଦି ସମସ୍ତ ପ୍ରସଙ୍ଗକୁ ସମାଧାନ କରି ଏକ ଡ୍ରାଫ୍ଟ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିବାକୁ ପଦକ୍ଷେପ ନିଆଯାଇଛି। ରାଜ୍ୟର ଡ୍ରାଫ୍ଟ ନିର୍ଦ୍ଦେଶାବଳୀ ମାନ୍ୟବର ସୁପ୍ରିମକୋର୍ଟଙ୍କ ନିକଟରେ ଦାଖଲ କରାଯିବ ଯାହା ଚୂଡ଼ାନ୍ତ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିବାରେ ସହାୟକ ହେବ। ଏହି ବୈଠକରେ ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ସଚିବ ବିଜୟ ମହାପାତ୍ର, ମେଡିକାଲ୍ ଶିକ୍ଷା ଏବଂ ଟ୍ରେନିଙ୍ଗ ନିର୍ଦ୍ଦେଶକ ସନ୍ତୋଷ ମିଶ୍ର ପ୍ରମୁଖ ମଞ୍ଚସ୍ଥ ଥିଲେ।

# ୮ ରେଳ କର୍ମଚାରୀ ସମ୍ମାନିତ



ଭୁବନେଶ୍ୱର,୧।୧୧ (ମହାଭାରତ): ଉତ୍ସର୍ଗୀକୃତ ଏବଂ ସତର୍କତାକୁ ସ୍ୱୀକୃତି ଦେଇ ଏକ ପ୍ରଶଂସନୀୟ ପଦକ୍ଷେପ ସ୍ୱରୂପ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କଓ୍ୱାଲ ଟ୍ରେନ ପରିଚାଳନାର ନିରାପତା ଏବଂ ଦକ୍ଷତା ସୁନିଶ୍ଚିତ କରିବାରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ଏବଂ ସତର୍କତା ପାଇଁ ଆଠ ଜଣ ରେଳ କର୍ମଚାରୀଙ୍କୁ ସମ୍ମାନିତ କରିଛନ୍ତି। କେନ୍ଦୁଆପଦାରେ କାର୍ଯ୍ୟରତ ଟ୍ରାକ ମେଣ୍ଟେନର-୩ ମିହିର କୁମାର ରାଉତ ; ପାରାଦୀପରେ କାର୍ଯ୍ୟରତ ସିନିଅର ଗୁଡ଼ସ ଟ୍ରେନ ମ୍ୟାନେଜେର ଅନିଲ କୁମାର, ସମ୍ବଲପୁରରେ କାର୍ଯ୍ୟରତ ଟେକ୍ନିସିଆନ୍-୩ / ଟିଏଲ ଓ ଏସି ସିଦ୍ଧାନ୍ତ ଆଚାର୍ଯ୍ୟ, କୁମହାର ସୋଡରାରେ ଟ୍ରାକ ମେଣ୍ଟେନର-ଇଇ ଭାବେ କାର୍ଯ୍ୟରତ ରାକେଶ କୁମାର, ଆଲମଣ୍ଡାରେ କାର୍ଯ୍ୟରତ ପଏଣ୍ଟସମ୍ୟାନ 'ଏ' ଭାବେ କାର୍ଯ୍ୟରତ ଏମ ରାମା ରାଓ, ଭେଜା ଷ୍ଟେସନରେ ଷ୍ଟେସନ୍ ମାଷ୍ଟର ଭାବେ କାର୍ଯ୍ୟରତ ଏ ଦେବରଞ୍ଜନ ସ୍ୱାଇଁ, ମୁନିଗୁଡାରେ ଟ୍ରାକ ମେଣ୍ଟେନର-ଇବ ଭାବେ କାର୍ଯ୍ୟରତ ସୁରେନ୍ଦ୍ର ପାଲ ଏବଂ ଦକ୍ଷିଣ କେନ୍ଦ୍ରୀୟ ରେଳପଥର ବିଜୟଓ୍ୱାଡା ମଣ୍ଡଳ ଅଧୀନରେ ସିନିଅର ଗୁଡ଼ସ ଟ୍ରେନ ମ୍ୟାନେଜେର ଭାବେ କାର୍ଯ୍ୟରତ ପାଦେଲା ବୀରା ଭେଙ୍କଟ ରମଣ ସେମାନଙ୍କର ନିୟମିତ କର୍ତ୍ତବ୍ୟ ସମ୍ପାଦନ ସମୟରେ ଅସାଧାରଣ ସତର୍କତା ପ୍ରଦର୍ଶନ କରିଛନ୍ତି।

# ବିକଶିତ ନୂଆପଡ଼ା ଗଠନ, ବିଜେପି ପାଇଁ ସଂକଳ୍ପ : ମନମୋହନ

ଭୁବନେଶ୍ୱର,୧।୧୧ (ମହାଭାରତ): ରାଜ୍ୟରେ ବିଜେପି ସରକାର ଗଠନ କରିବା ପରେ ଏହା ହେଉଛି ପ୍ରଥମ ଉପନିର୍ବାଚନ। ପୂର୍ବତନ ବିଧାୟକ ସ୍ୱର୍ଗତଃ ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ପରେ ତାଙ୍କ ପୁଅ ଜୟ ଢୋଲକିଆଙ୍କୁ ବିଜେପି ପ୍ରାର୍ଥୀ କରିଛି ।ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ଜନମଙ୍ଗଳ କାର୍ଯ୍ୟ ପାଇଁ ରାଜ୍ୟରେ ବିଜେପି ସରକାର ଜନସାଧାରଣଙ୍କ ଆର୍ଶୀବାଦରୁ ୫୦୦ ଦିନ ପୂରଣ କରିଛି। ବିଜେପି ଯାହା ପ୍ରତିଶ୍ରୁତି ଦିଏ ତାହା ପୂରଣ କରେ। ନିର୍ବାଚନ ପୂର୍ବରୁ ଇସ୍ତାହାରରେ ଯାହାସବୁ ଲେଖାଯାଇଥିଲା, ସରକାର ଗଠନ କରିବା ପରେ ସେସବୁ ଗୋଟିଏ ପରେ ଗୋଟିଏ ବିଜେପି ପୂରଣ କରୁଛି । ନୂଆପଡ଼ା ବିଧାନସଭାରେ ୧୧୦୧ କୋଟି ଟଙ୍କାରେ ବିଭିନ୍ନ ପ୍ରକଳ୍ପ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଏସବୁ କ୍ରିୟାନ୍ୱୟନ କରିବା ବିଜେପି ସରକାରର ପ୍ରାଥମିକତା ହେବ। ନୂଆପଡ଼ାରେ ମେଡିକାଲ କଲେଜ ଖୋଲିବା ପାଇଁ ମଧ କେନ୍ଦ୍ରରୁ ଅନୁମୋଦନ ମିଳିସାରିଛି। ନୂଆପଡ଼ାରେ ଦାଦନ ଖଟିବା ହେଉଛି ପ୍ରମୁଖ ସମସ୍ୟା। ଏଠାକାର ଲୋକଙ୍କ ପାଖରେ ପୂର୍ବରୁ ବିକଳ୍ପ ନ ଥିବାରୁ ସେମାନେ ସ୍ତ୍ରୀ ଓ ପିଲା ଛୁଆଙ୍କୁ ନେଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିଲେ। ଏସବୁ ସମସ୍ୟାର ସମାଧାନ ପାଇଁ ବିଜେପି ସରକାର ସଂକଳ୍ପ ନେଇଛି ବୋଲି ନୂଆପଡ଼ାସ୍ଥିତ ଜିଲ୍ଲା କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଶ୍ରୀ ସାମଲ କହିଛନ୍ତି ଯେ, ନୂଆପଡ଼ାର ଲୋକେ ଯେପରି କର୍ମସଂସ୍ଥାନ ପାଇବେ, ଆତ୍ମନିର୍ଭର ହେବ ଓ ସ୍ୱାବଲମ୍ବୀ ହୋଇପାରିବେ ସେଥିପାଇଁ ବିଜେପି ସରକାର ଯୋଜନା କରିଛି।



ପ୍ରଧାନମନ୍ତ୍ରୀ ଓଡ଼ିଶାକୁ ୧ ନଂ. ରାଜ୍ୟ ଭାବେ ଗଢ଼ି ତୋଳିବା ପାଇଁ ଯେଉଁ ସ୍ୱପ୍ନ ଦେଖିଛନ୍ତି, ସେଥିରେ ନୂଆପଡ଼ାର ପ୍ରମୁଖ ଭୂମିକା ରହିଛି। ନୂଆପଡ଼ା ବିକଶିତ ହେଲେ ଓଡ଼ିଶା ୧ ନଂ. ରାଜ୍ୟ ହୋଇପାରିବ। ଉପମୁଖ୍ୟମନ୍ତ୍ରୀ କେଭି ସିଂ ଦେଓ କହିଛନ୍ତି ଯେ, ନୂଆପଡ଼ାର ଯେଉଁସବୁ ସମସ୍ୟା ବିଷୟରେ ସ୍ଥାନୀୟ ଲୋକେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି, ସେସବୁର ସମାଧାନ କରାଯିବ। ଏଥିପାଇଁ ଜୟ ଢୋଲକିଆଙ୍କୁ ପଦ୍ମ ଚିହ୍ନରେ ଭୋଟ ଦେଇ ବିଜୟୀ କରାଇ ଡବଲ ଇଞ୍ଜିନ ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ସହଯୋଗ କରନ୍ତୁ।

# ଅଦ୍ୱିକା ସମ୍ମିଳନୀ ଆରମ୍ଭ

ଭୁବନେଶ୍ୱର,୧।୧୧ (ମହାଭାରତ): କିଶୋରକିଶୋରୀମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ଦୁଇଦିନିଆ ଅଦ୍ୱିକା ସମ୍ମିଳନୀ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍ ରେ ଆରମ୍ଭ ହୋଇଛି । ଏଥିରେ ୧୦ରୁ ୧୯ ବର୍ଷ ବୟସ ମଧ୍ୟରେ ୨୭ଟି ଜିଲ୍ଲାରୁ ଶ୍ରେଷ୍ଠ ବିବେଚିତ ୧୨୭ ଜଣ କିଶୋର କିଶୋରୀ ଯୋଗଦେଇଛନ୍ତି । ସେମାନଙ୍କ ମଧ୍ୟରେ ନୃତ୍ୟ, ଗୀତ, କାହାଣୀ ପଠନ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି।

କିଶୋର ଅବସ୍ଥାରେ ଶାରୀରିକ ଓ ମାନସିକ ସ୍ତରରେ ହେଉଥିବା ପରିବର୍ତ୍ତନ, ସେମାନେ ସମ୍ମୁଖୀନ ହେଉଥିବା ହିଂସା ଓ ବିପଜ୍ଜନକ କାର୍ଯ୍ୟକଳାପରୁ ଦୂରେଇ ରଖିବା ଏବଂ ସେମାନଙ୍କର ଅନ୍ତର୍ନିହିତ ଦକ୍ଷତାର ଉନ୍ମେଷ କରିବା ସହ ଆର୍ଥିକ, ସାଂସ୍କୃତିକ ଓ ସମାଜବିକାଶ କ୍ଷେତ୍ରରେ ସେମାନଙ୍କ ବଳିଷ୍ଠ ଅବଦାନକୁ ପ୍ରତିପାଦିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଆଜି ପ୍ରଥମ ଦିନରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା, ସମନ୍ୱିତ ଶିଶୁ ବିକାଶ ସେବା ଓ ସାମାଜିକ ବିକାଶ ନିର୍ଦ୍ଦେଶିକା ଶ୍ରୀମତୀ ମୋନିଷା ବାନାର୍ଜୀ, ବିଭାଗୀୟ ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ସୁମିତ୍ରା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଅଦ୍ୱିକା କାର୍ଯ୍ୟକ୍ରମର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଅତିଥିମାନେ କିଶୋରକିଶୋରୀମାନଙ୍କୁ ଶପଥ ପାଠ କରାଇବା ସହ ମିଳିତ ଭାବେ ଏକ ଉଜ୍ଜ୍ୱଳ, ଶକ୍ତିଶାଳୀ ଓ ସଶକ୍ତ ଓଡ଼ିଶା ଗଠନ ଦିଗରେ ପ୍ରତିଶ୍ରୁତିବଦ୍ଧ ହେବା ପାଇଁ ପରାମର୍ଶ ଦେଇଥିଲେ । ସମସ୍ତଙ୍କ ପାଇଁ ନିରାପଦ ସହଯୋଗର ବାତାବରଣ ସୃଷ୍ଟି କରିବା, ଶିକ୍ଷା ଓ ଉତ୍କର୍ଷ ଲାଭ ନିମନ୍ତେ ପ୍ରୟାସୀ ହେବା, ବୈଷୟିକ ଜ୍ଞାନର ସଦ୍ ବ୍ୟବହାର, ବାଲ୍ୟବିବାହ ସହ ବିଭିନ୍ନ ଭେଦଭାବ ଓ ହିଂସା ରୋକିବା, ସମକ୍ଷନତା ଓ ସମସ୍ତ ଅଧିକାର ପାଇଁ ସ୍ୱର ଉତୋଳନ କରିବା ନିମନ୍ତେ କିଶୋରକିଶୋରୀମାନଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ।

# ନୂଆପଡ଼ାର ଉନ୍ନତି ମୋର ଏକମାତ୍ର ସଂକଳ୍ପ : ସ୍ନେହାଙ୍ଗିନୀ

ଭୁବନେଶ୍ୱର,୧।୧୧ (ମହାଭାରତ): ନୂଆପଡ଼ାର ବିକାଶ ସଂକଳ୍ପ ନେଇ ଲୋକଙ୍କ ପାଖରେ ପହଞ୍ଚୁଥିବା ବିଜେଡି ପ୍ରାର୍ଥୀନୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ମିଳୁଛି ଅଭୂତପୂର୍ବ ସମର୍ଥନ। ନବୀନ ପଟ୍ଟନାୟକଙ୍କ ବିକାଶମୁଖୀ ଧାରାକୁ ଖରିଆର ରୋଡ ବାସୀ ଦେଉଛନ୍ତି ସ୍ୱୀକୃତି। ମଙ୍ଗଳବାର ସକାଳେ ଖରିଆର ରୋଡ୍ ଏନଏସି ଠାରେ ଆୟୋଜିତ ସଭାରେ ସଭାରେ



ଶ୍ରୀମତୀ ଛୁରିଆ ସ୍ଥାନୀୟ ଲୋକଙ୍କ ସହ ବେଶ କିଛି ସମୟ ଧରି ଫଳପ୍ରଦ ଆଲୋଚନା କରିଥିଲେ। ଖରିଆରର ଲୋକମାନେ ଶ୍ରୀମତୀ ଛୁରିଆଙ୍କୁ ହୃଦୟପୂର୍ବକ ସ୍ୱାଗତ କରି ଆଗାମୀ ଉପନିର୍ବାଚନରେ ନବୀନ ବାବୁଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନା ସମୟରେ, ଶ୍ରୀମତୀ ଛୁରିଆ ଲୋକମାନଙ୍କ ଆଶା ଓ ଆକାଂକ୍ଷାକୁ ମର୍ମେ ମର୍ମେ ଶୁଣିବା ସହ ସବୁ ପରିସ୍ଥିତିରେ ଖରିଆର ରୋଡବାସୀଙ୍କ ସହ ଅଟଳ ଭାବେ ଛିଡ଼ା ହେବା ପାଇଁ ଆଶ୍ୱାସନା ଦେଇଥିଲେ। ଅଞ୍ଚଳର ଉନ୍ନତି ସହିତ ପ୍ରତ୍ୟେକ ବର୍ଗର ଲୋକଙ୍କ କଲ୍ୟାଣ ପାଇଁ ନିରନ୍ତର ଉଦ୍ୟମ କରିବେ ବୋଲି କଥା ଦେଇଥିଲେ। ବିଶେଷ କରି ଭିତ୍ତିଭୂମିର ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟସେବା, ମହିଳା ସଶକ୍ତିକରଣ ଓ ଯୁବ ନିଯୁକ୍ତିକୁ ଗୁରୁତ୍ୱ ଦେବାରେ ଅବହେଳା କରିବେ ନାହିଁ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇ ସମର୍ଥନ ଲୋଡ଼ିଥିଲେ।

# ପଣ୍ଡିତ ଗୋଦାବରୀଶଙ୍କ ଜୟନ୍ତୀ ସମାରୋହ

ଭୁବନେଶ୍ୱର,୧।୧୧ (ମହାଭାରତ): ରାଜଧାନୀର ସର୍ବପୁରାତନ ସାହିତ୍ୟ ଅନୁଷ୍ଠାନ ଗୋଦାବରୀଶ ସାହିତ୍ୟ ସଂସଦର ୬୮ତମ ବାର୍ଷିକ ଉତ୍ସବ ଓ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ୧୩୮ତମ ଜୟନ୍ତୀ ଉତ୍ସବ ଅକ୍ଟୋବର ୨୬ ତାରିଖ ପୂର୍ବାହ୍ନରେ ଗୀତ ଗୋବିନ୍ଦ ସଦନରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଅତିଥିମାନେ ଶ୍ରୀଜଗନ୍ନାଥ ଓ ପଣ୍ଡିତ ଗୋଦାବରୀଶଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳ କରିବା ପରେ ପାରମ୍ଭିକ ସଂଗୀତ 'ତୁଙ୍ଗ ଶିଖରୀ ଚୁଳ' ଗାନ କରାଯାଇଥିଲା।

ସଂସଦର ବରିଷ୍ଠ ସଭ୍ୟ ପ୍ରଫେସର ଡକ୍ଟର ଉପେନ୍ଦ୍ର ପ୍ରସାଦ ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂସଦର ସଂପାଦକ ଡକ୍ଟର ରାମଚନ୍ଦ୍ର ମହାନ୍ତି ବାର୍ଷିକ ବିବରଣୀ ପାଠ କରିବା ପରେ ସଂସଦର ମୁଖପତ୍ର 'ମୂର୍ଚ୍ଛନା-୨୦୨୫' ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକଙ୍କ 'ଭିନ୍ନ ଦୃଷ୍ଟି ଭିନ୍ନ ଦିଗନ୍ତ' ଓ କାଳନ୍ଦୀ ଚନ୍ଦ୍ର ଭଞ୍ଜଙ୍କର 'ମଧୁମତି' ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ।ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ସ୍ୱନାମଧନ୍ୟ କବି ଡକ୍ଟର ଫନୀ ମହାଂତିଙ୍କୁ ଏ ବର୍ଷର ମର୍ଯ୍ୟାଦାଜନକ 'ଗୋଦାବରୀଶ ସମ୍ମାନ' ପ୍ରଦାନ କରାଯିବା ସହ କବିତା, ଗଳ୍ପ, ପ୍ରବନ୍ଧ ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କୃପାସାଗର ସାହୁ, ଅଶ୍ୱିନୀ କୁମାର ମିଶ୍ର, ପ୍ରଫେସର ଶରତ ଚନ୍ଦ୍ର ରଥ, ଶ୍ରୀମତୀ ଇନ୍ଦିରା ଦାଶ, ଶ୍ରୀମତୀ ଅନିତା ରାୟ, ପ୍ରିୟ ରଂଜନ ସାହୁ, ଓ ରାଉତରାୟ ମିନତି ଲେଙ୍କାଙ୍କୁ ସମ୍ମାନିତ କରାଯାଇଥିଲା।

ମୁଖ୍ୟ ଅତିଥି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଗୋଦାବରୀଶଙ୍କ କାବ୍ୟାଦର୍ଶ ସଂପର୍କରେ ତାଙ୍କର ସୁଚିନ୍ତିତ ମତ ପ୍ରଦାନ କରିଥିବାବେଳେ ସମ୍ମାନିତ ଅତିଥି ଡକ୍ଟର ସଙ୍ଘମିତ୍ରା ମିଶ୍ର ଗୋଦାବରୀଶ ସାହିତ୍ୟ ଓ ଜୀବନୀ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଡକ୍ଟର ମୃତ୍ୟୁଞ୍ଜୟ ରଥ ଗୋଦାବରୀଶଙ୍କ ସାମଗ୍ରିକ କୃତି, ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ପଣ୍ଡିତ ଗୋଦାବରୀଶଙ୍କ ସ୍ଥାନ ସଂପର୍କରେ ସାରଗର୍ଭକ ଭାଷଣ ଦେବା ସହ ଗୋଦାବରୀଶ ସାହିତ୍ୟ ସଂସଦର କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ମର୍ଯ୍ୟାଦାବନ୍ତ ଗୋଦାବରୀଶ ସମ୍ମାନରେ ସମ୍ମାନିତ ଡକ୍ଟର ଫନୀ ମହାଂତି ତାଙ୍କ ସଂକ୍ଷିପ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ। ସଂସଦର ସଭାପତି ଶ୍ରୀରାଧାମୋହନ ମହାପାତ୍ର ଏହି ସଭାରେ ସଭାପତିତ୍ୱ କରି ତାଙ୍କର ଅଭିଭାଷଣ ଦେବାପରେ ସଂସଦର ଯୁଗ୍ମ ସଂପାଦକ ମହିମାପ୍ରସାଦ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ସଂସଦର କୋଷାଧ୍ୟକ୍ଷ ଦେବେନ୍ଦ୍ର କୁମାର ଦାସଙ୍କ ସମେତ ସମସ୍ତ ସଭ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ସମାରୋହରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ ସାହିତ୍ୟିକ ଓ ସାହିତ୍ୟାନୁରାଗୀ ଯୋଗ ଦେଇଥିଲେ ।ସାହିତ୍ୟ ସଭା ଆରମ୍ଭ ପୂର୍ବରୁ କବିତା ପାଠୋତ୍ସବର ଆୟୋଜନ ହୋଇଥିଲା। ଏଥିରେ ଅତିଥି ଭାବେ ଲାବଣ୍ୟ ଶବର ଓ ଖଗେଶ୍ୱର ମହାତାବ ଯୋଗଦେଇଥିଲେ। ଶ୍ରୀମତୀ ଚମକ ଚାନ୍ଦିନୀ ଦାଶ ଓ ସନ୍ଧ୍ୟାରାଣୀ ପୃଷ୍ଟିଙ୍କ ସଂଯୋଜନାରେ ବହୁ କବି ସେମାନଙ୍କ କବିତା ପାଠ କରିଥିଲେ।

# ଲାଲୁଙ୍କ ଦଳିତ ଭୋଟ

ପ୍ରଧାନମନ୍ତ୍ରୀ ମୋଦି ୨୧ବିହାରରେ ଏନଡିଏ ପାଇଁ ପ୍ରଚାରେ ଅଭିଯାନର ନେତୃତ୍ୱ ନେଇଛନ୍ତି। ପ୍ରଧାନମନ୍ତ୍ରୀ ବିହାରର ବିକାଶ ସହ କଂଗ୍ରେସ ଏବଂ ଆରଜେଡି ଶାସନ କାଳର ଦୁର୍ନୀତି, ଶେଷଣ ଏବଂ ଗୁଣ୍ଡାରାଜ ସମ୍ପର୍କରେ ତୁଳନା କରିଛନ୍ତି ଏବଂ ଏନଡିଏର ବିକାଶ ବା ଇଣ୍ଡିଆ ବ୍ଲକର ଦୁର୍ନୀତି କାହାକୁ ବିହାରବାସୀ ବାଛିବେ ତାହା ଆସନ୍ତା ନିର୍ବାଚନରେ ଚୟନ କରିବାର ସମୟ ବୋଲି କହିଛନ୍ତି। ଏହା ସହିତ ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରି ଦେଇଛନ୍ତି ଯେ, ଏଥର ଏନଡିଏ ଜିତିଲେ ବିହାରରେ ପୁନର୍ବାର ନୀତିଶ କୁମାର ମୁଖ୍ୟମନ୍ତ୍ରୀ ହେବେ। ଚିରାଗ ପାଶ୍ୱାନଙ୍କ ଭଳି ନୀତିଶ ବିରୋଧୀ ନେତା ମଧ୍ୟ ତାଙ୍କୁ ସମର୍ଥନ କରିଛନ୍ତି। ଏଥର ବିହାର ନିର୍ବାଚନ ଜିତିବା କିନ୍ତୁ ନୀତିଶଙ୍କ ପାଇଁ କଷ୍ଟକର ମନେ ହେଉଛି। କାରଣ ସେ ଦୀର୍ଘ ବର୍ଷ ହେବ ମୁଖ୍ୟମନ୍ତ୍ରୀ ପଦରେ ଅଛନ୍ତି। ତାଙ୍କ ଭାବମୂର୍ତ୍ତି ଭଲ ଅଛି ଏବଂ ଲୋକେ ତାଙ୍କ ଶାସନରେ ସନ୍ତୁଷ୍ଟ ସତ, ମାତ୍ର ତାଙ୍କୁ ପରିବର୍ତ୍ତନର ହାଓ୍ୱା ବିରୋଧରେ ଲଢ଼ିବାକୁ ପଡ଼ିବ। ତାଙ୍କର ସବୁଠାରୁ ବଡ଼ ସାହସ ହେଲା କେନ୍ଦ୍ରରେ କ୍ଷମତାସୀନ ସରକାର ତାଙ୍କ ସପକ୍ଷରେ ରହିଛି। ମୋଦି ସରକାର ଗତ ବର୍ଷକ ଭିତରେ ବିହାର ପାଇଁ ଅନେକ ପ୍ରକଳ୍ପ ଏବଂ ବିଭିନ୍ନ ଯୋଜନା ବାବଦରେ ବିପୁଳ ଅର୍ଥ ମଞ୍ଜୁର କରିଛନ୍ତି। ଏହା ସହିତ ନୀତିଶ ମହିଳା ଭୋଟରଙ୍କୁ ହାତେଇବା ନିମନ୍ତେ ୭୫ ଲକ୍ଷ ମହିଳାଙ୍କ ଖାତାକୁ ୧୦ ହଜାର ଟଙ୍କା ଲେକାଏଁ ପଠାଇଛନ୍ତି। ତେବେ ଆସନ୍ତା ନିର୍ବାଚନରେ ବିହାରର ସାମଗ୍ରୀ ବିକାଶକୁ ଏନଡିଏ ମୁଖ୍ୟ ପ୍ରସଙ୍ଗ କରିବ। ଅନ୍ୟ ପକ୍ଷରେ କଂଗ୍ରେସ-ଆରଜେଡି ମେଣ୍ଟ ରାଜ୍ୟରେ ସଂଖ୍ୟାଲଘୁ ଦଳିତ ଭୋଟ ବ୍ୟାଙ୍କ ଉପରେ ଭରସା କରି ନିର୍ବାଚନୀ ବୈତରଣୀ ପାରି ହେବାକୁ ଲକ୍ଷ୍ୟ ରକିଛନ୍ତି। ସଂକ୍ୟାଲଘୁ ଭୋଟର ଏକ ବଡ଼ ଅଂଶ ମହାମେଣ୍ଟ ସପକ୍ଷରେ ଯିବା ସୁନିଶ୍ଚିତ। କିନ୍ତୁ ଦଳିତ ଭୋଟକୁ ହାତେଇବା ପାଇଁ ଏନଡିଏ ଏବଂ ମହାମେଣ୍ଟ ମଧ୍ୟରେ ମୁକାବିଲା ଯୋରଦାର ହେବ। ଜାତିଗତ ରାଜନୀତି ପାଇଁ କୁଖ୍ୟାତ ବିହାରରେ ଦଳିତ ଓ ପଛୁଆ ବର୍ଗ ପୂର୍ବରୁ କଂଗ୍ରେସ ସପକ୍ଷରେ ଭୋଟ ଦେଉଥିଲେ। କିନ୍ତୁ ନବେ ଦଶକରୁ ଏହା ଲାଲୁଙ୍କ ପଛରେ ରହିଛନ୍ତି। ଏଥର ନିର୍ବାଚନରେ ଆରଜେଡି ଲାଲୁଙ୍କ ଦଳିତ ଭୋଟ ବ୍ୟାଙ୍କ ଉପରେ ପୁନର୍ବାର ନିର୍ଭର କରୁଛି। ଏହା କେତେଦୂର ସଫଳ ହେବ ତାହା କୁହାଯାଇପାରିବ ନାହିଁ। କିନ୍ତୁ ବିହାର ନିର୍ବାଚନରେ ଏହା ଏକ ବଡ଼ ପ୍ରସଙ୍ଗ ହେବ। ଅନ୍ୟ ପକ୍ଷରେ ଲାଲୁଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ମଧ୍ୟ ରହିଛି। ଏହାକୁ ଏନଡିଏ ସବୁଥର ଭଳି ଅସ୍ତ୍ର କରିବ। ତେଣୁ ଆଗାମୀ ନିର୍ବାଚନରେ ବିହାରରେ ବିକାଶ ବନାମ ଜାତିଗତ ରାଜନୀତି ମଧ୍ୟରେ ମୁକାବିଲା ହେବ ସେଥିରେ ସନ୍ଦେହ ନାହିଁ। ଏଥିରେ ପ୍ରଶାନ୍ତ କିଶୋରଙ୍କ ଜନ ସୁରାଜ ପାର୍ଟି , ଏଆଇଏମଆଇଏମ ଭଳି ଅନେକ ଦଳ କିଛି କିଛି ଆସନରେ ନିର୍ଣ୍ଣାୟକ ଭୂମିକା ନେଇପାରନ୍ତି। ତେବେ ସେ ଯାହା ବି ହେଉ ବିହାରରେ ସାମଗ୍ରୀକ ବିକାଶ ହେବ ନା ଜାତି ଭିତ୍ତିକ ବିକାଶ ହେବ ତାହା ଆସନ୍ତା ମାସ ୧୪ରେ ସ୍ପଷ୍ଟ ହୋଇଯିବ।

# ସଂକ୍ରାମକ ହେପାଟାଇଟିସ୍

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

“ ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମାଆ ଠାରୁ ଭୂତାଣୁର ଶିକାର ହୋଇଥାନ୍ତି ଯାହାକୁ ସିଧାପ୍ରସାରଣ କୁହାଯାଏ । ଭୂତାଣୁ ପ୍ରସାରଣର ଦ୍ୱିତୀୟ ମାଧ୍ୟମ ହେଉଛି ଗୋଟିଏ ପିଲାଠାରୁ ଅନ୍ୟ ଏକ ପିଲାକୁ ସଂକ୍ରମଣ । ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ । ଅସୁରକ୍ଷିତ ଯୌନ ସମ୍ପର୍କ ଦ୍ୱାରା ମଧ ଏହି ଭୂତାଣୁ ବ୍ୟାପିଥାଏ। ସମଗ୍ର ପୃଥିବୀରେ ୩୫୦ ମିଲିୟନ ଲୋକ ହେପାଟାଇଟିସ୍ ‘ବି’ର ବାହକ। ଛଅ ଲକ୍ଷ ଲୋକ ପ୍ରତିବର୍ଷ ହେପାଟାଇଟିସ୍ ’ବି’ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରନ୍ତି।

ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚୀତ କରାଯାଇଛି ଯେ ରାଜ୍ୟରେ ହେପାଟାଇଟିସ ବି ଓ ହେପାଟାଇଟିସ ସି ଏକ ବୃହତ ଜନସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଛି ଓ ଏହା ଏକ ରୋଗ ରକ୍ତବାହିତ ରୋଗ ହୋଇଥିବାରୁ ଏହାକୁ ଏକ ନୋଟିଫାୟବଲ (ବିଜ୍ଞାପିତ ରୋଗ) ଅଟେ। ତେଣୁ ସମସ୍ତ ସରକାରୀ, ଘରୋଇ, ଏଜିଓ କ୍ଷେତ୍ରରେ ରୋଗୀଙ୍କ ପରୀକ୍ଷା ଚିକିତ୍ସା ହେଉଥିଲେ ଏ ନେଇ ସମସ୍ତ ସମ୍ପର୍କିତ ତଥ୍ୟ ଜିଲ୍ଲା ତଥା ରାଜ୍ୟର ସର୍ଭେଲାନ୍ସ ଅଧିକାରୀଙ୍କୁ ଜଣାଯିବ। ସୂଚନାଥାଉକି ହେପାଟାଇଟିସ ସିକୁ ସଠିକ ସମୟରେ ତନିମାସ ପାଇଁ ଚିକିତ୍ସା କରାଗଲେ ତାହା ଭଲ ହୋଇପାରିବ ମାତ୍ର ହେପାଟାଇଟିସ ବି ପାଇଁ ଜୀବନବ୍ୟାପୀ ଚିକିତ୍ସା ଦରକାର। ତେବେ ଡାଇଗ୍ନୋସିସର ଅଭାବ ପାଇଁ ଯକୃତ ନଷ୍ଟ ଓ ହେପାଟୋ ସେଲ୍ୟୁଲାର କାର୍ସିନୋମା ବା ଯକୃତ କର୍କଟ ଦେଖାଦେଉଛି। ରାଜ୍ୟରେ ଏହି ଦୁଇ ରୋଗକୁ ହ୍ରାସ କରିବାକୁ ହେଲେ ଧାର୍ଯ୍ୟ ସମୟରେ ଆବଶ୍ୟକ ତଥ୍ୟ ସହିତ ପ୍ଲାନିଂ ଓ ଇଣ୍ଟରଭେସନର ଆବଶ୍ୟକତା ରହିଛି। ସୂଚନା ଥାଉକି ଗତ ବର୍ଷ ସ୍ୱାସ୍ଥ୍ୟ ବିଭାଗ କର୍କଟ ରୋଗକୁ ଏକ ନୋଟିଫାଏବୁଲ ରୋଗ ଭାବେ ଘୋଷଣା କରିଥିଲେ।

ସାଧାରଣରେ ହେପାଟାଇଟିସ୍ ବି ଏକ ସଂକ୍ରାମକ ରୋଗ । ହେପାଟାଇଟିସ ‘ବି’ ଭୂତାଣୁ ଦ୍ୱାରା ସୃଷ୍ଟି ହେଉଥିବା ଏହି ରୋଗଟି ମଣିଷର ଯକୃତକୁ ଆକ୍ରାନ୍ତ କରି ଯନ୍ତ୍ରଣା ଦେଇଥାଏ । ଯାହାକୁ ଯକୃତ ପ୍ରଦାହ କୁହାଯାଏ । ଏହି ରୋଗୀ ମାନଙ୍କର ଆଖି ହଳଦିଆ ଦିଶେ, ଏହା ସହ ଯକୃତ ଫୁଲିଯାଇଥାଏ, ଜ୍ୱର ଅନୁଭୂତ ହେବା ସହ ବାନ୍ତି ମଧ ହୋଇଥାଏ । ଯଦି ଦୀର୍ଘ ଚିକିତ୍ସା ଦ୍ୱାରା ଶରୀରରୁ ଏହି ଭୂତାଣୁର ବିଲୋପ ନହୁଏ ତେବେ ଏହା ଲିଭର ସିରୋସିସ୍ ବା ଜଳଉଦରୀ ଏବଂ ଯକୃତ କର୍କଟ ରୋଗ ମଧ ସୃଷ୍ଟି କରିପାରେ । ଏକ ପରିସଂଖ୍ୟାନରୁ ଜଣାଯାଇଛି ଯେ ଆମ ଦେଶରେ ପ୍ରାୟ ୮୦ଭାଗ ଯକୃତ କର୍କଟ ରୋଗ ପାଇଁ ହେପାଟାଇଟିସ୍ ‘ବି’ ସଂକ୍ରମଣ ହିଁ ଦାୟୀ । ଦେଶରେ ହେପାଟାଇଟିସ୍ ‘ବି’ ଭୂତାଣୁର ବାହକ ବହୁ ସଂଖ୍ୟାରେ ଅଛନ୍ତି । ଏହି ବାହକମାନେ ସାଧାରଣରେ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଏହି ଭୂତାଣୁ ଦ୍ୱାରା ଅନ୍ୟ ଲୋକମାନେ ମଧ ସଂକ୍ରମିତ ହୋଇଥାନ୍ତି। ବିଶୁଦ୍ଧ ହୋଇନଥିବା ଛୁଞ୍ଚି ଦ୍ୱାରା ଇଞ୍ଜେକସନ୍ ନେଲେ କିମ୍ବା କର୍ଣ୍ଣଛେଦନ (କାନଫୋଡା ବା ଚିତାକୁଟା) କଲେ, ଅପରିଷ୍କାର ଯନ୍ତ୍ରପାତି ଦ୍ୱାରା ଅସ୍ତ୍ରୋପଚାର ବା ଘା’ ସିଲେଇ କଲେ, ଏହି ସଂକ୍ରମଣର ସମ୍ଭାବନା ରହିଥାଏ । ସେହିପରି ସଂକ୍ରମିତ ରକ୍ତଦେଲେ ହେପାଟାଇଟିସ୍ ‘ବି’ ଭୂତାଣୁ ଦ୍ୱାରା ସଂକ୍ରମିତ ହେବାର ସମ୍ଭାବନା ଖୁବ୍ ବଢ଼ିଥାଏ । ଅସୁରକ୍ଷିତ ଯୌନ ସମ୍ପର୍କ ଦ୍ୱାରା ମଧ ଏହି ରୋଗ ବ୍ୟାପିଥାଏ।

ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମାଆ ଠାରୁ ଭୂତାଣୁର ଶିକାର ହୋଇଥାନ୍ତି ଯାହାକୁ ସିଧାପ୍ରସାରଣ କୁହାଯାଏ । ଭୂତାଣୁ ପ୍ରସାରଣର ଦ୍ୱିତୀୟ ମାଧ୍ୟମ ହେଉଛି ଗୋଟିଏ ପିଲାଠାରୁ ଅନ୍ୟ ଏକ ପିଲାକୁ ସଂକ୍ରମଣ । ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ । ଅସୁରକ୍ଷିତ ଯୌନ ସମ୍ପର୍କ ଦ୍ୱାରା ମଧ ଏହି ଭୂତାଣୁ ବ୍ୟାପିଥାଏ। ସମଗ୍ର ପୃଥିବୀରେ ୩୫୦ ମିଲିୟନ ଲୋକ ହେପାଟାଇଟିସ୍ ‘ବି’ର ବାହକ। ଛଅ ଲକ୍ଷ ଲୋକ ପ୍ରତିବର୍ଷ ହେପାଟାଇଟିସ୍ ’ବି’ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରନ୍ତି। ଆମେରିକା, ୟୁରୋପ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଇତ୍ୟାଦି ଦେଶରେ ହେପାଟାଇଟିସ୍ ‘ବି’ର ବାହକ ସାଧାରଣତଃ କମ୍ (୦.୧-୨%)। ଜାପାନ, ଭାରତ, ସିଙ୍ଗାପୁର ଓ ଭୂମଧ ସାଗରୀୟ ଅଞ୍ଚଳରେ ୩-୫% ବ୍ୟକ୍ତି ହେପାଟାଇଟିସ୍ ‘ବି’ର ବାହକ। ଦକ୍ଷିଣ ପୂର୍ବ ଏସିଆ, ଚାଇନା ଓ ଆଫ୍ରିକା ମହାଦେଶରେ ୮ରୁ ୧୨% ବ୍ୟକ୍ତି ହେପାଟାଇଟିସ୍ ‘ବି’ର ବାହକ ଅଟନ୍ତି।

ଆମ ଦେଶରେ ବର୍ତ୍ତମାନ ପାଖାପାଖି ପାଞ୍ଚକୋଟି ହେପାଟାଇଟିସ୍ ‘ବି’ ଭୂତାଣୁର ବାହକ ରହିଛନ୍ତି । ଏହି ହେପାଟାଇଟିସ୍ ‘ବି’ ଭୂତାଣୁ ସଂକ୍ରମିତ ପିଲାମାନଙ୍କ ସାଧାରଣତଃ କୌଣସି ଲକ୍ଷଣ ନଥାଏ ଓ ଏମାନେ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଏହି ସୁସ୍ଥ ଦେଖାଯାଉଥିବା ପିଲାମାନେ ତାଙ୍କ ସଂସ୍ପର୍ଶରେ ଆସୁଥିବା ଅନ୍ୟ ପିଲାମାନଙ୍କୁ ଅଜାଣତରେ ଏହି ଭୂତାଣୁ ପ୍ରଦାନ କରିଥାନ୍ତି । ପରବର୍ତ୍ତୀ କାଳରେ ଏହି ସୁସ୍ଥ ଦେଖାଯାଉଥିବା ବାହକ ପିଲାଟି ଯକୃତ ସିରୋସିସ୍ ବା ଯକୃତ କର୍କଟ ରୋଗରେ ଆକ୍ରାନ୍ତ ହୋଇଥାଏ । କେତେକ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଶିଶୁ ଅବସ୍ଥାରେ ସଂକ୍ରମିତ ହୋଇଥିବା ପ୍ରତି ଚାରିଜଣଙ୍କ ମଧ୍ୟରୁ ଜଣେ ଯକୃତ କର୍କଟ ରୋଗରେ ପ୍ରାଣ ହରାଇଥାନ୍ତି ।

ପ୍ରକାଶିତ ବିଭିନ୍ନ ରିପୋର୍ଟର ତଥ୍ୟ ଅନୁଯାୟୀ ଜଣାଯାଇଛି ଯେ, ଭାରତରେ ପ୍ରତି କୋଡିଏ ଜଣଙ୍କ ମଧ୍ୟରୁ ଅନ୍ୟୁନ ଜଣେ ଏହି ହେପାଟାଇଟିସ୍ ‘ବି’ ଭୂତାଣୁର ବାହକ । ସବୁଠାରୁ ଉଦ୍‌ବେଗଜନକ ତଥ୍ୟ ହେଉଛି ଏହାଯେ, ଅଧିକାଂଶ ବାହକମାନେ ଜାଣିନଥାନ୍ତି ଯେ ସେମାନେ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ । ଏହି ବାହକ ମାନଙ୍କ ସାଙ୍ଗରେ ଆକସ୍ମିକ ସଂପର୍କ ଦ୍ୱାରା ଏହି ଭୂତାଣୁ ଜଣେ ସୁସ୍ଥ ଲୋକର ଶରୀରକୁ ପ୍ରବେଶ କରେ। ହେପାଟାଇଟିସ୍ ‘ବି’ ଏଡ୍‌ସ ଠାରୁ ଶହେଗୁଣ ଅଧିକ ସଂକ୍ରାମକ । ପରିସଂଖ୍ୟାନରୁ ଜଣାଯାଇଛି ଭାରତରେ ପାଞ୍ଚକୋଟିରୁ ଅଧିକ ହେପାଟାଇଟିସ୍ ‘ବି’ର ବାହକ ଅଛନ୍ତି ଓ ଚାଳିଶ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଏହି ଭୂତାଣୁ ଜନିତ ସାଙ୍ଘାତିକ ଯକୃତ ରୋଗରେ କଷ୍ଟ ପାଉଛନ୍ତି । ପ୍ରତିବର୍ଷ ପ୍ରାୟ ଏକଲକ୍ଷ ଲୋକ ଏହି ଭୂତାଣୁ ଜନିତ ଯକୃତ ରୋଗରେ ମୃତ୍ୟୁବରଣ କରିଥାନ୍ତି । ହେପାଟାଇଟିସ୍ ‘ବି’ ପ୍ରତିଷେଧକ ଟୀକା ବ୍ୟବହାର କଲେ ଏହି ରୋଗରୁ ସୁରକ୍ଷିତ ରହିହେବ । ସାଧାରଣତଃ ତିନୋଟି ଟୀକା ଜଣେ ଲୋକକୁ ନେବାକୁ ପଡ଼ିଥାଏ । ପ୍ରଥମ ଟୀକାର ଏକମାସ ପରେ ଦ୍ୱିତୀୟ ଟୀକା ଓ ପ୍ରଥମ ଟୀକାର ଛଅମାସରେ ତୃତୀୟ ଟୀକା ନେବାକୁ ପଡ଼ିଥାଏ । ସାଧାରଣତଃ ଏହି ଟୀକା ନେବାପରେ ଶରୀରରେ କୌଣସି କୁପ୍ରଭାବ ଦେଖାଯାଇନଥାଏ । ବର୍ତ୍ତମାନ ପର୍ଯ୍ୟନ୍ତ ଏହି ସଂକ୍ରାମକ ହେପାଟାଇଟିସ୍ ‘ବି’ ପାଇଁ ଯେଉଁ ପ୍ରକାରର ଉତ୍କୃଷ୍ଟ ଧରଣର ଔଷଧ ଆବିଷ୍କାର ହୋଇଅଛି ତାହାଦ୍ୱାରା ଏହି ଭୂତାଣୁକୁ ଶରୀରରୁ ସଂପୂର୍ଣ୍ଣ ନିଶ୍ଚିନ୍ନ କରିହେବନାହିଁ । ଯେଉଁ ଔଷଧଗୁଡ଼ିକ ଏହି ଭୂତାଣୁ ବିରୋଧରେ କିଛି ପରିମାଣରେ ସଫଳତା ଲାଭ କରିଥାଏ ସେଗୁଡ଼ିକ ମଧ୍ୟରୁ ବଜାରରେ ଉପଲବ୍ଧ ହେଉଥିବା ଇଣ୍ଟରଫେରନ୍, ଏଣ୍ଟାକେଭିର ଓ ଟେନୋଫୋଭିର୍ ମୁଖ୍ୟ । ଏହି କାରଣ ଯୋଗୁଁ ସବୁଠାରୁ ଉତ୍ତମ ଉପାୟ ହେଉଛି ସଂକ୍ରମଣରୁ ନିଜକୁ ରକ୍ଷା କରିବା, ଏହା କେବଳ ଟୀକା ଦ୍ୱାରା ସମ୍ଭବ । ସାଧାରଣତଃ ହେପାଟାଇଟିସ୍ ‘ବି’ ଏକ ସଂକ୍ରାମକ ରୋଗ ହୋଇଥିଲେ ବି ଏହାକୁ ନେଇ ସେପରି ଭୟଭୀତ ହେବାର କାରଣ ନାହିଁ । ଅଭିଜ୍ଞ ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନେଲେ ପ୍ରାଥମିକ ଅବସ୍ଥାରୁ ଏହାର ନିରାକରଣ ସମ୍ଭବ ।

ପ୍ରଫେସର, ହେପାଟାଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ବଢୁଛି ମଧୁମେହ ରୋଗୀଙ୍କ ସଂଖ୍ୟା

॥ ଗୋପାଳ ମହାପାତ୍ର ॥

ନିକଟରେ ଇଂଲଣ୍ଡରୁ ପ୍ରକାଶିତ ମେଡ଼ିକାଲ ଜର୍ଣ୍ଣାଲ ଲେସେଣ୍ଟରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ବାରତରେ ମଧୁମେହ (ଡାଇବେଟିସ୍) ରୋଗିଙ୍କ ସଂଖ୍ୟା ୧୦କୋଟିରୁ ଅଧିକ ହୋଇଗଲାଣି । ୪ ବର୍ଷ ତଳେ ଏହିରୋଗୀଙ୍କ ସଂଖ୍ୟା ଯାହାଥିଲା ତାର ୪୪ ପ୍ରତିଶତ ଏଇ ୪ ବର୍ଷ ମ୍ଭରେ ବୃଦ୍ଧି ପାଇଛି । ଆଇ.ସି.ଏମ୍.ଆର୍ ପକ୍ଷରୁ ଏ ପ୍ରସଙ୍ଗରେ କରାଯାଇଥିବା ଅ୍ଧୟନରୁ ଜଣାପଡ଼ିଛି ଯେ ପ୍ରି ଡାଇବେଟିସ୍ ବା ଯେଉଁମାନେ ଏହି ରୋଗରେ ଆକ୍ରାନ୍ତ ହେବାକୁ ଯାଉଛନ୍ତି ଅନ୍ୟ ଅର୍ଥରେ ଯେଉଁମାନଙ୍କଠାରେ ଏହି ରୋଗର ଲକ୍ଷଣ ଜଣାପଡୁଛି ସେମାନଙ୍କ ସଂଖ୍ୟା ସାଢ଼େ ତେର କୋଟିରୁ ଅଧିକ ଯାହା ଦେଶର ବର୍ତ୍ତମାନ ଜନସଂଖ୍ୟାର ୧୫ ପ୍ରତିଶତରୁ ଅଧିକ । ଅନ୍ୟପକ୍ଷରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁସାରେ ସାରା ବିଶ୍ୱରେ ପ୍ରତିବର୍ଷ ମଧୁମେହ ବା ଡାଇବେଟିସ ରୋଗରେ ପାଖାପାଖି ୪୦ ଲକ୍ଷ ଲୋକଙ୍କର ମୃତ୍ୟୁ ହେଉଛି । ଭାରତକୁ ଏକ ଯୁବା ଦେଶ ବୋଲି କୁହାଯାଉଛି କାରଣ ଦେଶରେ ଯୁବ ସଂଖ୍ୟା ଅଧିକ। କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭାରତରେ ଯୁବପିଢ଼ୀ ଅଧିକ ଭାବରେ ଏହି ରୋଗରେ ଆକ୍ରାନ୍ତ ହେଉଛନ୍ତି । ଏହି ତଥ୍ୟ ଗୁରୁତ୍ୱପୂର୍ଣ୍ଣ ନିଶ୍ଚୟ । ସ୍ୱର୍ଶକାତର କଥା ହେଉଛି ୨୦ରୁ ୩୫ ବର୍ଷର ଯୁବକମାନେ ଅଧିକ ଭାବେ ମଧୁମେହ ରୋଗରେ ପୀଡ଼ିତ ହେଉଛନ୍ତି । ଏଣୁ ମଧୁମେହ ବା ଡାଇବେଟିସ୍ ଏକ ସମସ୍ୟା ଭାବେ ଉଭାହେଲାଣି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ କହୁଛି ଯେ ୧୮ବର୍ଷରୁ କମବୟସର ପିଲାଙ୍କ ମ୍ଭରୁ ୨୨ ପ୍ରତିଶତ ମେଦବହୁଳତାର ଶିକାର ହେଉଛନ୍ତି । ଏ ପ୍ରସଙ୍ଗରେ କୁହାଯାଇଛି ଯେ ଜୀବନଚର୍ଯ୍ୟାରେ ବ୍ୟତିକ୍ରମ ହିଁ ମଧୁମେହ ରୋଗର ପ୍ରମୁଖ କାରଣ । ବ୍ୟାୟାମ ନକରିବା ଏପରିକି ଶାରୀରିକ ପରିଶ୍ରମରୁ ଦୁରେଇ ରହିବା, ଉଚ୍ଚ କ୍ୟାଲୋରୀର ଖାଦ୍ୟ ଖାଇବା, ଅଧିକ ମିଠା ଖାଇବା ମ୍ଭ ଏହି ରୋଗର ଅନ୍ୟତମ କାରଣ । ତାହେଲେ ପାଶ୍ଚାତ୍ୟ ଶୈଳୀକୁ ଆପଣେଇ ଆମେ କ’ଣ ରୋଗକୁ ଆମନ୍ତ୍ରଣ କରୁଛେ ? ଖାଦ୍ୟ ବିଶେଷଜ୍ଞମାନଙ୍କ ମତରେ ସ୍ୱାସ୍ଥ୍ୟପାଇଁ ସେ ସବୁ ଜିନିଷ ଠିକ୍ ଯାହା ଆମ ଆଖପାଖରେ ମିଳିଥାଏ । ଫଳ, ପନିପରିବା, ଖାଦ୍ୟଶସ୍ୟର ପ୍ରକୃତି ଯାହା ଆମ ଶରୀରର ପ୍ରକୃତି ମ୍ଭ ଠିକ୍ ସେୟା । ଶରୀର ପାଇଁ ଫାଷ୍ଟଫୁଡ୍ ଆଦୌ ଠିକ୍ ନୁହେଁ । ସେହିଭଳି ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ବ୍ୟବହାର କରିବା ଦ୍ୱାରା ବାହାରର ପ୍ରାକୃତିକ ବାୟୁ ପାଇବାରୁ ଆମେ ବଞ୍ଚିତ ହେଉଛେ । ନୂଆ ନୂଆ ପ୍ରକାରର ପାନୀୟ ଏବଂ ଆମ ପରିବେଷରେ ଉତ୍ପନ୍ନ ହେଉନଥିବା ଫଳ (ଖାଦ୍ୟପଦାର୍ଥ) ବାବଦରେ କୌଣସି ପରୀକ୍ଷା ନୀରିକ୍ଷା ନ କରି ଆମେ ତାକୁ ଗ୍ରହଣ କରିନେଉଛେ । ବଜାରରେ ଉପଲବ୍ଧ ଅନେକ ପ୍ରକାରର ପ୍ୟାକେଟ ଖାଦ୍ୟ ଏବଂ ‘ଷ୍ଟ୍ରିଟ୍ ଫୁଡ୍’ ମ୍ଭ ଆମେ ବ୍ୟବହାର କରୁଛେ ଯାହା ସ୍ୱାସ୍ଥ୍ୟ ଉପରେ ବିପରିତ ପ୍ରଭାବ ପକାଇ ଥାଏ ।

ଭାରତରେ ମଧୁମେହ, ଏଞ୍ଜାଇଟି ଡିଜ୍‌ଅର୍ଡ଼ର, ଅବସାଦ ଭଳି ଜୀବନଶୈଳୀ ସଂବନ୍ଧିତ ରୋଗ ବିଶେଷ ଭାବରେ ସହରାଞ୍ଚଳରେ ଅଧିକ ଦେଖାଯାଉଛି । ମଧୁମେହ ଭଳି ଅବସାଦ ଓ ମାନସିକ ଚାପ ମ୍ଭ ଯୁବକ ମାନଙ୍କଠାରେ ଅଧିକ ଭାବେ ଦେଖିବାକୁ ମିଳୁଛି। ଏବେ ଗ୍ରାମାଞ୍ଚଳରେ ମ୍ଭ ଏସବୁ ରୋଗ ବ୍ୟାପିଲାଣି ଓ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଲାଣି । ବିଶ୍ୱସ୍ତରୀୟ ରିପୋର୍ଟ ଅନୁସାରେ ବିଶ୍ୱର ଅନ୍ୟଦେଶମାନଙ୍କ ଅପେକ୍ଷା ଭାରତରେ ଅଧିକ ମଧୁମେହ ରୋଗୀ ଅଛନ୍ତି । ଭାରତର ୩୧ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶମାନଙ୍କ ବାବଦରେ ମେଡ଼ିକାଲ ଜର୍ଣ୍ଣାଲ ଲେସେଣ୍ଟରେ ପ୍ରକାଶ ପାଇଛି । ଗୋଆ, ପୁଡୁଚେରି, କେରଳ, ଚଣ୍ଡଗଡ଼, ଦିଲ୍ଲୀ, ତାମିଲନାଡୁ ଓ ପଶ୍ଚିମବଙ୍ଗ, ସିକିମ୍, ପଞ୍ଜାବ ଏବଂ ହରିଆଣାରେ ମଧୁମେହ ରୋଗୀଙ୍କ ସଂଖ୍ୟା ଅଧିକ । ଓଡ଼ିଶାରେ ମ୍ଭ ଏହି ରୋଗ ବ୍ୟାପିବାରେ ଲାଗିଛି । ୨୦୧୬ର ସରକାରୀ ତଥ୍ୟ ଅନୁସାରେ ଅଧିକ ମଧୁମେହ ରୋଗୀ ଥିବା ଦେଶର ୨୦ଟି ଜିଲ୍ଲା ମ୍ଭରେ ରହିଥିଲା ଖୋର୍ଦ୍ଧା ଜିଲ୍ଲା ଏବଂ କଟକ ଜିଲ୍ଲା । ୨୦୨୦ ଡିସେମ୍ବର ମାସରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଓଡ଼ିଶାରେ ୪.୨ନିୟୁତ ମଧୁମେହ ରୋଗୀ ଥିଲେ । ଏଣୁ ଏବେ ଏମାନଙ୍କ ସଂଖ୍ୟା ବଢ଼ିଯିବଣି ନିଶ୍ଚୟ । ୨୦୨୧ରେକେନ୍ଦ୍ର ସରକାରଙ୍କ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍ ଏ୍, ଏଚ୍ ଏସ୍) ଯେଉଁ ରିପୋର୍ଟ ପ୍ରକାଶ କରିଥିଲେ ତାହା ଉଦ୍‌ବେଗ ଜନକ। ରିପୋର୍ଟ ଅନୁସାରେ ଓଡ଼ିଶାର ପ୍ରତି ୪ଜଣ ପୁରୁଷଙ୍କ ମ୍ଭରୁ ଜଣେ ମଧୁମେହ ଓ ଅବସାଦଗ୍ରସ୍ତ ରୋଗୀ ହୋଇଥିବା ବେଳେ ପ୍ରତି ୫ଜଣ ମହିଳାଙ୍କ ମ୍ଭରେ ଜଣେ ଏଭଳି ରୋଗୀ ଅଛନ୍ତି । ଏହି ରିପୋର୍ଟ ଅନୁସାରେ ରାଜ୍ୟର ୧୫ବର୍ଷର ୨୫.୫ ପ୍ରତିଶତ ପୁଅ ଏବଂ ୨୨.୪ ପ୍ରତିଶତ ପ୍ରତିଶତ ଝିଅ ଉଚ୍ଚରକ୍ତଚାପ ରୋଗର ଶୀକାର । ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନଙ୍କ ଅନୁସାରେ ମଧୁମେହ ଏକ ସାଇଲେଣ୍ଟ କିଲର ବା ଅନ୍ୟ ଅର୍ଥରେ ଧିରେ ଧିରେ ମଣିଷକୁ ମୃତ୍ୟୁମୁଖକୁ ଟାଣି ନେଉଥିବା ରୋଗ।

ଦେଶରେ ମଧୁମେହ ରୋଗୀଙ୍କ ସଂଖ୍ୟା ଦିନ ପ୍ରତିଦିନ ବଢ଼ିବାରେ ଲାଗିଛି । ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସବୁ ବୟସର ଲୋକଙ୍କୁ ଆକ୍ରାନ୍ତ କରୁଛି ଏହି ରୋଗ । ସୁସ୍ଥବ୍ୟକ୍ତିର ଖାଇବା ପୂର୍ବର ରକ୍ତରେ ଗ୍ଲୁକୋଜ ସ୍ତର ୭୦ରୁ ୧୦୦ ଏମ୍.ଜି.ଡିଏଲ୍ ରହିଥାଏ । ଖାଇବା ପରେ ଏହି ସ୍ତର ୧୨୦ରୁ ୧୪୦ଏମ୍.ଜି.ଡିଏଲ୍ ହୋଇଯାଇଥାଏ ଏବଂ ଏହା ଧିରେ ଧିରେ କମିଯାଇଥାଏ । କିନ୍ତୁ ମଧୁମେହ ରୋଗ ହେଲେ ଏହିସ୍ତର ବଢ଼ିଯାଇଥାଏ । ଏକ ଦଶନ୍ଧି ପୂର୍ବରୁ ଭାରତରେ ମଧୁମେହ ରୋଗ ୪୦ବର୍ଷ ବା ତା ଠାରୁ ଅଧିକ ବୟସର ଲୋକଙ୍କୁ ହେଉଥିଲା । କିନ୍ତୁ ଏବେ ସବୁ ବୟସର ଲୋକଙ୍କୁ ଆକ୍ରାନ୍ତ କରୁଛି । ବିଶେଷଜ୍ଞ ମାନଙ୍କ ମତରେ ୨୦୩୦ ବେଳକୁ ଭାରତର ମଧୁମେହ ରୋଗୀଙ୍କ ସଂଖ୍ୟା ୫୫କୋଟିରୁ ଅଧିକ ହୋଇଥିବ । କେନ୍ଦ୍ର ସରକାର ଏକଥାକୁ ଗୁରୁତ୍ୱର ସହ ବିଚାର କରିବା ଉଚିତ୍ ନ ହେଲେ ଆଗାମୀ କିଛି ବର୍ଷ ପରେ ଭାରତ ଏକ ରୋଗୀଙ୍କ ଦେଶରେ ପରିଣତ ହୋଇଯିବ । ମଧୁମେହର ଚିକିତ୍ସା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ । ଅନେକ ବିଶେଷଜ୍ଞଙ୍କ ମତରେ ଜୀବନଚର୍ଯ୍ୟା ଠିକ୍ ରହିଲେ ଏହି ରୋଗ ପାଖ ମାଡ଼ି ପାରିବ ନାହିଁ। ମଧୁମେହ ରୋଗକୁ ବିଲୋପ କରାଯାଇ ନ ପାରିଲେ ମ୍ଭ ଏହାକୁ ନିୟନ୍ତ୍ରଣ କରାଯାଇ ପାରିବ । ଏହାର ନିୟନ୍ତ୍ରଣ ପାଇଁ ଅନେକ ଚିକିତ୍ସା ରହିଛି କିନ୍ତୁ ପ୍ରାକୃତିକ ଚିକିତ୍ସା ଏଥିପାଇଁ ଅଧିକ ଉପାଦେୟ । ଯୋଗ ମ୍ଭ ମଧୁମେହକୁ ନିୟନ୍ତ୍ରଣ କରିପାରେ । ପ୍ରାଣାୟାମ, ବ୍ୟାୟାମ ଓ ଆସନ ଦ୍ୱାରା ମ୍ଭ ମଧୁମେହକୁ ନିୟନ୍ତ୍ରଣ କରାଯାଇପାରିବ ।

ରାମଚନ୍ଦ୍ରପୁର, ରଣପୁର, ମୋ.- ୯୪୩୮୪୮୫୦୯୪

# ଶ୍ରୀମନ୍ଦିରର ରୋଷଘର ଓ କୋଠଭୋଗ

॥ ଡକ୍ଟର ରାଜକିଶୋର ମିଶ୍ର ॥

ମହାପ୍ରସାଦର ଉତ୍ପତ୍ତିସ୍ଥଳ ଶ୍ରୀମନ୍ଦିରର ପବିତ୍ର ରୋଷଘର । ଶ୍ରୀମନ୍ଦିର ପରିସରର ଦକ୍ଷିଣପୂର୍ବ କୋଣରେ, ଭିତରବେଢ଼ା ଏବଂ ବାହାରବେଢ଼ାର ମଧବର୍ତ୍ତୀ ସ୍ଥାନରେ ପ୍ରାୟ ୧୫୦ଫୁଟ ଦୀର୍ଘ ଓ ୧୦୦ଫୁଟ ପ୍ରସ୍ଥ ବିଶିଷ୍ଟ ରୋଷଘର ଅବସ୍ଥିତ । ରୋଷଘରଟି ତିନିଗୋଟି ବଖରାରେ ବିଭକ୍ତ । ୧୦ଟି ଧୂଆଁନଳା ଥିବା ଏହି ପାକଶାଳାଟି ମାଙ୍କଡାପଥରରେ ନିର୍ମିତ । ୬୦୦ରୁ ଅଧିକ ସୁଆର ଓ ସେମାନଙ୍କ ପ୍ରାୟ ୪୦୦ ସହକାରୀ ପ୍ରତିଦିନ ରୋଷଘରେ କାମ କରନ୍ତି । ବିଗ୍ରହମାନଙ୍କୁ ଅର୍ପଣ ହେଉଥିବା ଭୋଗଦ୍ରବ୍ୟ ଗୁଡ଼ିକ ପ୍ରସ୍ତୁତି ହେବା ପାଇଁ ରହିଛି ତିନିପ୍ରକାର ଚୁଲି, ଯାହା ଅନ୍ନଚୁଲି, ଅହିଆ ପିଠାଚୁଲି ନାମରେ ପରିଚିତ । ରୋଷଶାଳାରେ ପ୍ରବେଶ କରିବାର ଅଧିକାର ଓ ରାନ୍ଧିବା ଅଧିକାର କେବଳ ସୁଆରମାନଙ୍କର ହିଁ ରହିଛି । ସମସ୍ତ ଚୁଲିରେ ବଂଶାନୁକ୍ରମେ ସେଇମାନେ ହିଁ ପ୍ରସାଦ ପାକ କରନ୍ତି । କିମ୍ବଦନ୍ତୀ କହେ ଯେ, ସୁଆରମାନେ ବ୍ରାହ୍ମଣ ବିଦ୍ୟାପତି ଓ ଶବର ଲଳିତାଙ୍କ ବଂଶଧର । ରୋଷଶାଳା ଚଟାଣ ଉପରେ ପ୍ରାୟ ୪ଫୁଟ ଉଚ୍ଚ ଓ ଦୁଇଫୁଟ ପ୍ରସ୍ଥ ବିଶିଷ୍ଟ ଲମ୍ବା ଲମ୍ବା ମାଟିର ପ୍ଲାଟଫର୍ମ ରହିଛି । ଏହି ପ୍ଲାଟଫର୍ମ ଉପରେ ଧାଡ଼ି ଧାଡ଼ି ହୋଇ ରହିଛି ଚୁଲିସବୁ । ସବୁଠାରୁ ଅଧବକା ରହିଛି ଅନ୍ନଚୁଲି (ଏକଶହରୁ ଉର୍ଦ୍ଧ୍ୱ), ଯେଉଁଥିରେ ଅନ୍ନ, ଖେଚୁଡ଼ି, କନିକା ପ୍ରଭୃତି ରନ୍ଧାଯାଏ । ପ୍ରତି ଅନ୍ନଚୁଲିରେ ଏକାଥରକେ ୯ଟି ଅନ୍ନହାଣ୍ଡି ବସି ରନ୍ଧାଯାଏ । ଡାଲି, ତରକାରୀ, ଶାଗ, ବେସର, ମହୁର, ଖଟା ପ୍ରଭୃତି ରନ୍ଧା ଯାଉଥିବା ଅହିଆଚୁଲିର ସଂଖ୍ୟା ପ୍ରାୟ ଏକଶତ ଏବଂ ପିଠା ପ୍ରସ୍ତୁତ କରିବା ପାଇଁ ରହିଛି ୧୦ଟି ପିଠା ଚୁଲି । କାଠ ହିଁ ମନ୍ଦିର ରୋଷଶାଳାର ଏକମାତ୍ର ଇନ୍ଧନ । କୋଇଲା, ଗ୍ୟାସ୍ ବା ବିଦ୍ୟୁତ୍‌ଶକ୍ତି ରନ୍ଧାଶାଳାରେ ଗ୍ରହଣୀୟ ନୁହେଁ । ରୋଷଘରର ଅଧିଷ୍ଠାତ୍ରୀ ଦେବୀ ମା’ ଲକ୍ଷ୍ମୀଙ୍କର ଗୋଟିଏ ପଥର ମୂର୍ତ୍ତି ମଧ ରହିଛି ରୋଷଶାଳା ରାସ୍ତାରେ । ରୋଷଘର ଦ୍ୱାରରେ ପୁଣି ରୋଷଗଣେଷଙ୍କର ଆସ୍ଥାନ । ସୁଆରମାନେ ତାଙ୍କ ସେବାରେ ନିୟୋଜିତ । କୋଠଭୋଗ ରୋଷରେ ଶ୍ରୀମନ୍ଦିରର କୋଠଭୋଗ ରନ୍ଧାଯାଏ । କୋଠଭୋଗ ପାଇଁ ଏକ ‘ସରଘର’ ରହିଛି । ଯେଉଁଠାରେ କି କୋଠଭୋଗ ‘ଅମୁଣିଆ’ (ଅର୍ଥାତ୍ ତିଆରି ହୋଇଥିବା ମାତ୍ର ଭୋଗ ଲାଗି ନଥିବା) ରଖାଯାଏ ।

ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ବର୍ତ୍ତମାନର ଶ୍ରୀଜଗନ୍ନାଥ ମନ୍ଦିର ଉତ୍କଳୀୟ ଭାସ୍କର୍ଯ୍ୟ ତଥା କଳା ନୈପୁଣ୍ୟର ଏକ ଅନବଦ୍ୟ କୃତି । ରହସ୍ୟମୟ ଶ୍ରୀଜଗନ୍ନାଥଙ୍କ ରୀତି, ନୀତି, ବେଶ, ଭୋଗ, ଯାନିଯାତ୍ରା ସବୁଥିରେ ଏକ ସ୍ୱାତନ୍ତ୍ର୍ୟ ରହିଅଛି । ସମଗ୍ର ଭାରତବର୍ଷରେ ଏପରି କୌଣସି ନୀତି ବହୁଳ ମନ୍ଦିର ନାହିଁ, ଯାହାକି, ଶ୍ରୀମନ୍ଦିର ସହିତ ତୁଳନୀୟ ହୋଇପାରିବ । ଶ୍ରୀଜୀଉଙ୍କ ରାଜଭୋଗ ବା କୋଠଭୋଗର ସମସ୍ତ ଖର୍ଚ୍ଚ ଶ୍ରୀମନ୍ଦିର ପ୍ରଶାସନ ବହନ କରିଥାଏ । ଦୈନନ୍ଦିନ କୋଠ ଭୋଗ ସାମଗ୍ରୀ ମଧରେ ଥାଳି ଚାଉଳ-୫୮ କି.ଗ୍ରା.୮୪୦ ଗ୍ରାମ୍, ଚୁନା ଚାଉଳ-୨୯ କି.ଗ୍ରା. ୬୫୦ଗ୍ରାମ୍, ମୁଗ-୭କି.ଗ୍ରା. ୨୫୦ ଗ୍ରାମ୍, ଖିସ୍‌ମିସ୍ - ୫୦ଗ୍ରାମ୍, ବିରି-୧୮କି.ଗ୍ରା, ଓମ୍‌ଫେଡ୍ ଘିଅ - ୨୯ କି.ଗ୍ରା. ୯୦୬ଗ୍ରାମ୍, ଗୁଡ଼ - ୨୮ କି.ଗ୍ରା. ୭୯୨ ଗ୍ରାମ୍, ଚିନି - ୨୦ କି.ଗ୍ରା. ୯୬୨ ଗ୍ରାମ୍, ଅଟା - ୨୫ କି.ଗ୍ରା, ସୁଜି-୬୦୦ ଗ୍ରାମ୍, ବେସନ - ୩୦୦ଗ୍ରାମ୍, ଜୀରା - ୧୫୦ ଗ୍ରାମ୍, ମରିଚ-୭୫ଗ୍ରାମ୍, ଅଳେଇଚ - ୧୧୫ ଗ୍ରାମ୍, ଲୁଣ - ୨ କି.ଗ୍ରା. ୫୦୦ ଗ୍ରାମ୍, ରାଶିତେଲ - ୫୦ ଗ୍ରାମ୍, ହଳଦୀ- ୫୦ ଗ୍ରାମ୍, ମଧୁରୀ - ୭୫ ଗ୍ରାମ୍, ହରଡ଼ଡାଲି - ୧କି.ଗ୍ରା., ଡାଲଚିନି - ୫୦ ଗ୍ରାମ୍, ଲବଙ୍ଗ - ୧୦ ଗ୍ରାମ୍, ହେଙ୍ଗୁ - ୧୦ ଗ୍ରାମ୍, ଜାଇଫଳ - ୧୨ ଗ୍ରାମ୍, ଲିଆ - ୫ ଗଉଣି ବା ୨ କି.ଗ୍ରା., ନଡ଼ିଆ (ବଲ୍ଲଭ ନିମନ୍ତେ) - ୧୨ଟା, କୋଠଭୋଗ (ନଡ଼ିଆ) - ୪ଟା, ପରିବା ମଧରେ କଖାରୁ - ୨ କି.ଗ୍ରା. ୫୦୦ ଗ୍ରାମ୍, ବାଇଗଣ - ୨ କି.ଗ୍ରା., ପୋଟଳ - ୨୫୦ ଗ୍ରାମ୍, ଅଦା - ୩୦୦ ଗ୍ରାମ୍, ଦେଶୀଆଳୁ - ୨୫୦ ଗ୍ରାମ୍, କଦଳୀ- ୧୨ଟା, ଶାଗ - ୨ ବିଡ଼ା, ତେନ୍ତୁଳୀ - ୧୦୦ ଗ୍ରାମ୍ ।

ଏତଦ୍ ବ୍ୟତୀତ ଶ୍ରୀଜୀଉମାନଙ୍କ ଦୈନନ୍ଦିନ କୋଠଭୋଗ ତଥା ବିଭିନ୍ନ ନୀତି ମାନଙ୍କରେ ଯେଉଁ ମାଟି ନିର୍ମିତ ପାତ୍ର ଆବଶ୍ୟକ ହୋଇଥାଏ, ତାହା ହେଲା ଆଳି କୁଡୁଆ - ୪୦ଟି, ଅଙ୍ଗବାସ ଓଳି - ୧୯୫ଟି, ତାଡ଼-୬ଟି, ଟିପେଇ ହାଣ୍ଡି - ୨୧ଟି, ପାହାନ୍ତି - ୨ଟି, ଅଧା - ୧ଟି, ସାନ ପୁଳି - ୮୧ଟି, ପୁଲିସରା - ୨୪ଟି, ପାଲିସରା - ୬୦ ଟି, ବଡ଼ା - ୬୦ଟି, କଟା ସରା - ୧୪ଟି, ନମାଳି - ୨୪ଟି । ପ୍ରତ୍ୟେହ ତଥା ବିଶେଷ ପର୍ବପର୍ବାଣୀ ଦିନମାନଙ୍କରେ ଏକ ସ୍ୱତନ୍ତ୍ର ଶୈଳୀରେ ମହାସୁଆର ମାନଙ୍କ ଦ୍ୱାରା ଅନେକ ପ୍ରକାର ସୁମିଷ୍ଟପିଷ୍ଟକ, ଅନ୍ନ, ବ୍ୟଞ୍ଜନାଦି ପ୍ରସ୍ତୁତ ହୋଇ ଉତ୍କଳର ପରମ ଆରାଧ ଦେବତା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ନୈବେଦ୍ୟ ହେଉଅଛି । ଯାହାକି ଦୀର୍ଘ ଶହ ଶହ ବର୍ଷର ପରମ୍ପରାକୁ ଉଜ୍ଜୀବିତ କରିଆସୁଅଛି ।


ଉଦ୍ଭିଦ ବିଜ୍ଞାନୀ ଓ ପରିବେଶବିତ୍, ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ,
ଦୂରଭାଷ : ୭୦୦୮୧୮୧୮୨୦

## କୋମାରେ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚରେ ନିର୍ମାଣ "ମ୍ୟାଙ୍ଗୋ' ଭେଣ୍ଡିଂ ଜୋନ୍'



ନୟାଗଡ଼, (ମହାଭାରତ) : ରାଜ୍ୟ ସରକାର ସହରାଞ୍ଚଳର ବିକାଶ ପାଇଁ ଅଭିନବ ଉପାୟରେ ବିଭିନ୍ନ ଯୋଜନାର ଲୋକାର୍ପଣ କରୁଛନ୍ତି। ଖଣ୍ଡପଡ଼ା ସହରାଞ୍ଚଳରେ ଥ ?ିବା ସୁନାମୁହିଁ ପାର୍କ ସମ୍ମୁଖରେ ପୂର୍ବ ବିଜେଡି ସରକାରଙ୍କ ଅନୁଦାନରେ ପ୍ରାୟ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚରେ ଦୁଇବର୍ଷ ତଳେ ନିର୍ମାଣ କରାଯାଇଥିବା "ମ୍ୟାଙ୍ଗୋ' ଭେଣ୍ଡିଂ ଜୋନ'। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ବଦଳରେ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ପାଇଁ ଲେଉଟିଆ କିଆରି ପାଲଟିଛି। ଏହାକୁ କାର୍ଯ୍ୟକ୍ଷମ କରାଯିବା ବଦଳରେ କେବଳ ଅର୍ଥ ବ୍ୟୟ କରି ଠିକାଦାର ପୋଷା ଯାଉଛି। କର୍ତ୍ତୃପକ୍ଷଙ୍କ ଆନ୍ତରିକତା ଅଭାବରୁ ଏହା ଏବେ ବନ୍ଦୀଶାଳାରେ ଥିବା ଦେଖିବାକୁ ମିଳିଛି। ଗତ କିଛି ମାସ ତଳେ ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ବନ୍ଧା ହୋଇଥିବା ତତ୍କାଳୀନ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳ ଏବଂ ଏନ୍‌ଏସି ଅଧକ୍ଷା ଆରତୀ ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ନିର୍ମାଣ ହୋଇଥିବା ଏହି ଭେଣ୍ଡିଂ ଜୋନ ଏ ପର୍ଯ୍ୟନ୍ତ କାମରେ ଆସିନଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର କହିଛନ୍ତି। ସାତ ଫୁଟ ଉଚ୍ଚତା ଏବଂ ପ୍ରାୟ ଦଶଫୁଟ ଗୋଲେଇ ବିଶିଷ୍ଟ ଛଅ ଗୋଟି ଆମ୍ବ ଆକୃତିର ଫାଇବର ଦୋକାନ ଗୃହ ନିର୍ମାଣ ହୋଇଥିବା ଦୋକାନ ଗୃହକୁ ଭଡ଼ା ସୂତ୍ରରେ ନେବା ପାଇଁ କେହି ଆଗ୍ରହ ପ୍ରକାଶ କରୁନଥିବା ଜଣାପଡ଼ିଛି। ସ୍ଥାନଟି ନିକାଞ୍ଚନ ଥିବାରୁ ରାତିରେ ଦୁର୍ବୃର୍ତ୍ତ ମାନେ ଦୋକାନ ଗୃହର କିଛି ଅଂଶ ଭାଙ୍ଗି ଦେଇଥିବା ଦେଖ ?ିବାକୁ ମିଳିଛି। ଅନ୍ୟପକ୍ଷରେ ଏହାର ସୁରକ୍ଷା ଅତି ଦୁର୍ବଳ ଥିବାରୁ ଏବେ ଏନ୍‌ଏସି ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଲୁହାର ସୁରକ୍ଷା ବାଡ଼ ନିର୍ମାଣ କରାଯାଇଥିବା ଦେଖିବାକୁ ମିଳିଛି। ଯେଉଁ ପ୍ରକଳ୍ପ କାର୍ଯ୍ୟରେ ଆସୁନାହିଁ କାହା ସ୍ୱାର୍ଥରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି ବୋଲି ସହରାଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ତେବେ ପୂର୍ବରୁ ପ୍ରତି ଦୋକାନ ସମ୍ମୁଖରେ ଚାରୋଟି ଆମ୍ବ ଆକୃତିର ଚୌକି ନିର୍ମାଣ ମଧ୍ୟ ହୋଇଛି। ଆଶାଥିଲା ଭେଣ୍ଡି ଜୋନଟି କେବଳ ଖଣ୍ଡପଡ଼ା ନୁହେଁ ସମଗ୍ର ନୟାଗଡ଼ ଜିଲ୍ଲାକୁ ଆସୁଥିବା ପର୍ଯ୍ୟଟକଙ୍କୁ ବେଶ ଆକର୍ଷିତ କରିବ ବୋଲି କିନ୍ତୁ ଏହା ଫଳପ୍ରଦ ହେଲା ନାହିଁ। ସୂଚନା ଅନୁଯାୟୀ ଅତୀତରେ ଖଣ୍ଡପଡ଼ାର ରାଜା ମାନେ ଦେଶର ବିଭିନ୍ନ ପ୍ରାନ୍ତରୁ ଅତି ସୁମିଷ୍ଟ, ରସାଳ ଏବଂ ବିଭିନ୍ନ ବାସ୍ନା ଯୁକ୍ତ ଆମ୍ବ ଚାରା ଆଣି ବିଶାଳ ଆମ୍ବତୋଟା ମାନ ସୃଷ୍ଟି କରିଥିଲେ। ମୁଖ୍ୟତଃ ନନ୍ଦନବନ, କୌତୁକ ବନ, ମେଘମାଳ, ଇନ୍ଦ୍ରବନ ଆଦି ପ୍ରସିଦ୍ଧ ଆମ୍ବ ବଗିଚା ଥିଲା ଖଣ୍ଡପଡ଼ା ଗଡ଼ରେ। ଯାହାକି ଆଜି ମଧ୍ୟ ଖଣ୍ଡପଡ଼ାର ଏହି ବଗିଚା ଗୁଡ଼ିକର ସ୍ୱାଦିଷ୍ଟ ଆମ୍ବର ସ୍ୱତନ୍ତ୍ରତା ରହିଛି। ସୁନାମୁହିଁ ପାର୍କକୁ ଆସୁଥିବା ପର୍ଯ୍ୟଟକଙ୍କୁ ଦୃଷ୍ଟିରେ ରଖି ଖଣ୍ଡପଡ଼ାର ଏହି ଐତିହ୍ୟକୁ ଉଜ୍ଜୀବିତ ରଖିବା ପାଇଁ "ମ୍ୟାଙ୍ଗୋ ଭେଣ୍ଡିଂ ଜୋନ' ଏକ ସ୍ୱତନ୍ତ୍ର ଚିନ୍ତାଧାରା ଥିଲା ଅଧ୍ୟକ୍ଷା ଶ୍ରୀମତୀ ପ୍ରଧାନଙ୍କର। ତେବେ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଦୂରଦୃଷ୍ଟି ଅଭାବରୁ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବର୍ବାଦ ହୋଇଥିବା ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ ସାଧାରଣ ଲୋକେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

## କାର୍ତ୍ତିକେଶ୍ୱର ମତ୍ସ୍ୟ ବ୍ୟବସାୟୀ ସଙ୍ଘ ପକ୍ଷରୁ ସପ୍ତଦଶ ବାର୍ଷିକ ରୁଦ୍ର ମହାଯଜ୍ଞ ଓ କାର୍ତ୍ତିକେଶ୍ୱର ପୂଜା ଉତ୍ସବ ଆରମ୍ଭ



ପାରାଦୀପ, (ମହାଭାରତ) ଃ ପ୍ରତିବର୍ଷ ପରି ଚଳିତ ବର୍ଷ ପାରାଦୀପ ଅଠରବାଙ୍କି ନିକଟସ୍ଥ ବାଲିପ୍ଲଟ ସ୍ଥିତ କାର୍ତ୍ତିକେଶ୍ୱର ମତ୍ସ୍ୟ ବ୍ୟବସାୟୀ ସଙ୍ଘ ଆନୁକୂଲ୍ୟରେ ସପ୍ତଦଶ ବାର୍ଷି ରୁଦ୍ର ମହାଯଜ୍ଞ ଓ କାର୍ତ୍ତିକେଶ୍ୱର ପୂଜା ଉତ୍ସବ ଗତ ୩୧ ତାରିଖ ଶୁକ୍ରବାର ଦିନ ଠାରୁ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମ ଦୀର୍ଘ ଛଅ ଦିନ ଧରି ଚାଲି ଆସନ୍ତା ନଭେମ୍ବର ୫ ତାରିଖରେ ଉଦଯାପିତ ହେବ । କାର୍ତ୍ତିକେଶ୍ୱରଙ୍କ ନାମରେ ଏହି ସଂଘ ଦୀର୍ଘ ଚାଳିଶ ବର୍ଷ ଧରି ଭାଇଚାରା ବଜାଇ ରଖି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଦଶମୀ ଦିନ ପୂଜାକାର୍ଯ୍ୟ ଆରମ୍ଭ ହୋଇ ରୀତି ନୀତି ନିୟମାନୁଯାୟୀ କଳସ ଯାତ୍ରା, ସୂର୍ଯ୍ୟପୂଜା କରାଯାଇ ଅଗ୍ନି ସ୍ଥାପନ କରାଯାଇଥାଏ । ଯଜ୍ଞ ଉତ୍ସବ, ଶିବ ପାର୍ବତୀ, ଗଣେଶ, ଲକ୍ଷ୍ମୀନାରାୟଣଙ୍କ ମୂର୍ତ୍ତି ପୂଜା ପାଉଥିଲା ବେଳେ ନବଗ୍ରହ ଦିଗପାଳଙ୍କୁ ଆରାଧନା କରାଯାଇ ବୁଧବାର ଦିନ ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ କରାଯାଇଛି ବୋଲି ଆୟୋଜକ ମାନେ କହିଛନ୍ତି। ଶାନ୍ତି ଶୃଙ୍ଖଳା ସହ ପୂଜା ହେଉଥିବାରୁ ଉକ୍ତ ପୂଜାକୁ ଉପଭୋଗ କରିବାକୁ ଶ୍ରଦ୍ଧାଳୁ ଭକ୍ତ ମାନଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି ।ବିଭିନ୍ନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସୁନାମଧନ୍ୟ କଳାକାର ମାନଙ୍କଦ୍ୱାରା ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ବୋଲି ସଂଘର ସମ୍ପାଦକ ପ୍ରକାଶ କୁମାର ଜେନା କହିଛନ୍ତି ।ଚାଳିଶ ବର୍ଷର ଏହି ଅନୁଷ୍ଠାନରେ ପୁରୋହିତ ଭାବେ କାର୍ଯ୍ୟ ସୂଚାରୁ ଭାବେ ତୁଲାଇ ଆସୁଥିବା ମୃତ୍ୟୁଞ୍ଜୟ ମହାପାତ୍ର ଅନୁଷ୍ଠାନରେ ଭାଇଚାରା ଓ ଶାନ୍ତି ଶୃଙ୍ଖଳା ବଜାଇ ରଖିଥିବାରୁ ସେ ସମସ୍ତଙ୍କର ଉତ୍ତୋରତ୍ତର କାମନା କରିଛନ୍ତି ।

## ଦୁର୍ଘଟଣାଗ୍ରସ୍ତ ଟ୍ରକକୁ କଟରରେ କାଟି ଗୁରୁତର ଡ୍ରାଇଭର ଉଦ୍ଧାର

ପରଜଙ୍ଗ, (ମହାଭାରତ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ୧୪୯ ନଂ ଜାତୀୟ ରାଜପଥର ବଆଁରପାଳ ଗାଁ ନିକଟରେ ରାସ୍ତା ଉପରେ ଏକ ୧୮ ଚକିଆ ଆଇରନ ବୋଝେଇ ଟ୍ରକ ଓଲଟି ଜଣେ ଡ୍ରାଇଭର ଗୁରୁତର ହୋଇଛନ୍ତି। ଗୁରୁତର ଡ୍ରାଇଭର ଜଣଙ୍କ ଝାଡାଖଣ୍ଡର ରୋହିତ ରାଓ୍ୱତ। ତେବେ ରୋହିତ କେନ୍ଦୁଝର ବଡ଼ବିଲରୁ ଆଇରନ ଟ୍ରକ ନେଇ ଢେଙ୍କାନାଳ ଯାଉଥିବା ବେଳେ ଅସାବଧାନତା କାରଣରୁ ଜାତୀୟ ରାଜପଥ ଉପରେ ଟ୍ରକଟି ଓଲଟି ପଡିଥିଲା। ଏବଂ ସେ ଟ୍ରକ ଭିତରେ ପ୍ରାୟ ଏକ ଘଣ୍ଟା ଧରି ଚାପି ହୋଇ ରହିଥିଲେ। ତାଙ୍କୁ ପରଜଙ୍ଗ ଅଗ୍ନିଶମ କର୍ମଚାରୀ ମାନେ କଟର ମେସିନ ମାଧ୍ୟମରେ କାଟି ଉଦ୍ଧାର କରିଥିଲେ। ଗୁରୁତର ଅବସ୍ଥାରେ ରୋହିତଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସଂକଟାପନ୍ନ ଥିବା ଜଣାପଡିଛି।

## ଶ୍ରୀ ଜଗନ୍ନାଥ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ରାସ ଉତ୍ସବ ଧୁମ୍ ଧାମରେ ପାଳିତ

ଦଶପଲ୍ଲା, (ମହାଭାରତ): ନୟାଗଡ ଜିଲ୍ଲା ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ ମଧଖଣ୍ଡ ଗ୍ରାମର ଶ୍ରୀ ଜଗନ୍ନାଥ ଜୀଉ ଙ୍କ ମନ୍ଦିର ପ୍ରାଙ୍ଗଣରେ ଖୁବ୍ ଧୁମ୍ ଧାମରେ ରାସ ଉତ୍ସବ ପାଳିତ ହେଉଅଛି। ଓଡିଆ ରେ ଅନୁବାଦ ଅଛି ଯେ ବାର ମାସରେ ତେର ପରବ। କାର୍ତ୍ତିକ ମାସ ଟି ହେଉଛି ପବିତ୍ର ମାସ। ଏହି ମାସରେ ରାସ ପୂର୍ଣ୍ଣିମା ଶେଷ ପାଞ୍ଚ ଦିନ ଧରି ମଧ୍ୟଖଣ୍ଡ ଗ୍ରାମ ର ଶ୍ରୀ ଜଗନ୍ନାଥ ଜୀଉ ଙ୍କ ମନ୍ଦିର ପ୍ରାଙ୍ଗଣ ରେ ଆଜକୁ ଅନେକ ବର୍ଷ ଧରି ଏହି ରାସ ଉତ୍ସବ ପର୍ବ ପାଳନ କରାଯାଉଅଛି ।ଏହି ବର୍ଷ ମଧ୍ୟ ପାଳନ କରାଯାଉଛି। ପ୍ରତ୍ୟେକ ରାତ୍ରୀରେ ବିଭିନ୍ନ ସାମାଜିକ ନାଟକ, ଲୋକନୃତ୍ୟ, ମର୍ଦ୍ଦଣ୍ଡ ନାଚ , ଦୁଆରି, ପାରାୟଣ ଆଦି ପରିବେଷଣ କରାଯାଏ। ତେବେ ଏ ବର୍ଷ ମା ପାଟଗଣା ଯୁବ ନାଟ୍ୟ ସଂସଦ ତରଫରୁ 'କିଏ ପୋଛିଦେବ ଆଖିର ଲୁହ ' ରେଡଷ୍ଟାର କ୍ଲବ ତରଫରୁ 'କିଏ କାନ୍ଦି ନାହଁ ହାତ ଟେକ ' ସ୍ୱପ୍ନେଶ୍ୱର ମହାଦେବ ଯୁବ ନାଟ୍ୟ ସଂସଦ ତରଫରୁ 'ଦରିଆ କୂଳର ଦରଦୀ ବନ୍ଧୁ ' ଆଦି ସାମାଜିକ ନାଟକ ମଞ୍ଚସ୍ଥ ହେବାକୁ ଯାଉଛି ।ତେବେ ସମସ୍ତ ଯାତ୍ରା କାର୍ଯ୍ୟ ଲୋକନାଥ ପ୍ରଧାନ , ପ୍ରହଲ୍ଲାଦ ପରିଡ଼ା ତଥା ଅନ୍ୟ ଗ୍ରାମବାସୀ ବୃନ୍ଦ ଙ୍କ ଦ୍ୱାରା ସମ୍ପାଦିତ ହୋଇଥାଏ।

## ବିରଳ ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ଦୃଷ୍ଟିରୁ ସମୁଦ୍ରରେ ମାଛଧରା ଉପରେ କଟକଣା



ପାରାଦୀପ, (ମହାଭାରତ) : ଅଲିଭରିଡ୍‌ଲେ କଇଁଛଙ୍କ ସୁରକ୍ଷା ଓ ଅଣ୍ଡାଦେବା ଆଗମନକୁ ଦୃଷ୍ଟିରେ ରଖି ନଭେମ୍ବର ୧ ତାରିଖରୁ ସମୁଦ୍ରରେ ମାଛ ଧରିବା ଉପରେ କଟକଣା ଜାରି କରାଯାଇଛି। ଏହି କଟକଣା ୨୦୨୬ ମେ' ୩୧ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ସମୟରେ ଅଲିଭ୍ ରିଡ୍‌ଲେ କଇଁଛ ଅଣ୍ଡା ଦେବା ପାଇଁ ଅଷ୍ଟ୍ରେଲିଆ, ଶ୍ରୀଲଙ୍କା, ମାଳଦ୍ୱୀପ, ଭିଏତନାମ, ଇଣ୍ଡୋନେସିଆ ଆଦି ଦେଶରୁ ସମୁଦ୍ର ପଥ ଦେଇ ଓଡିଶା ଉପକୂଳକୁ ଆସିଥାନ୍ତି। ବିରଳ ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ଓ ବଂଶ ବୃଦ୍ଧି ପାଇଁ ସମୁଦ୍ରରେ ମାଛଧରା ଉପରେ ଏହି କଟକଣା ଜାରି କରାଯାଇଛି। କଇଁଛଙ୍କ ଏହି ଅଣ୍ଡାଦାନ ଋତୁରେ ଧାମରା ମୁହାଣରୁ ଗହୀରମଥା, ଦେବୀ ମୁହାଣ ଓ ଋଷିକୂଲ୍ୟା ମୁହାଣ ସମୁଦ୍ରରେ ମତ୍ସ୍ୟଜୀବୀଙ୍କୁ ମାଛ ନ ଧରିବାକୁ ରାଜ୍ୟ ମତ୍ସ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। କଟକଣା ସମୟରେ ଯନ୍ତ୍ର ଚାଳିତ ଡଙ୍ଗା ଓ ଟ୍ରଲର ସମୁଦ୍ର ମଧ୍ୟରେ କୂଳ ଠାରୁ ୨୦ କିମି ଭିତରେ ମାଛ ଧରି ପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସାମୁଦ୍ରିକ ମତ୍ସ୍ୟ ବିଭାଗ ଦ୍ୱାରା ପଞ୍ଜିକୃତ ସମସ୍ତ ଯନ୍ତ୍ର ଚାଳିତ ଡଙ୍ଗା ଓ ଟ୍ରଲରକୁ ଏହି ସମୟ ମଧ୍ୟରେ ସମୁଦ୍ରରେ ମାଛ ଧରିବାକୁ ବାରଣ କରାଯାଇଛି।

## ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ




ନବରଂଗପୁର, (ମହାଭାରତ) : ଆଜି ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଦୁର୍ନୀତି ନିବାରଣ ବିଭାଗର ମିଳିତ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୫ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ,ସମ୍ମାନୀତ ଅତିଥି ରୂପେ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପଦ, ଅତିରିକ୍ତ ଜିଲ୍ଲାପାଳ ( ସାଧାରଣ) ତପନ କୁମାର ଖୁଣ୍ଟିଆ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରଓ୍ୱାନ ଏବଂ ମୁଖ୍ୟବକ୍ତା ରୂପେ ଡ ବିଜୟ କୁମାର ମିଶ୍ର ଯୋଗ ଦେଇଥିଲେ।ପ୍ରଥମେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା ସମସ୍ତଙ୍କୁ ସ୍ୱାଗତ କରି ଦିବସ ପାଳନ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ । ଜିଲ୍ଲାପାଳଙ୍କ ନେତୃତ୍ୱରେ ସମସ୍ତେ ଦୁର୍ନୀତି ର ମୂଳୋତ୍ପାଟନ ନିମନ୍ତେ ସାଧୁତା ଓ ସଚ୍ଚୋଟତାର ଶପଥ ପାଠ କରିଥିଲେ । ସଭାରେ ସମସ୍ତ କର୍ମଚାରୀମାନଙ୍କୁ ବୃତ୍ତିଗତ ଓ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା, ଅସଦ ଉପାୟରେ ଧନ ଅର୍ଜନ କରିବାକୁ ବର୍ଜନ,ଆଇନ ଶାସନକୁ ଅନୁପାଳନ,ନିଜର ଦାୟିତ୍ୱ କୁ ସାଧୁତା ଓ ସ୍ୱଚ୍ଛତା ସହ ସମ୍ପାଦନା କରିବା, ଉତ୍କୋଚ ଗ୍ରହଣ ନ କରିବା ଏବଂ ନ ଦେବା,ଜନସାଧାରଣଙ୍କ ହିତ ପାଇଁ ସେବା ମନୋବୃତ୍ତି ନେଇ କାର୍ଯ୍ୟ କରିବାକୁ ମତ ପ୍ରକାଶ ପାଇଥିଲା। ମୁଖ୍ୟ ଅତିଥି,ମୁଖ୍ୟ ବକ୍ତା ଓ ଅନ୍ୟ ଅତିଥି ମାନେ ନିଜ ବକ୍ତବ୍ୟ ରେ ଲାଞ୍ଚ ଦେଇ ଶୀଘ୍ର କାର୍ଯ୍ୟ କରିବାର ମାନସିକତାକୁ ପରିହାର କରିବା , ନିଜ ଜୀବନରେ ସାଧୁତା ଓ ସ୍ୱଚ୍ଛତା କୁ ବଜାୟ ରଖିବା, ଯୁବସମାଜ ର ଚରିତ୍ର ଗଠନ ଓ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ,ଦୁର୍ନୀତି ବିଭାଗର କାର୍ଯ୍ୟଦକ୍ଷତା କୁ ପ୍ରଶଂସା କରି ସମସ୍ତେ ସ୍ୱଚ୍ଛତା ଓ ସାଧୁତା କୁ ଆୟୁଧ କଲେ ଦୁର୍ନୀତିମୁକ୍ତ ସମାଜ ଗଠନରେ ସହାୟକ ହୋଇପାରିବା ବୋଲି କହିଥିଲେ। ଏହି ଅବସରରେ ସକାଳ ଘ୯.୩୦ ମୀ ସମୟରେ ସ୍ଥାନୀୟ ଡକ୍ଟର ବାବା ସାହେବ ଆମ୍ବେଦକର ଙ୍କ ପ୍ରତିମୂର୍ତ୍ତି ନିକଟରୁ ଏକ ବିଶାଳ ଶୋଭାଯାତ୍ରା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ମିଶନ୍ ଶକ୍ତି, ଅଙ୍ଗନବାଡି କର୍ମୀ ,ନବରଙ୍ଗପୁର ସହରର ବିଭିନ୍ନ କଲେଜର ଛାତ୍ର ଛାତ୍ରୀ, ଏନ୍ ସି ସି ଓ ଏନ୍ ଏସ୍ ଏ ଛାତ୍ର ଛାତ୍ରୀ,ବିଭାଗୀୟ ଅଧିକାରୀଙ୍କ ଏକ ସଚେତନତା ଶୋଭାଯାତ୍ରାକୁ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପଦ , ଅତିରିକ୍ତ ଜିଲ୍ଲାପାଳ( ସାଧାରଣ) ତପନ କୁମାର ଖୁଣ୍ଟିଆ ,ପୌରପାଳିକା ଅଧକ୍ଷ କୁନୁ ନାୟକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଶୋଭାଯାତ୍ରା ସହର ପରିକ୍ରମା କରି ସଚେତନତା ସୃଷ୍ଟି ଏବଂ ମାଇକ ଦ୍ୱାରା ସ୍ଲୋଗାନ ଦିଆଯାଇ ମିଶନ ଶକ୍ତି ସମ୍ମିଳନୀ ଗୃହ ପର୍ଯ୍ୟନ୍ତ ଯାଇଥିଲା।ସପ୍ତାହ ପାଳନ ଅବସରରେ ଗତ ୨୭.୧୦.୨୦୨୫ରେ ଜିଲ୍ଲାର ସମସ୍ତ ବ୍ଲକ୍,ତହସିଲ,ଜିଲ୍ଲା କାର୍ଯ୍ୟାଳୟ ମାନଙ୍କ ରେ କର୍ମଚାରୀମାନେ ଶପଥ ପାଠ କରିଥିଲେ ଏବଂ ସମସ୍ତ ବ୍ଲକରେ ସପ୍ତାହ ବ୍ୟାପି ସଚେତନତ । ଗ୍ରାମସଭା,ପ୍ରତିଯୋଗିତା,ସଭା କରାଯାଇ ସଚେତନତା ସୃଷ୍ଟି କରାଯାଇଥିଲା। ।ଗତ ୩୧.୧୦.୨୦୨୫ରିଖ ରେ କଲେଜ ଓ ହାଇସ୍କୁଲ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତାର ଉତିର୍ଣ୍ଣ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ଓ ଅନ୍ୟ ଅତିଥି ଗଣ ପୁରସ୍କୃତ କରିଥିଲେ।ଡି ଆଇ ପି ଆର୍ ଓ ସଭାକୁ ପରିଚାଳନା କରିଥିଲେ। ଶେଷରେ ଉପ ଆରକ୍ଷୀ ଅଧିକ୍ଷକ, (ଦୁର୍ନୀତି ନିବାରଣ ବିଭାଗ) ନବରଙ୍ଗପୁର ଜୟଶ୍ରୀ ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ।ସଭାରେ ଅନ୍ୟମାନଙ୍କ ମଧ୍ୟରେ ଡି ଏଫ୍ ଓ ଶୁଭେନ୍ଦୁ ପ୍ରସାଦ ବେହେରା,ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ସି ଡି ଏମ ଓ ଡ ସନ୍ତୋଷ କୁମାର ପଣ୍ଡା,ଏସ ଇ, ଆର୍ ଏଣ୍ଡ ବି ଜେ କନ୍ଧପାଣି,ଡି ଇ ଓ ଛତ୍ରପତି ସାହୁ, ପି ଏ,ଆଇ ଟି ଡି ଏ ରାଜୀବ ଲୋଚନ ସାହୁ,ଡି ଏସ ଡବ୍ଲୁ ଓ ଦ୍ରପୌଦୀ କହଁର, ଓକିଲ ସଂଘ ସଭାପତି ସିରାଜ୍ ଅହମ୍ମଦ,ଇ ଓ ମ୍ୟୁନିସିପାଲଟି ଅଶୋକ କର୍ଣ୍ଣ, ବି ଡି ଓ ନବରଙ୍ଗପୁର ସୁନିଲ ଖୁରା , ଡି ସି ଓ ଘାଷିଆ ହରିଜନ,ଡି ପି ସି, ମିଶନଶକ୍ତି ନିରଞ୍ଜନ ଟାଙ୍ଗା ରଙ୍ଗା,ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି,ଭିଜିଲାନ୍ସ ବିଭାଗ ଓ ସୂଚନା ଓ ଲୋକସମ୍ପର୍କ ବିଭାଗ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଜକରା ଅତ୍ରି ପୂର୍ତ୍ତ ବିଭାଗ ରାସ୍ତା ପାଲଟିଛି ମରଣ ଯନ୍ତା



ବେଗୁନିଆ, (ମହାଭାରତ) : ଜକରା ଠାରୁ ଅତ୍ରି ଉଷ୍ମ ପ୍ରସବଣକୁ ସଂଯୋଗ କରୁଥିବା ମୁଖ୍ୟ ପୃତ ବିଭାଗ ରାସ୍ତା ପାଲଟିଛି ମରଣ ଯନ୍ତା। ଏହି ରାସ୍ତାରେ ଶହ ଶହ ଗାଡି ପଥ ଚାରି ସ୍କୁଲ ପିଲାଙ୍କ ଯାତାୟାତ ହେଇ ଥାଏ ତଥା ଦେଶ ଦେଶ ବାହାରୁ ଅନେକ ପର୍ଯ୍ୟଟକ ଆସିଥାନ୍ତି ଏହି ରାସ୍ତା ଦେଇ। ଗତ ଡ଼ିସେମ୍ବର ମାସ ରେ ଏହି ରାସ୍ତା କାର୍ଯ୍ୟ ହୋଇଥିଲା ଗୋଟେ ବର୍ଷ ପୂରଣ ନ ହେଉଣୁ ରାସ୍ତା ଫାଟି ଆଁ କଣ୍ଟ୍ରାକ୍ଟର ଓ ପୂର୍ତ୍ତବିଭାଗଙ୍କ ନାହିଁ ତ ମଧୁ ଚନ୍ଦ୍ରିକା। ଲକ୍ଷ ଲକ୍ଷ ବ୍ୟୟରେ ଖର୍ଚ୍ଚ ହୋଇଥିବା ଅର୍ଥକୁ ହୀନ ନଜର ଦେଲା ଭଳି କାର୍ଯ୍ୟ କରୁଛନ୍ତି କଣ୍ଟ୍ରାକ୍ଟର। ପୂର୍ତ୍ତବିଭାଗ ମନ୍ତ୍ରୀଙ୍କ ଏଥି ପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଅଂଚଳରେ ସାଧାରଣରେ ବେଶ ଚର୍ଚ୍ଚା ହେଉଛି।

## ରାସନ ଚାଉଳ ଯୋଗାଣ: ଅଯୋଗ୍ୟ ହିତାଧୀକାରୀଙ୍କ ମଧ୍ୟରେ ଛନକା




ନୟାଗଡ଼, (ମହାଭାରତ) : ରାସନ ଚାଉଳ ଯୋଗାଣକୁ ନେଇ ବଡ ଅପଡେଟ। ଅଯୋଗ୍ୟ ହିତାଧୀକାରୀଙ୍କ ମଧ୍ୟରେ ଛନକା। ଯୋଜନା ରୁ ବାଦ୍ ପଡିବେ ଭୂତ ହିତାଧିକାରୀ। ନୟାଗଡ଼ ଜିଲ୍ଲାରେ ୭ ଲକ୍ଷ ୩୬ ହଜାର ୬୦୨ ଜଣ ରାସନ ଚାଉଳ ପାଉଥିବା ହିତାଧକାରୀ ରହିଥିବା ବେଳେ ସେଥିମଧ୍ୟରୁ ୭ ଲକ୍ଷ ୧ ହଜାର ୮୯୬ ଜଣ ଇ-କେଓ୍ୱାଇସି କରିଛନ୍ତି। ବାକି ୩୪ ହଜାର ୭୦୬ ଜଣ ହିତାଧିକାରୀ ଇ-କେଓ୍ୱାଇସି କରି ନାହାନ୍ତି। ସେମାନେ ମୃତ ନାଁ ଜୀବିତ ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଯଦିଓ ଇ-କେଓ୍ୱାଇସି କରି ନଥିବା ହିତାଧିକାରୀଙ୍କ ଚାଉଳ ବନ୍ଦ ନେଇ ଯୋଗାଣ ବିଭାଗ ପକ୍ଷରୁ କୌଣସି ନିର୍ଦ୍ଦେଶନାମା ଜାରି ହୋଇ ?ନାହିଁ। ଅର୍ଥାତ୍ ରାସନକାର୍ଡ ହିତାଧିକାରୀ ମାନେ ପୂର୍ବଭଳି ନିଜ କୋଟାର ଚାଉଳ ଉଠାଇପାରିବେ। କିନ୍ତୁ ଇ-କେଓ୍ୱାଇସି କରି ନ ଥିବା ହିତାଧିକାରୀଙ୍କୁ ନେଇ ଯେଉଁ କଳ୍ପନାଜଳ୍ପନା ଲାଗି ରହିଥିଲା ସେଥିରେ ଆପାତତଃ ଏଥର ପୂର୍ଣ୍ଣଚ୍ଛେଦ ପଡ଼ିଛି। ଚଳିତମାସ ୧୫ ତାରିଖରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଅକ୍ଟୋବର ଶେଷସୁଦ୍ଧା ଇ-କେଓ୍ୱାଇସି କରି ନଥିବା ହିତାଧିକାରୀଙ୍କୁ ନଭେମ୍ବରରୁ ଚାଉଳ ମିଳିବ ନାହିଁ ବୋଲି କହିଥିଲେ। ଏଣୁ ସ୍ୱାଭାବିକ ଭାବେ ସମସ୍ତଙ୍କ ନଜର ରହିଥିଲା ସରକାର ଅକ୍ଟୋବର ୩୧ ତାରିଖ ଦିନ କ'ଣ ପଦକ୍ଷେପ ନେଉଛନ୍ତି। ଯୋଗାଣ ବିଭାଗରୁ ମିଳିଥିବା ସୂଚନା ଅନୁସାରେ, ରାଜ୍ୟରେ ଥିବା ୩ କୋଟି ୨୪ ଲକ୍ଷ ୩୦ ହଜାର ହିତାଧିକାରୀଙ୍କ ମଧ୍ୟରୁ ନଭେମ୍ବର ୩୦ ସୁଦ୍ଧା ୧୫ ଲକ୍ଷ ୪୧ ହଜାର ୪୨୩ ଜଣ ନିଜର ଇ-କେଓ୍ୱାଇସି କରିନାହାନ୍ତି। ଗଞ୍ଜାମରେ ସର୍ବାଧିକ ୧ ଲକ୍ଷ ୫୬ ହଜାର, କଟକ ରେ ୮୭ ହଜାର, ମୟୂରଭଞ୍ଜ-କଳାହାଣ୍ଡି ରେ ୭୬ ହଜାର, ବଲାଙ୍ଗୀର-ବାଲେଶ୍ୱର ରେ ୭୪ ହଜାର, ପୁରୀ ରେ ୬୯ ହଜାର, ବରଗଡ଼ ରେ ୬୫ ହଜାର, କେନ୍ଦୁଝର-ଖୋର୍ଦ୍ଧାରେ ୬୪ ହଜାର ହିତାଧିକାରୀଙ୍କ ଇ-କେଓ୍ୱାଇସି ବାକି ରହିଛି। ସେହି ଭଳି ନୟାଗଡ଼ ଜିଲ୍ଲାରେ ୩୪ ହଜାର ୭୦୬ ହିତାଧିକାରୀ ଇ-କେଓ୍ୱାଇସି କରିନାହାନ୍ତି। ସେଥି ମଧ୍ୟରୁ ନୟାଗଡ଼ ମ୍ୟୁନିସିପାଲଟି ରେ ୨୪୦ ଜଣ ଇ-କେଓ୍ୱାଇସି କରିନଥିବା ଜଣା ପଡ଼ିଛି। ଛୋଟ ଛୁଆ, ବୃଦ୍ଧ-ବୃଦ୍ଧାଙ୍କ ଏବଂ ଦିବ୍ୟାଙ୍ଗ ପାଇଁ ଇ-କେଓ୍ୱାଇସି ରେ ଟିପ ବା ଫିଙ୍ଗର୍ ପ୍ରିଣ୍ଟ ଏବଂ ଆଇ ସ୍କାନିଂ ର ସମସ୍ୟା ଦେଖା ଦେଇଥିବା ରୁ ଅନେକ ଏଥିରେ ବାଦ୍ ପଡ଼ିଥିବା ଅଭିଯୋଗ ହୋଇଛି। ସେହି ଭଳି ଇ-କେଓ୍ୱାଇସି କରି ନଥିବା ଅନେକ ହିତାଧିକାରୀ ଭୂତ ହୀତାଧିକାରୀ ଥିବା ମଧ୍ୟ ଅଭିଯୋଗ ହୋଇଛି। ଇ-କେଓ୍ୱାଇସିରେ ଭୂତ ହିତାଧିକାରୀଙ୍କୁ ଏହି ଯୋଜନା ରୁ ବିଦା କରିବାରେ ବଡ ସହାୟକ ହୋଇଥିବା ଯୋଗ୍ୟ ବିବେଚିତ ହିତାଧିକାରୀ ମାନେ ପ୍ରତିକ୍ରିୟା ଦେଇଛନ୍ତି।

## କଳାହାଣ୍ଡି ଗଠନ ଦିବସ




କଳାହାଣ୍ଡି/ମହାଭାରତ):୧୯୪୯ ମସିହା ଆଜିର ଦିନରେ ସ୍ୱତନ୍ତ୍ର ଜିଲ୍ଲା ମାନ୍ୟତା ପାଇଥିଲା କଳାହାଣ୍ଡି। ଆଦିବାସୀ ଅଧ୍ୟୁଷିତ ଏହି ଅଞ୍ଚଳ ଦିନେ ଅନାହାର ମୃତ୍ୟୁ ସହ ଅଭାବ ଓ ଅନାଟନ ଅଞ୍ଚଳ ଭାବରେ ପରିଚିତ ଥିଲା ।ଏହା ଗରିବୀର ଗବେଷଣା ଗାର ଥିବା ବେଳେ ବଡ ନେତା ଓ ଲେଖକ ଏଠାକୁ ଗରିବୀର ଗବେଷଣା କରିବା ପାଇଁ ଆସୁଥିଲେ । କିନ୍ତୁ ଏଥି ମଧ୍ୟରେ ବିତି ଯାଉଛି ୭୫ ବର୍ଷ । ବଦଳିଛି କଳାହାଣ୍ଡିର ଭୌଗୋଳିକ ଚିତ୍ର । ଆଜି ପ୍ରତିଷ୍ଠା ଦିବସ ପାଳୁଥିବା ବେଳେ ୭୬ ବର୍ଷରେ ପଦାର୍ପଣ କରିଛି କଳାହାଣ୍ଡି ଜିଲ୍ଲା । ବଦଳାଇ ଦେଇଛି ନିଜ ପରିଚୟ । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ କୃଷି କ୍ଷେତ୍ରରେ କଳାହାଣ୍ଡି ସୃଷ୍ଟି କରି ପାରିଛି ନିଜର ସ୍ୱତନ୍ତ୍ର ପରିଚୟ ।ଏନେଇ ଆଜି କଳାହାଣ୍ଡି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ଗଠନ ଦିବସ ପାଳନ ହୋଇଯାଇଛି । ସକାଳୁ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶ୍ୱରୀଙ୍କ ମନ୍ଦିରରୁ ଏକ ବିଶାଳ ମଶାଲ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ ଟାଉନ ହଲ ଠାରେ ପହଞ୍ଚିବା ପରେ ମ□ ପୂଜା ଅନୁଷ୍ଠିତ ହୋଇଥିଲା । ପରେ ପରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ଅନୁଷ୍ଠିତ କାର୍ଯକ୍ରମ ରେ ମୁଖ୍ୟ ଅତିଥି ଭାବରେ କଳାହାଣ୍ଡି ବିଶ୍ ବିଦ୍ୟାଳୟ ର କୁଳପତି ନିବେଦିତା ନାଥାର, ଜିଲ୍ଲାପାଳ ପାୱାର୍ ସଚିନ ପ୍ରକାଶ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦାନ୍ ପ୍ରମୁଖ ଯୋଗ ଦେଇଥିବା ବିକଶିତ କଳାହାଣ୍ଡିକୁ ନେଇ ନିଜର ବକ୍ତବ୍ୟ ରଖିଥିଲେ ।ଏହାପରେ ଆରମ୍ଭ ହୋଇଥିଲା ସଂସ୍କୃତି କାର୍ଯ୍ୟକ୍ରମ ।

## କେନ୍ଦୁଝରଠାରେ ଜିଲ୍ଲାସ୍ତରୀୟ ଭିଜିଲାନ୍ସ ସଚେତନତା ସପ୍ତାହ



କେନ୍ଦୁଝର (ମହାଭାରତ):ସାଧାରଣ ଜୀବନରେ ସଚ୍ଚୋଟତା ଏବଂ ଉ□ରଦାୟିତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ କେନ୍ଦୁଝରଠାରେ ଜିଲ୍ଲାସ୍ତରୀୟ ଭିଜିଲାନ୍ସ ସଚେତନତା ସପ୍ତାହ ପାଳିତ ହୋଇଯାଇଛି ।ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ସ୍କୁଲ ଏବଂ କଲେଜ ଛାତ୍ରଛାତ୍ରୀ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନେଇ ଏକ ସଚେତନତା ରାଲି ସହିତ ଦିନଟି ଆରମ୍ଭ ହୋଇଥିଲା। କେନ୍ଦୁଝର ସହରର ମୁଖ୍ୟ ରାସ୍ତା ଦେଇ ଯାଇଥିବା ଏହି ପଦଯାତ୍ରାରେ ସଚ୍ଚୋଟତା, ଦୁର୍ନୀତି ବିରୋଧୀ ଅଭ୍ୟାସ ଏବଂ ଦାୟିତ୍ୱବାନ ନାଗରିକ ହେବା ପାଇଁ ଗୁରୁତ୍ୱାରୋପ କରାଯାଇ ସ୍ଲୋଗାନ ମାନ ଦିଆଯାଇଥିଲା। ଏହି ସଚେତନତା ରାଲିକୁ ଡ଼ିଏସପି ଭିଜିଲାନ୍ସ କେନ୍ଦୁଝର ଶାଖା ସୁଧାଂଶୁ ଶେଖର ପୂଜାରୀ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ସବୁଜ ପତାକା ପ୍ରଦର୍ଶନ କରି ଶୁଭାରମ୍ଭ କରିଥିଲେ। ପରବର୍ତୀ ସମୟରେ, ଦରବାର ହଲଠାରେ ଏକ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲାୟ ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଚଳିତ ବର୍ଷର ବିଷୟବସ୍ତୁ ଭିଜିଲାନ୍ସ ସଚେତନତା ଆମ ସାମୁହିକ ଦାୟିତ୍ୱ ବାବଦରେ ଆଲୋକପାତ କରିଥିଲେ। କେବଳ ସରକାରୀ ଅଧିକାରୀ ନୁହେଁ ସାଧାରଣ ଲୋକଟିଏ ମଧ୍ୟ ନିଜ ଦୈନନ୍ଦିନ ଜୀବନରେ ନିଜ ଉପରେ ଙ୍କ ନ୍ୟସ୍ତ ଦାୟିତ୍ୱକୁ ନ ତୁଲାଇବା ଦୁର୍ନୀତି ଭାବେ ପରିଗଣିତ ତେଣୁ ଆମକୁ ମଧ୍ୟ ଦୁର୍ନୀତି ବିରୋଧୀ ଅଭ୍ୟାସ ଜାରି ରଖିବାକୁ ପଡିବ ବୋଲି କହିଥିଲେୟ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ନେହାଶିଷ ସାହୁ, ଭିଜିଲାନ୍ସ ଶାଖା କେନ୍ଦୁଝରର ଉପ ଆରକ୍ଷୀ ଅଧିକ୍ଷକ ସୁଧାଂଶୁ ଶେଖର ପୂଜାରୀ, ଡେପୁଟି କଲେକ୍ଟର ମହମ୍ମଦ ଫିରୋଜ ଖାଁ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ନିଜ ନିଜ ଅଭିଭାଷଣରେ ସଂସ୍ଥାଗତ ଦାୟିତ୍ୱବୋଧକୁ ସୁଦୃଢ଼ କରିବା ଏବଂ ସୁଶାସନ ସୁନିଶ୍ଚିତ କରିବା ପାଇଁ ଭିଜିଲାନ୍ସର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ସାର୍ବଜନୀନ ସେବାରେ ନୈତିକ ମାନଦଣ୍ଡ ବଜାୟ ରଖିବା ପାଇଁ ଜିଲ୍ଲା ପ୍ରଶାସନର ପ୍ରତିବଦ୍ଧତାକୁ ଦୋହରାଇଥିଲେ ଏବଂ ଦୁର୍ନୀତିମୁକ୍ତ ପରିବେଶ ସଷ୍ଟି କରିବା ପାଇଁ ସାମୂହିକ ପ୍ରୟାସକୁ ଆହ୍ୱାନ କରିଥିଲେ ।ଏହି ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ଶୀର୍ଷ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା।

## ଟ୍ରକ୍ ଧକ୍କା ରେ ବାପା ମୃତ,ଝିଅ ଓ ଶଳା ଗୁରୁତର

କେନ୍ଦୁଝର(ମହାଭାରତ):କେନ୍ଦୁଝର ସଦର ଥାନା ଅନ୍ତର୍ଗତ ପଦ୍ମପୁର କଲେଜ ଛକ ବୁଲାଣି ନିକଟରେ ଆଜି ଦିନ ୧୦ଟାବେଳେ ଏକ ୧୪ ଚକିଆ ଟ୍ରକ୍ ଧକ୍କାରେ ନମ୍ୱର ବିଶିଷ୍ଟ ବାଇକ୍ କୁ ଧକ୍କା ଦେବାରୁ ବାପାଙ୍କ ମୃତ୍ୟୁ ଘଟିଥିବାବେଳେ ପଛରେ ବସିଥିବା ଝିଅ ଓ ତାଙ୍କ ମାମୁଁ ଗୁରୁତର ହୋଇଛନ୍ତି ।ମୃତକ ହେଲେ ବରଦାପାଳ ପଞ୍ଚାୟତ ଉପରକୁସୁମିତା କଶିରାସାହିର ବିଦ୍ୟାଧର ନାଏକ(୩୫) ।ଗୁରୁତର ଶଳା ହେଲେ ଦେବାନନ୍ଦ ଦେହୁରୀ(୩୫)ଓ ଝିଅ ସାବିତ୍ରୀ ନାଏକ(୧୪)ଉଦ୍ଧାର କରାଯାଇ ଏ ନ୍ ଏଚ୍ ଆଇ ୧୦୩୩ ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ଧରଣୀଧର ମେଡିକାଲ କଲେଜ କୁ ପଠାଯାଇଛି ।ସଦର ପୋଲିସ ସ୍ୱରୂପ ରଂଜନ ନାୟକ,ନିହାର ରଞ୍ଜନ ରାଉତ,ପ୍ରବୋଧ ଚନ୍ଦ୍ର ମହାନ୍ତି ପହଞ୍ଚି ଶବ ସମେତ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରି ତଦନ୍ତ ଆରମ୍ଭ କରିବା ସହିତ ଅଟକି ରହିଥିବା ଭାରୀଯାନ ଗୁଡିକୁ ପାର କରିଥିଲେ ।ଦୁର୍ଘଟଣା ଘଟାଇ ଫେରାର ହେବାକୁ ଉଦ୍ୟମ କରୁଥିବା ୧୪ ଚକିଆ ଏବଂ ଚାଳକ ଙ୍କୁ ଧନୁର୍ଜୟପୁର ନିକଟରୁ କାବୁ କରି ଥାନାକୁ ଆଣି ଅଟକ ରଖିଛି ।ସୁଚନା ମୁତାବକ,ବିଦ୍ୟାଧର ଙ୍କ ଝିଅ ସାବିତ୍ରୀ ନାଏକ ଉପର କୁସୁମିତା କନ୍ୟାଶ୍ରମ ଆବାସିକ ବିଦ୍ୟାଳୟର ରହି ପାଠ ପଢୁଛନ୍ତି ।ଆଜି ବାପା ମାମୁଁ ତିନିଜଣ ମିଶି ପଦ୍ମପୁର କୁ ଆଧାର ସଂଶୋଧନ କରିବାକୁ ଆସିଥିଲେ ।ପଦ୍ମପୁର କଲେଜ ବୁଲାଣି ଛକ ନିକଟ ରେ ବଜାର ଆଡକୁ ବାଇକ୍ ରେ ରାସ୍ତା ଅତିକ୍ରମ କରୁଥିବାବେଳେ ଟ୍ରକ୍ ବାଇକ୍ କୁ ଧକ୍ ଦେଇଥିଲା ।ଫଳରେ ତିନିଜଣ ରାସ୍ତାରେ ଛିଟିକି ପଡିଥିଲେ ।ମୁଣ୍ଡ ରେ ଟ୍ରକ୍ ମାଡି ଯିବାରୁ ଘଟଣା ସ୍ଥଳରେ ବିଦ୍ୟାଧର ଙ୍କ ମୃତ୍ୟୁ ଘଟିଛି ।ଏନେଇ ଏକ ମାମଲା ରୁଜୁ ହୋଇଛି ।ଶବ ବ୍ୟବଚ୍ଛେଦ ପରେ ମୃତ ଦେହ ପରିବାର ଙ୍କୁ ହସ୍ତାନ୍ତର କରାଯାଇଛି।

## ନୟାଗଡ଼ ପୁରୁଣା ସହରରେ ବୋଇତ ବନ୍ଦାଣ ଯାତ୍ରା ଉତ୍ସବ ଉଦ୍‌ଘାଟିତ




ନୟାଗଡ଼, ( ମହାଭାରତ ) : ନୟାଗଡ଼ ପୁରୁଣା ସହର ମଣ୍ଡାବାଗନ୍ ପଡ଼ିଆରେ ୨୨ ତମ ବୋଇତ ବନ୍ଦାଣ ଯାତ୍ରା ଉତ୍ସବ ଉଦଘାଟିତ ହୋଇଯାଇଛି । ଆୟୋଜିତ ଉଦଘାଟନ ସଭାରେ ମୁଖ୍ୟ ଅତିଥି ଭାବେ ନୟାଗଡ ଆରକ୍ଷୀ ଅଧିକ୍ଷକ ଏସ୍ ସୁଶ୍ରୀ, ଅତିଥି ଭାବେ ନୟାଗଡ଼ ପୌର ପରିଷଦ ଅଧକ୍ଷା ନିରୁପମା ଖଟେଇ, ରଣପୁର ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନ ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୋଟି ପୁଅ ନୃତ୍ୟ ଓ କଣ୍ଠଶିଳ୍ପୀ ଶର୍ମିଷ୍ଠା ସରକାର ଦ୍ୱାରା ମେଲୋଡି କାର୍ଯ୍ୟକ୍ରମକୁ ଦର୍ଶକ ଉପଭୋଗ କରିଥିଲେ। ବୋଇତ ବନ୍ଦାଣ ଯାତ୍ରାରେ ଛୋଟ ପିଲାଙ୍କ ପାଇଁ ଦୋଳି, ଟ୍ରେନ ବ୍ୟବସ୍ଥା ହୋଇଛି। ଅନେକ ଘର ଉପକରଣ ଦ୍ରବ୍ୟ, ଖାଦ୍ୟ ଷ୍ଟଲ ଖୋଲିଛି। ଆଜି ପ୍ରଥମ ସଂଧ୍ୟା ବେଶ୍ ଗହଳି ହୋଇଥିବା ଦେଖା ଯାଇଛି। ବୋଇତ ବନ୍ଦାଣ ଯାତ୍ରା ଉତ୍ସବ କମିଟି ସଭାପତି କିଶାନ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଂଯୋଜକ ଦାଶରଥି ସାହୁ, ଶ୍ରୀକାନ୍ତ ଖଟେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୁରୁଣା ସହର ଯୁବ ଗୋଷ୍ଠୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଆଜି ଠାରୁ ପା□ ଦିନ ବ୍ୟାପୀ ଏହି ବୋଇତ ବନ୍ଦାଣ ଯାତ୍ରା ଉତ୍ସବ ପାଳନ ହେବ। ଯାତ୍ରା ର ଉଦଯାପନ ଦିନ ସକାଳ ସକାଳୁ ପୁରୁଣା ସହର ଠାରେ ଅବସ୍ଥିତ ସାଗର ପୁଷ୍କରିଣୀ ରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହେବ। ସ୍ଥାନୀୟ କଳାକାର ଙ୍କ ଦ୍ୱାରା ଗୀତକଥା ଅନୁସାରେ ସାଧବ ପୁଅ ଅର୍ଥାତ ସାତ ପୁଅ ଓ ସାତ ବୋହୂ ସାଙ୍ଗକୁ ତଅପୋଇ ନୃତ୍ୟ ରେ ପରିବେଷଣ କରିବା ସହ ଓଡ଼ିଆ ଚଳଚ୍ଚିତ୍ରର ଜଗତ କଳାକାର ଙ୍କ ଦ୍ୱାରା ଏହି ବୋଇତ ବନ୍ଦାଣ ଯାତ୍ରା ଉତ୍ସବ ପାଳନ ହେବ।

## ଦୀର୍ଘ ସମୟର ଚିକିତ୍ସା ପରେ ମା କୋଳକୁ ଫେରିଲା ଛୁଆ ହାତୀ

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନାଞ୍ଚଳ ବମ୍ପା ସେକ୍ସନ ବହଣ୍ଡେଇ ଠାରେ ଦଳହାତୀ ଅସୁସ୍ଥ ଛୁଆହାତୀକୁ ଛାଡି ପଳାଇବା ପରେ ଖବରପାଇ ବନବିଭାଗ ପହଞ୍ଚି ଅସୁସ୍ଥ ଛୁଆ ହାତୀକୁ ଚିକିତ୍ସା ନିମନ୍ତେ ସମସ୍ତ ପ୍ରସ୍ତୁତି ଆରମ୍ଭ କରିଥିଲେ ।ଉତ୍ତମ ମାନର ଚିକିତ୍ସା ପାଇଁ କପିଳାସର ସ୍ୱତନ୍ତ୍ର ଚିକିତ୍ସା ଟିମ,ଆର ସି ସି ଏଫ ଅନୁଗୋଳ, ଢେଙ୍କାନାଳ ବନଖଣ୍ଡ ଅଧିକାରୀ,ଏ ସି ଏଫ, ଏବଂ ହିନ୍ଦୋଳ ବନା□ଳ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛୁଆ ହାତୀଟିର ଚିକିତ୍ସା ପରେ ରାତ୍ର ୯.୪୫ମିନଟ ସମୟରେ ବହଣ୍ଡେଇ ଜଙ୍ଗଲରେ ମା ହାତୀ ସହ ମିଳନ କରାଇଥିଲେ ।ଖୁସିରେ ମା ହାତୀଟି ନିଜ ଛୁଆକୁ ସାଙ୍ଗରେ ନେଇ ଖୀର ପାନ କରାଇଥିବାର ଡ୍ରୋନ ସାହାଯ୍ୟରେ ନିରୀକ୍ଷଣ କରିଥିଲେ ବନବିଭାଗର ପୁରାଟିମ। ମଣିଷ ଛୁଇଁଥିବି ହାତୀ ଛୁଆକୁ ପୁନର୍ବାର ହାତୀ ଗ୍ରହଣ କରିବାର ଉଦାହରଣ ହିନ୍ଦୋଳ ରେଞ୍ଜରେ ସୃଷ୍ଟି ହୋଇଛି ।ଏହା ନୂତନ ଭାବେ ଯୋଗ ଦେଇଥିବା ହିନ୍ଦୋଳ ବନାଞ୍ଚଳ ଅଧିକାରୀ ତ୍ରିଲୋଚନ ଦେହୁରୀଙ୍କର ସଫଳତା କହିଲେ ଅତୁକ୍ତି ହେବନାହିଁ। ବନା□ଳ ଅଧିକାରୀ କାର୍ଯ୍ୟରେ ଯୋଗଦାନ ପରେ ହିନ୍ଦୋଳରେ ହାତୀ ଆକ୍ରମଣ ଜନିତ ମୃତ୍ୟୁ ସଂଖ୍ୟାରେ ରୋକ ଲଗାଇବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ଗାଁ ଗାଁରେ ଲୋକମାନଙ୍କୁ ସଚେତନ କରିବା ସହ ହାତୀ ଚଲାପଥ ଗୁଡିକରେ ସୋଲାର ଲାଇଟ,ସାଇରନ୍ ଲଗାଇବା ସହ ପେଟ୍ରୋଲିଙ୍ଗ ବ୍ୟବସ୍ଥାକୁ କଡାକଡି କରିଛନ୍ତି।

## ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ

## ଏକ ଭାରତ,ଶ୍ରେଷ୍ଠ ଭାରତ, ଆତ୍ମନିର୍ଭରଶୀଳ ଭାରତ' ଆମର ସଂକଳ୍ପ



ନୂଆପଡା:(ମହାଭାରତ) ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ଭାରତୀୟ ଓ ଆମ ସମସ୍ତଙ୍କୁ ଏକ ସୂତ୍ରରେ ବାନ୍ଧି ରଖିବାର ପ୍ରୟାସ କରିଥିଲେ ସର୍ଦ୍ଦାର ପଟେଲ ଓ ଆଜି ଆମ ଭାରତୀୟଙ୍କ ଭାଇଚାରା ସୁଦୃଢ ହୋଇଛି ଓ ଏକ ସଶକ୍ତ ଭାରତ ଗଢିବା ପାଇଁ ଆମ ଭିତରେ ଏକତା, ସମନ୍ୱୟ ଓ ଦେଶପ୍ରେମର ଭାବନା ନିହାତି ଆବଶ୍ୟକ ରହିଛି । ଏକ ଭାରତ, ଶ୍ରେଷ୍ଠ ଭାରତ, ଆତ୍ମନିର୍ଭରଶୀଳ ଭାରତ' ଆମର ସଂକଳ୍ପ ବୋଲି ବିଜେପି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି । ଆଜି ହେଉଛି ଲୌହ ପୁରୁଷ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଓ ସ୍ୱାଧୀନତା ପରବର୍ତୀ ଗଡଜାତ ରାଜ୍ୟଗୁଡ଼ିକୁ ଏକାଠି କରି ଭାରତବର୍ଷକୁ ବିଶାଳ ରାଷ୍ଟ୍ର ଭାବେ ଗଠନରେ ତାଙ୍କର ମୁଖ୍ୟ ଭୂମିକା ଥିଲା। ଏହି ମହାନ ବରପୁତ୍ରଙ୍କୁ ସମ୍ମାନ ଜଣାଇ ୨୦୧୪ ମସିହାରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ରନ୍ ଫର୍ ୟୁନିଟି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସେହିପରି ୨୦୧୮ ମସିହାରେ ଗୁଜୁରାଟର କେଭାଡିଆ ଠାରେ ଭାରତୀୟଙ୍କ ଗୌରବ ବିଶ୍ୱର ସର୍ବବୃହତ ୧୮୨ ମିଟର ଉଚ୍ଚ ବିଶିଷ୍ଟ ପ୍ରତିମା ସ୍ଥାପନ କରାଇଥିଲେ। ସର୍ଦ୍ଦାର ପଟେଲଙ୍କ ସ୍ମୃତିରେ ପ୍ରତିବର୍ଷ ଅକ୍ଟୋବର ୩୧ ତାରିଖ ଦିନ 'ଏକତା ଦୌଡ' ଅନୁଷ୍ଠିତ ହେଉଛି । ଆଜି ଏହି ଅବସରରେ ନୂଆପଡାରେ ଅନୁଷ୍ଠିତ ହୋଇଥିବା ଏକତା ଦୌଡରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ କେ.ଭି.ସିଂହଦେଓ, ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବିଧାୟିକା ସଞ୍ଜଲି ମୁର୍ମୁ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ, ଯୁବ ନେତା ଅଭିନନ୍ଦନ ପଣ୍ଡା, ପ୍ରସନ୍ନ ପାଢ଼ୀଙ୍କ ସମେତ ଅନେକ ସ୍ଥାନୀୟ ନେତୃବୃନ୍ଦ ଓ ସାଧାରଣ ଜନତା ସାମିଲ ହୋଇଥିଲେ । ସେହିପରି ଖରିଆର ରୋଡ଼ରେ ଅନୁଷ୍ଠିତ ଏକତା ଦୌଡରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ, ମନ୍ତ୍ରୀ ଡା.କୃଷ୍ଣ ଚନ୍ଦ୍ର ମହାପାତ୍ର, ସାଂସଦ ସୁକାନ୍ତ ପାଣିଗ୍ରାହୀ, ସାଂସଦ ମାଳବିକା ଦେବୀ, ବିଧାୟକ ନବୀନ ଜୈନ, ଏନଏସି ଅଧକ୍ଷା ଡା.ସୋନିଆ ଜୈନ, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡାଙ୍କ ସମେତ ଅନେକ ସ୍ଥାନୀୟ ନେତୃବୃନ୍ଦ ଓ ସାଧାରଣ ଜନତା ସାମିଲ ହୋଇଥିଲେ । ସର୍ଦ୍ଦାର ପଟେଲଙ୍କ ନିଷ୍ଠା, ରାଷ୍ଟ୍ର ପ୍ରେମ ଓ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଯୁବବର୍ଗଙ୍କୁ ରାଜ୍ୟ ସଭାପତି ଶ୍ରୀ ସାମଲ ଆହ୍ୱାନ ଦେଇଛନ୍ତି ।

## ଅଙ୍ଗନୱାଡ଼ିଙ୍କ ଅବସର ପରେ ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ମିଳୁ ନ'ଥିବା ଅଭିଯୋଗ



ଲାଞ୍ଜିଗଡ଼,(ମହାଭାରତ):ଲାଞ୍ଜିଗଡ଼ ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ଆଦିବାସୀଙ୍କ ପାଇଁ ଉଭୟ ସରକାର ଅନେକ ଯୋଜନା ପ୍ରସ୍ତୁତ କରୁଛନ୍ତି ।ସେଥି ମଧ୍ୟରୁ ମହିଳା ଓ ଶିଶୁଙ୍କ ବିକାଶ ପାଇଁ ସମ୍ମନିତ ଶିଶୁ ବିକାଶ ଯୋଜନା ରହିଛି ହେଲେ ଲାଖବାହାଲି ଗାଁର ଅଙ୍ଗନୱାଡ଼ି ଦିଦି ଅବସର ନେଇଁ ୬ମାସ ବିତିଯାଇଥିଲେ ମଧ୍ୟ ଏବେ ଯାଏଁ ଖାଲି ପଡ଼ିଥିବା ଅଙ୍ଗନୱାଡ଼ି ପଦବୀ ପୂରଣ ହୋଇପାରିନାହିଁ। ଯାହାଦ୍ୱାରା ଶିଶୁଙ୍କ ପ୍ରାକ-ପ୍ରାଥମିକ ଶିକ୍ଷା ସମେତ ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ଅଣ୍ଡା ଛତୁଆ ଭଳି ବିଭିନ୍ନ ପୃଷ୍ଟିକର ଖାଦ୍ୟ ମିଳୁ ନ'ଥିବା ଅଭିଯୋଗ ହେଉଛି ।ରାଜ୍ୟ ସରକାରଙ୍କ ନିର୍ଦେଶ ଅନୁସାରେ ମହିଳା ଓ ଶିଶୁ ବିକାଶ ଯୋଜନା ଅଧୀନରେ ଗର୍ଭବତୀ ମହିଳା ଙ୍କଠାରୁ ଆରମ୍ଭ କରି ପ୍ରସୂତି ମହିଳା ଅଥବା ଜନ୍ମରୁ ତିନି ବର୍ଷ ଓ ତିନି ବର୍ଷରୁ ଛଅ ବର୍ଷର ଶିଶୁଙ୍କ ପାଇଁ ବିଭିନ୍ନ ସରକାରୀ ସୁବିଧା ରହିଥିବାବେଳେ ଉକ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ କାର୍ଯ୍ୟରତ ଅଙ୍ଗନବାଡ଼ି କର୍ମୀ ଅବସର ନେବାପରେ ଦୀର୍ଘ ଛଅ ମାସ ହେବ ହିତାଧିକାରୀଙ୍କୁ ଠିକ ଭାବରେ ଉପଯୁକ୍ତ ସୁବିଧା ସେବା ମିଳୁ ନ'ଥିବା ଅଭିଯୋଗ ହେଉଥିବା ବେଳେ ଦୀର୍ଘ ବର୍ଷ ହେବ ଅଙ୍ଗନୱାଡ଼ି କେନ୍ଦ୍ର ବିପଦ ସଂକୁଳ ଅବସ୍ଥାରେ ରହିଛି । କେତେବେଳେ କାହା ଉପରେ ଛାତ ଖସିପଡ଼ିବ ତାହା କହିହେବନି ।ଅଳ୍ପ ବର୍ଷା ହେଲେ ପାଣି ଝରିବା ସହ ଛାତଉପରୁ ଛାତ ଖଣ୍ଡଖଣ୍ଡ ହୋଇ ତଳେ ଖସି ପଡୁଛି ।ହେଲେ ପ୍ରଶାସନିକ ଅଧିକାରୀଙ୍କ ନଜର ପଡୁନି ଯାହାଦ୍ୱାରା ବିପଦ ପୂର୍ଣ୍ଣ ଛାତ ତଳେ ଶିଶୁଙ୍କ ଭବିଷ୍ୟତ ଗଢ଼ାହେଉଛି। ତେବେ ଯଥା ଶୀଘ୍ର ନୂତନ କୋଠା ସହ ଖାଲି ପଡିଥିଲା ଅଙ୍ଗନୱାଡି ପଦବୀ ପୂରଣ କରାଯାଉ ବୋଲି ନିବାସୀ ନିଆଳ,ମାର୍କଣ୍ଡ ସୁନା,ଦଶମୀ ନିଆଳ,ଅର୍ଜୁ ମାଝୀ,ଲାଞ୍ଜି ମାଝୀ, ଇନ୍ଦ୍ର ମାଝୀ,ଅର୍ଜୁନ ନିଆଳ,ସୁରମା ବାଗ,ସସ୍ମିତା ନାଏକ,ସମେତ ଗ୍ରାମ ବାସି ଦାବି କରିଛନ୍ତିୟ ଏନେଇ ଆମେ ଲାଞ୍ଜିଗଡ଼ ସମ୍ମନିତ ଶିଶୁ ବିକାଶ ଅଧିକାରୀଣୀ ନିରୁପମା ପଟନାୟକ ଙ୍କୁ ପଚାରିବାରୁ ଅନ୍ୟ ସିଲେକସନ ଗୁଡାକ ଚାଲିଛି ସେହିଟା ସରିଲା ପରେ ଯାଇକି ହୋଇ ପାରିବା ମୋର ଜଣକର କାମଯେ ମୁଁ ପୋଷ୍ଟ ବାହାର କରିଦେବି ମତେ ଗାଁ ଲୋକ ମାନେ ମଧ୍ୟ ଏହା ପାଇଁ ଫୋନ୍ କରୁଛନ୍ତି ସେଥିପାଇଁ ଖାଲି ପଡ଼ିଥିବା ପଦବୀ ପୂରଣ ପାଇଁ ଆମେ ଚେଷ୍ଟିତ ଅଛି ଆଉ କିଛି ଦିଅନ ଭିତରେ ହୋଇଯିବ ବୋଲି ପ୍ରକାଶ କରିଛନ୍ତି ।

## ଆସିକା ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ




ଆସିକା (ମହାଭାରତ): ଆସିକା ଗୋଷ୍ଠି ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଆସିକା ହରିହର ହାଇସ୍କୁଲ ଠାରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହରିହର ହାଇସ୍କୁଲ ପ୍ରଧାନ ଶିକ୍ଷକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମଟିକୁ ପ୍ରଦୀପ ପ୍ରଜ୍ୱଳନ କରି ମୁଖ୍ୟ ଅତିଥିଭାବେ ସାଂସଦ ପ୍ରତିନିଧି ଶରତ ଚନ୍ଦ୍ର ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ବେଳେ ମୁଖ୍ୟବକ୍ତା ଭାବେ ବ୍ଲକ ଶିକ୍ଷାଅଧିକାରୀ ମୁନ ରାଣୀ ମହାନ୍ତି, ସମ୍ମାନିତ ଅତିଥିଭାବେ ଜିଲ୍ଲାପରିଷଦ ଅନିମା ପରିଡା, ନଗର ବିଜେଡି ସଭାପତି ସତ୍ୟନାରାୟଣ ସ୍ୱାଇଁ,ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ବିଭୁ ନନ୍ଦନ ପଣ୍ଡା ଉପସ୍ଥିତ ଥିଲେ। ଆସିକା ବ୍ଲକ ର ୨୭ ପ□ାୟତର ୧୩ ଗୋଟି କ୍ଲଷ୍ଟର ୧୩୫ ବିଦ୍ୟାଳୟ, ୦୪ ଗୋଟି ମହାବିଦ୍ୟାଳୟ, ଗୋଟିଏ ଆଦର୍ଶ ବିଦ୍ୟାଳୟରୁ ୨୨ ଗୋଟି ବିଭିନ୍ନ ବର୍ଗ ରେ ଅଂଶ ଗ୍ରହଣ କରିଥିଲେ । ଏଥିରେ ବିଦ୍ୟାଳୟ ମାନଙ୍କ ରେ ଥିବା ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନେ ମଧ୍ୟ ଅଂଶ ଗ୍ରହଣ କରିଥିଲେ। ଏହି ଶିଶୁ ମାନଙ୍କ ନିପୁଣ କଳା ଶୈଳୀ, ଅନ୍ତର୍ନିହିତ କାରୁକାର୍ଯ୍ୟ, ନାଚ ଗୀତ,ସାଂକୃତିକ କାର୍ଯ୍ୟ ଦେଖି ମନ ମୁଗ୍ଧ ହୋଇଥିଲା । ପିଲା ମାନଙ୍କ ମଧ୍ୟରେ ଅନ୍ତଃନିହିତ ଗୁଣ ଏବଂ କଳା ର ବିକଶିତ କରିବା, ବିଦ୍ୟାର୍ଥୀ ମାନଙ୍କ ଇଚ୍ଛା ଶକ୍ତି ବୃଦ୍ଧି କରିବା, ପ୍ରତିଯୋଗିତା ମନ ଭାବ ବଢାଇବା ନିମନ୍ତେ ଏହି ଭଳି ଭିନ୍ନ ଭିନ୍ନ ଧରଣର ପ୍ରତିଯୋଗିତା ମାନ ସମଗ୍ର ଶିକ୍ଷା ପକ୍ଷରୁ ଆୟୋଜିତ କରାଯାଇଛି । ପିଲା ମାନଙ୍କୁ ନେଇ ରଚନା,ପ୍ରବନ୍ଧ, ବକ୍ତୃତା, ବିତର୍କ, କୁଇଜ, ଚିତ୍ରାଙ୍କନ,ସାଂସ୍କୃତିକ କାର୍ଯ୍ୟକ୍ରମ, ସଂଗୀତ,ଶିଳ୍ପକଳା,ସୃଜନଶିଳ ଲିଖନ ଭଳି ଅନେକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲାଲ ବିଭିନ୍ନ ବିଭାଗର ଅଂଶ ଗ୍ରହଣ କରି କୃତୀତ୍ୱ ଲାଭ କରିଥିବା ପ୍ରତି ଯୋଗୀ ମାନଙ୍କୁ ଅତିଥି ଦ୍ୱାରା ପୁରସ୍କୃତ କରାଯାଇଥିଲା। ଆସିକା ବ୍ଲକ ର ସିଆରସିସି ନଳବଣ୍ଟାର ସରୋଜ ପ୍ରଧାନ,ଏନ ଏ ସି କ୍ଲଷ୍ଟର ଶିଶିର କାନ୍ତ ବେହେରା,ବାବନପୁର, ରାଧା ମୋହନ ଡାକୁଆ,ଖରିଆ ଟୁଲୁ ସେଠୀ,କେ ନୂଆପଲ୍ଲୀ ଅର୍ଚନା ବେହେରା,ଗାଙ୍ଗପୁର ଚନ୍ଦ୍ର ଶେଖର ସ୍ୱାଇଁ,ବାଲିସିରା ହରିବନ୍ଧୁ ବେହେରା,କାଳଷଣ୍ଢପୁର ଆର ସିଲା ଦୋରା,ଭେଟନଇ ସୌଦାମିନୀ ହୋତା,ବଡ଼ଖୋଲି ଚିତ୍ର ସେନ ସେଠୀ,କେନ୍ଦୁପଦର କ୍ଲଷ୍ଟର ରଂଜିତା ପାତ୍ର ପ୍ରମୁଖ ଆୟୋଜିତ ସୁରଭି କାର୍ଯ୍ୟକ୍ରମରେ ସମସ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷକ,ଶିକ୍ଷକ, ଶିକ୍ଷୟତ୍ରୀ ସହଯୋଗ କରିଥିଲେ।

## ବିଜେପି ସରକାରରେ ନୂଆପଡା ହେବ ବିକଶିତ ଜିଲ୍ଲା : ଲମ୍ବୋଧର ନିଆଲ

ନୂଆପଡା:(ମହାଭାରତ): ସ୍ୱର୍ଗତ ରାଜୁଭାଇ ଢୋଲକିଆଙ୍କ ଅକାଳ ବିୟୋଗ ପରେ ଏବେ ନୂଆପଡ଼ା ବିଧାନସଭାରେ ଉପର୍ନିବାଚନ ହେବାକୁ ଯାଉଛି। ଏଥିରେ ବିଭିନ୍ନ ଦଳର ନେତୃତ୍ୱମାନେ ନୂଆପଡ଼ା ବିଷୟରେ କିଛି ନ ଜାଣି ସବୁ ସମୟରେ ମିଥ୍ୟା ଅପପ୍ରଚାର କରୁଛନ୍ତି। ପୂର୍ବ ସରକାର ସମୟରେ 'ମା'ଙ୍କୁ ସମ୍ମାନ ଗାଁକୁ କାମ' କେବଳ କଥାରେ ସୀମିତ ଥିଲା। ମାତ୍ର ଗତ ୧୫ ମାସ ମଧ୍ୟରେ ଡବଲଇଞ୍ଜିନ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ଓଡ଼ିଶାର ପୂରପଲ୍ଲୀରେ ପହଂଚିଛି ବୋଲି ନୂଆପଡ଼ାଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଶ୍ରୀ ଲକ୍ଷ୍ମଣ ବାଗ୍ କହିଛନ୍ତି। ଶ୍ରୀ ବାଗ୍ କହିଛନ୍ତି ଯେ, ବିଜେପି ରାଜ୍ୟରେ ଏକାକୀ ସରକାର ଗଢିବା ପରେ ମୁଖ୍ୟମନ୍ତ୍ରୀ ଭାବେ ଶ୍ରୀ ମୋହନ ଚରଣ ମାଝୀ ନେତୃତ୍ୱ ନେଇ ସର୍ବପ୍ରଥମେ ମହିଳାମାନଙ୍କୁ ଗୁରୁତ୍ୱ ଦେଲେ। ମା'ଓ ଭଉଣୀମାନଙ୍କୁ ସୁଭଦ୍ରା ଯୋଜନାରେ ବର୍ଷକୁ ଦୁଇଥର ଆର୍ଥିକ ସହାୟତା ଦେଲେ। ମାତ୍ର ବିରୋଧୀ ଏହାକୁ ସହି ନ ପାରି ସବୁବେଳେ ମିଥ୍ୟା ଆରୋପ ଲଗାଉଛନ୍ତି। ମାତ୍ର ଥରେ ସେଇ ମା'ଙ୍କୁ ଯାଇ ପଚାର, ଯିଏ କୁନି ପିଲାକୁ କାଖରେ ଧରି ଅନ୍ୟ ଘରେ କାମ କରୁଛି, କ୍ଷେତକୁ ଯାଇ କାମ କରୁଛି, ଠିକାଦାର ପାଖରେ ୫୦ ଡିଗ୍ରୀ ଖରାରେ କାମ କରିବାକୁ ବାଧ୍ୟ ହେଉଛି, ନିଜ ଭିଟାମାଟିକୁ ଛାଡ଼ି ପିଲାଛୁଆଙ୍କୁ ଶିକ୍ଷାରୁ ବଂଚିତ କରି ଦାଦନ ଖଟିବାକୁ ଯାଉଛି। ସେ ମା' ହିଁ କହିପାରିବ ବର୍ଷକରେ ୧୦ ହଜାର ଟଙ୍କାର ମୂଲ୍ୟ କେତେ ? ଏହି ଟଙ୍କାରେ ଜଣେ ମା' ନିଜ ପିଲାକୁ ବିଦ୍ୟାଳୟରେ ନାଁ ଲେଖାଇ ଶିକ୍ଷିତ କରିପାରିବ, ଛୋଟ ବ୍ୟବସାୟ କରି ନିଜ ପରିବାର ପ୍ରତିପୋଷଣ କରିପାରିବ। ଏହାକୁ ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ସହ୍ୟ କରିପାରୁନାହାନ୍ତି । ବିଗତ ବିଜେଡି ସରକାର ସମୟରେ ରାଜ୍ୟରେ ପ୍ରାୟ ସାଢେ ୬ ହଜାର ସ୍କୁଲ ବନ୍ଦ କରିଦିଆଯାଇଥିଲା। ମୋହନ ମାଝୀଙ୍କ ସରକାର ଆସିବା ପରେ ବିଦ୍ୟାଳୟଗୁଡ଼ିକରେ ଭଲ ଶିକ୍ଷାଦାନ ଦେବା ନିମନ୍ତେ ୧୮ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକଙ୍କୁ ନିଯୁକ୍ତି ଦେଇଛନ୍ତି। ଉଚ୍ଚ ଶିକ୍ଷାରେ ଓବିସି ସମାଜ ପାଇଁ ୧୧.୨୫% ସଂରକ୍ଷଣ ଲାଗୁ କରିବା ଦ୍ୱାରା ଏହି ସମାଜର ଅନେକ ଛାତ୍ରୀଛାତ୍ର ଲାଭବାନ ହୋଇପାରିଛନ୍ତି। ମାଧୋ ସିଂ ହାତ ଖର୍ଚ୍ଚ ଯୋଜନାରେ ମୁଖ୍ୟମନ୍ତ୍ରୀ ଯେଉଁ ଅନୁଦାନ ଦେଇଛନ୍ତି, ସେଥିରେ ଗରିବ ଶ୍ରେଣୀର ପିଲାମାନେ ଶିକ୍ଷାଲାଭ କରିପାରୁଛନ୍ତି। ନୂଆପଡ଼ାରେ ଜିଲ୍ଲାରେ ବିଗତ ସରକାର ସମୟରେ ସବୁବେଳେ ଚାଷୀମାନଙ୍କ ପ୍ରତି ଅନ୍ୟାୟ କରାଯାଉଥିଲା। ମାତ୍ର ବିଜେପି ସରକାର ଆସିବା ପରେ ଧାନ କୁଇଂଟାଲର ସହାୟକ ମୂଲ୍ୟ ବୃଦ୍ଧି କରାଯାଇ ୩୧୦୦ ଟଙ୍କା କରାଗଲା। ଏବେ ନୂଆପଡା ଜିଲ୍ଲାରେ ଏକ ବଡ଼ ଶୀତଳଭଣ୍ଡାର କରିବାକୁ ବିଜେପି ସରକାର ନିଷ୍ପତ୍ତି ନେଇଛନ୍ତି । 'ବିକଶିତ ନୂଆପଡ଼ା' ଗଠନ ପାଇଁ ମୁଖ୍ୟମନ୍ତ୍ରୀ ସଂକଳ୍ପ ନେବା ସହ ଜିଲ୍ଲାର ସାମଗ୍ରିକ ବିକାଶ ଦାୟିତ୍ୱ ନିଜେ ନେଇଛନ୍ତି। ଏହି ଜିଲ୍ଲାକୁ ବିକଶିତ କରିବା ପାଇଁ ୧୧୦୦ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିଛନ୍ତି। ସେଥିରୁ ଚାଷ ଓ ଜଳସେଚନ ପାଇଁ କେବଳ ୬୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଘୋଷଣା କରିଛନ୍ତି। ବିଗତ ସରକାର ସମୟରେ ଯାଦବ ସମ୍ପ୍ରଦାୟ ପ୍ରତି ସବୁବେଳେ ଅନ୍ୟାୟ ହେଉଥିଲାୟ ସେମାନଙ୍କୁ ସବୁବେଳେ ଠକି ଦିଆଯାଉଥିଲା। ମାତ୍ର ମୋହନ ମାଝୀଙ୍କ ସରକାର ଆସିବା ପରେ ଯାଦବ ସମ୍ପ୍ରଦାୟର ଦୁଃଖ ଦୂର ହୋଇଛି। ମାନ୍ୟବର ମୁଖ୍ୟମନ୍ତ୍ରୀ ମାଝୀ ଯାଦବମାନଙ୍କ ପାଇଁ ୨ ଏକର ଜାଗାରେ ଏକ ବଡ଼ ଭବନ ନିର୍ମାଣ ପାଇଁ ନିଷ୍ପତି ନେଇଛନ୍ତି। ନୂଆପଡ଼ାକୁ ବରଗଡ଼ ଜିଲ୍ଲା ସହ ରେଳ ଜରିଆରେ ସଂଯୋଗ କରିବା ପାଇଁ ମୋହନ ମାଝୀ କେନ୍ଦ୍ର ସରକାରଙ୍କୁ ଜମି ଯୋଗେଇ ଦେଇଛନ୍ତ। ଦୀର୍ଘଦିନରୁ ଦାବି ହୋଇ ଆସୁଥିବା ଖରିଆର୍ ରୋଡ୍କୁ ମ୍ୟୁନିସିପାଲ୍ଟି ଏବଂ କୋମନା, ସିନାପଲ୍ଲୀ ଏନ୍ଏସି କରିବା ପାଇଁ ଘୋଷଣା କରିଛନ୍ତି। ନୂଆପଡ଼ାକୁ ବିକଶିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହା ନିଶ୍ଚୟ ପୂରଣ ହେବ ବୋଲି ଶ୍ରୀ ବାଗ୍ କହିଛନ୍ତି। ଉତ୍କଳ ଯାଦବ ମହାସଭାର ଉପସଭାପତି ତଥା କଳାହାଣ୍ଡି ସାଂସଦ ପ୍ରାର୍ଥୀ ଲମ୍ବୋଧର ନିଆଲ କହିଛନ୍ତି, ବିଜେଡି କେବଳ ଲୋକଙ୍କୁ ଠକିବା ଶିଖିଛି, ମାତ୍ର ବିଜେପି ସରକାର ବିକାଶ କରୁଛି।

## ଧୀରେ ଧୀରେ ବିଗୁଡୁଛି ଦିଲ୍ଲୀର ବାୟୁ ଅବସ୍ଥା



ନୂଆଦିଲ୍ଲୀ: ଧୀରେ ଧୀରେ ବିଗିଡ଼ିବାରେ ଲାଗିଛି ଦିଲ୍ଲୀର ବାୟୁ ଅବସ୍ଥା । ଶନିବାର ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ ଲଗାତାର ଦ୍ୱିତୀୟ ଦିନ ପାଇଁ 'ଖରାପ' ବର୍ଗରେ ରହିଛି । ଶୁକ୍ରବାର ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚନାଙ୍କ ୨୧୮ ଥିବା ବେଳେ ଶନିବାର ସମାନ୍ୟ ବୃଦ୍ଧି ପାଇ ୨୩୩ରେ ପହଞ୍ଚିଛି । କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁଯାୟୀ, ଦିଓ ଏକ୍ୟୁଆଇ 'ମଧ୍ୟମ' ଏବଂ 'ଖରାପ' ବର୍ଗ ମଧ୍ୟରେ ରହିଛି, ଉତ୍ତର ଦିଲ୍ଲୀର ୱାଜିରପୁର ସବୁଠାରୁ ପ୍ରଦୂଷିତ ଅଞ୍ଚଳ ଥିଲା, ଯାହାର ଏକ୍ୟୁଆଇ ଥିଲା ୩୨୩। ଯାହାକି 'ଅତ୍ୟନ୍ତ ଖରାପ' ବର୍ଗ ଅନ୍ତର୍ଭୁକ୍ତ।

ରାଜଧାନୀ ଦିଲ୍ଲୀରେ ବାୟୁ ପ୍ରଦୂଷଣ ପୁଣି ଥରେ ଚିନ୍ତାର କାରଣ ପାଲଟିଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦ୍ୟତମ ତଥ୍ୟ ଅନୁଯାୟୀ, ଅନେକ ଅଞ୍ଚଳରେ ବାୟୁ ଗୁଣବତ୍ତା ସୂଚକାଙ୍କ ଅତ୍ୟନ୍ତ ଖରାପ ସ୍ତରକୁ ପହଞ୍ଚିଛି। ଦିଲ୍ଲୀର ଓଞ୍ଜଙ ଅଞ୍ଚଳରେ ବାୟୁ ଗୁଣବତ୍ତା ସୂଚକାଙ୍କ ୨୭୫ ରେକର୍ଡ କରାଯାଇଥିଲା, ଯାହା ଖରାପ ବର୍ଗରେ ପଡ଼ିଥାଏ। ଅକ୍ଷରଧାମ ଏବଂ ଏହାର ଆଖପାଖ ଅଞ୍ଚଳରେ ବାୟୁ ଗୁଣବତ୍ତା ସ୍ତର ୨୭୨ରେ ପହଞ୍ଚିଥିଲା। ଇଓଓଗଝ ଅଞ୍ଚଳରେ ବାୟୁ ଗୁଣବତ୍ତା ସୂଚକାଙ୍କ ୨୯୧ ଥିଲା, ଯାହା ଖରାପ ବର୍ଗର ଉପର ଭାଗରେ ପଡ଼ିଥାଏ । ଲୋଧି ରୋଡ୍ ଅଞ୍ଚଳରେ ପରିସ୍ଥିତି ଟିକିଏ ଭଲ ଥିଲା, ଯେଉଁଠାରେ ବାୟୁ ଗୁଣବତ୍ତା ସୂଚକାଙ୍କ ୧୮୪ ରେକର୍ଡ କରାଯାଇଥିଲା, ଯାହାକୁ "ମଧ୍ୟମ" ବର୍ଗରେ ବିବେଚନା କରାଯାଏ । ପ୍ରଦୂଷଣ ହ୍ରାସ କରିବା ପାଇଁ ସ୍ୱତନ୍ତ୍ର ଜଳ ସିଞ୍ଚନକାରୀ ନିୟୋଜିତ କରାଯାଇଛି। ସେହିପରି, ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର ଅଞ୍ଚଳରେ ୧୮୮ ସୂଚକାଙ୍କ ରେକର୍ଡ କରାଯାଇଥିଲା, ଯାହାକୁ "ମଧ୍ୟମ" ବୋଲି ବିବେଚନା କରାଯାଏ।ପୂର୍ବ ଦିଲ୍ଲୀର ଆନନ୍ଦ ବିହାର ଅଞ୍ଚଳରେ ବାୟୁ ଗୁଣବତ୍ତା ସବୁଠାରୁ ଚିନ୍ତାଜନକ ଥିଲା, ଯେଉଁଠାରେ ସୂଚକାଙ୍କ ୨୯୮ରେ ପହଞ୍ଚିଥିଲା। ବାୱାନାରେ ବାୟୁ ଗୁଣବତ୍ତା ସୂଚକାଙ୍କ ୩୦୧ ରେକର୍ଡ କରାଯାଇଥିଲା, ଯାହା ଅତ୍ୟନ୍ତ ଖରାପ ବର୍ଗର ଆରମ୍ଭ ଥିଲା। ଚାନ୍ଦନୀ ଚୌକରେ ସ୍ତର ୨୯୯ ଏବଂ ଆର.କେ. ପୁରମରେ ୨୯୮ ଥିଲା। ବୁରାରି ଅଞ୍ଚଳରେ ବାୟୁ ଗୁଣବତ୍ତା ସୂଚକାଙ୍କ ୨୬୪ ଥିଲା ।

## ସବୁଠୁ ଓଜନ ସାଟେଲାଇଟ୍ ଲଞ୍ଚ୍ କରିବ ଇସ୍ରୋ



ଶ୍ରୀହରିକୋଟା,୧।୧୧ : ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ରବିବାର ଆନ୍ଧ୍ରପ୍ରଦେଶ ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ୍ ମହକାଶ କେନ୍ଦ୍ରରୁ ସିଏମ୍ଏସ୍-୦୩ ଯୋଗାଯୋଗ ଉପଗ୍ରହକୁ କକ୍ଷପଥକୁ ଛଡ଼ାଯିବ। ଏହି ସାଟେଲାଇଟ୍‌ର ଓଜନ ୪,୪୧୦ କିଲୋଗ୍ରାମ ଯାହାକି ଭାରତ ମାଟିରୁ ଉତ୍କ୍ଷେପଣ ହୋଇ ଏକ ଭୂ-ସମକାଳିକ ସ୍ଥାନାନ୍ତର କକ୍ଷ(ଜିଟିଓ)ରେ ଅବସ୍ଥାପିତ ହେବାରେ ସବୁଠୁ ଓଜନଦାର ଉପଗ୍ରହ ହେବ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି। ସବୁଠୁ ଭିଏମ୍୩-ଏମ୍୫ ରକେଟରେ ଏହି ସାଟେଲାଇଟ୍‌କୁ ଉତ୍କ୍ଷେପଣ କରାଯିବ। ୪୩.୫ ମଟର ଉଚ୍ଚର ଉକ୍ତ ବାହୁବଳୀ ରକେଟକୁ ସମ୍ପୂର୍ଣ୍ଣ ଆସେମ୍ବ୍ଲି କରାଯବା ସହ ଏୟାରକ୍ରାଫ୍ଟରେ ସଂଯୋଗ କରାଯାଇଛି। ଲଞ୍ଚ୍ ପୂର୍ବରୁ ଏହାକୁ ଦ୍ୱିତୀୟ ଲଞ୍ଚ୍ ପ୍ୟାଡ୍‌କୁ ନିଆଯିବ ବୋଲି ବେଙ୍ଗାଲୁରୁସ୍ଥିତ ସ୍ପେସ୍ ଏଜେନ୍ସି କହିଛି।

## ହିନ୍ଦୁ ପତ୍ନୀଙ୍କ ଧର୍ମ ପରିବର୍ତ୍ତନ ହେବ ନାହିଁ: ବିବାଦ ନେଇ ସ୍ୱଷ୍ଟୀକରଣ ଦେଲେ ଆମେରିକା ଉପରାଷ୍ଟ୍ରପତି

ୱାଶିଂଟନ:ଆମେରିକାର ଉପରାଷ୍ଟ୍ରପତି ଜେ.ଡି. ଭାନ୍ସଙ୍କୁ ଜଣେ ଦକ୍ଷିଣ ଏସୀୟ ମହିଳା ତାଙ୍କ ଧର୍ମ ଏବଂ ତାଙ୍କ ପତ୍ନୀ ଉଷା ଭାନ୍ସଙ୍କ ସହ ତାଙ୍କର ଆନ୍ତଃଧର୍ମ ବିବାହ ଏବଂ ପ୍ରବାସନ ଉପରେ ଡୋନାଲ୍ଡ ଟ୍ରମ୍ପ୍ ପ୍ରଶାସନର ନୀତି ବିଷୟରେ ପ୍ରଶ୍ନ କରିଥିଲେ। ଭାନ୍ସ ତାଙ୍କ ପତ୍ନୀ ଉଷାଙ୍କୁ ଖ୍ରୀଷ୍ଟିଆନ୍ ଧର୍ମ ଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ ବୋଲି ତାଙ୍କ ବକ୍ତବ୍ୟକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଭାନ୍ସ ଏବେ ଏହି ବିଷୟ ସ୍ୱଷ୍ଟୀକରଣ ଦେଇଛନ୍ତି। ସୋସିଆଲ ମିଡିଆରେ ଉଭୟଙ୍କ ମଧ୍ୟରେ ହୋଇଥିବା କଥାବାର୍ତ୍ତା ପ୍ରକାଶ ପାଇଛି। ଯେଉଁଥିରେ ବୁଧବାର ଦିନ ମିସିସିପି ବିଶ୍ୱବିଦ୍ୟାଳୟରେ ଏକ ଟର୍ନିଂ ପଏଣ୍ଟ ୟୁଏସଏ କାର୍ଯ୍ୟକ୍ରମରେ ବିନ୍ଦି ପିନ୍ଧିଥିବା ଜଣେ ମହିଳା ଭାନ୍ସଙ୍କୁ ଏକ ପ୍ରଶ୍ନ ପଚାରୁଥିବାର ଦେଖାଯାଇଛି। ଭାନ୍ସଙ୍କୁ ସମ୍ବୋଧିତ କରି ମହିଳା ଜଣକ କହିଥିଲେ, ଆପଣ ଯାହା କହିଛନ୍ତି, ମୁଁ ତାହା ସହିତ ସହମତ ନୁହେଁ, କିନ୍ତୁ ମୁଁ ଭାବୁନାହିଁ ଯେ, ଏଠାରେ ଏହା ଉପରେ ଆଲୋଚନା କରିବା ମୋର ଉଦ୍ଦେଶ୍ୟ। ମହିଳା ଜଣକ କହିଥିଲେ ଯେ, ଭାନ୍ସ ଉଷା ଭାନ୍ସଙ୍କୁ ବିବାହ କରିଛନ୍ତି, ଯିଏ ଖ୍ରୀଷ୍ଟିଆନ ନୁହଁନ୍ତି ଏବଂ ଏକ ହିନ୍ଦୁ ପରିବାରରେ ପାଳିତ ହୋଇଛନ୍ତି। ସେ ପଚାରିଥିଲେ, ଆପଣ ଏକ ଆନ୍ତଃସାଂସ୍କୃତିକ ଏବଂ ଆନ୍ତଃଧର୍ମ ପରିବାରରେ ତିନିଟି ପିଲାଙ୍କୁ ପାଳନ କରୁଛନ୍ତି। ର ପିଲାମାନଙ୍କୁ କିପରି ପରିଚାଳନା କରୁଛନ୍ତି କିମ୍ବା ଶିଖାଉଛନ୍ତି ଯେ,ଆପଣଙ୍କର ଧର୍ମକୁ ସେମାନଙ୍କ ମାଆଙ୍କ ଧର୍ମ ଅପେକ୍ଷା ଆଗରେ ନ ରଖନ୍ତୁ ଏହାକୁ କିପରି ସନ୍ତୁଳିତ କରୁଛନ୍ତି। ତାଙ୍କ ପରିବାର ବିଷୟରେ ଏକ ବ୍ୟକ୍ତିଗତ ପ୍ରଶ୍ନର ଉତ୍ତରରେ, ଭାନ୍ସ କହିଥିଲେ, ହଁ, ମୋ ସ୍ତ୍ରୀ ଖ୍ରୀଷ୍ଟିଆନ ଭାବରେ ପାଳିତ ହୋଇ ନଥିଲେ। ମୁଁ ଭାବୁଛି ଏହା କହିବା ଉଚିତ୍ ହେବ ଯେ, ସେ ଏକ ହିନ୍ଦୁ ପରିବାରରେ ପାଳିତ ହୋଇଥିଲେ। କିନ୍ତୁ ଏକ ବିଶେଷ ଧାର୍ମିକ ପରିବାରରେ ନୁହେଁ। ଆମେରିକାର ଉପରାଷ୍ଟ୍ରପତି କହିଥିଲେ, ଯେତେବେଳେ ସେ ଉଷାଙ୍କୁ ଭେଟିଥିଲେ, ସେମାନେ ଉଭୟ ନାସ୍ତିକ ଥିଲେ। ସେ କହିଥିଲେ, ଆମେ ବିବାହ କରିବା ପାଇଁ ଚିନ୍ତା କଲୁ। କାରଣ ସେ ମୋର ସବୁଠାରୁ ଭଲ ବନ୍ଧୁ ଥିଲେ। ଆମେ ପରସ୍ପର ସହିତ ଏହା ବିଷୟରେ କଥା ହୋଇଛି। ତେଣୁ ଆମେ ଆମର ପିଲାମାନଙ୍କୁ ଖ୍ରୀଷ୍ଟିଆନ ଭାବରେ ପାଳିତ କରିବାକୁ ନିଷ୍ପତ୍ତି ନେଇଛୁ। ଭାନ୍ସ କହିଛନ୍ତି ଯେ, ଉଷା ଅଧିକାଂଶ ରବିବାର ତାଙ୍କ ସହିତ ଚର୍ଚ୍ଚକୁ ଯାଆନ୍ତି। ଭାନ୍ସ ଏବଂ ମହିଳାଙ୍କ ମଧ୍ୟରେ କଥାବାର୍ତ୍ତା ସୋସିଆଲ ମିଡିଆରେ ପ୍ରକାଶ ପାଇଥିଲା ଏବଂ ଭାନ୍ସଙ୍କ ମନ୍ତବ୍ୟ ବ୍ୟାପକ ସମାଲୋଚନାର ଶିକାର ହୋଇଥିଲା। ଏହାର ଜବାବରେ, ଭାନ୍ସ ଶୁକ୍ରବାର ଇନଷ୍ଟାଗ୍ରାମରେ ଏକ ପୋଷ୍ଟରେ କହିଛନ୍ତି ଯେ, ଉଷାଙ୍କର ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିବାର କୌଣସି ଯୋଜନା ନାହିଁ। ଭାନ୍ସ ତାଙ୍କ ମନ୍ତବ୍ୟକୁ ସମାଲୋଚନା କରୁଥିବା ସୋସିଆଲ ମିଡିଆ ପୋଷ୍ଟଗୁଡ଼ିକର ଜବାବ ଦେଇ କହିଛନ୍ତି,ପ୍ରଥମେ, ମୋର ଆନ୍ତଃଧର୍ମ ବିବାହ ବିଷୟରେ ମୋ ବାମ ପାର୍ଶ୍ୱରେ ବସିଥିବା ଜଣେ ବ୍ୟକ୍ତିଙ୍କଠାରୁ ପ୍ରଶ୍ନ ଆସିଥିଲା। ମୁଁ ଜଣେ ସାଧାରଣ ବ୍ୟକ୍ତି, ଏବଂ ଲୋକମାନେ ଜିଜ୍ଞାସୁ, ତେଣୁ ମୁଁ ପ୍ରଶ୍ନକୁ ଏଡ଼ାଇ ଦେଇ ନଥିଲି। ସେ କହିଥିଲେ ଯେ ମୋ ସ୍ତ୍ରୀ ମୋ ଜୀବନର ସବୁଠାରୁ ଆଶ୍ଚର୍ଯ୍ୟଜନକ ଆଶୀର୍ବାଦ। ସେ କହିଥିଲେ, ମୋ ସ୍ତ୍ରୀ ଖ୍ରୀଷ୍ଟିଆନ ନୁହଁନ୍ତି ଏବଂ ତାଙ୍କର ଧର୍ମ ପରିବର୍ତ୍ତନ କରିବାର କୌଣସି ଉଦ୍ଦେଶ୍ୟ ନାହିଁ, କିନ୍ତୁ ଆନ୍ତଃଧର୍ମ ବିବାହ କିମ୍ବା ଯେକୌଣସି ଆନ୍ତଃଧର୍ମ ସମ୍ପର୍କରେ ଥିବା ଅନେକ ଲୋକଙ୍କ ପରି, ମୁଁ ଆଶା କରୁଛି ଯେ, ଦିନେ ସେ ମଧ୍ୟ ମୋ ପରି ସବୁକୁ ଦେଖିବେ। ତଥାପି, ମୁଁ ତାଙ୍କୁ ଭଲ ପାଇବା ଏବଂ ସମର୍ଥନ କରିବା ଜାରି ରଖିବି ଏବଂ ତାଙ୍କ ସହିତ ବିଶ୍ୱାସ, ଜୀବନ ଏବଂ ଅନ୍ୟ ସବୁକିଛି ବିଷୟରେ କଥା ହେବି, କାରଣ ସେ ମୋ ସ୍ତ୍ରୀ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ?ଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ପ୍ରବାସୀମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ମଧ୍ୟରେ ମହିଳା ଜଣକ ପ୍ରଶାସନର ପ୍ରବାସ ନୀତି ଉପରେ ମଧ୍ୟ ପ୍ରଶ୍ନ ଉଠାଇଥିଲେ। ଏବଂ ଯେତେବେଳେ ଆପଣ ଏଠାରେ ଅତ୍ୟଧିକ ପ୍ରବାସୀ ବିଷୟରେ କଥା ହୁଅନ୍ତି, ସେତେବେଳେ ଆପଣ କେବେ ସେହି ସଂଖ୍ୟା ସ୍ଥିର କରିଥିଲେ? ଆପଣ ଆମକୁ ସ୍ୱପ୍ନ କାହିଁକି ଦେଖାଇଲେ? ଆପଣ ଆମକୁ ଆମର ଯୁବପିଢ଼ି, ଆମର ଧନସମ୍ପତ୍ତି ଏହି ଦେଶରେ ଖର୍ଚ୍ଚ କରିବାକୁ ବାଧ କଲେ ଏବଂ ଆମକୁ ଏକ ସ୍ୱପ୍ନ ଦେଖାଇଲେ ବୋଲି ସେ ପ୍ରଶ୍ନ କରିଥିଲେ। ମହିଳା ଜଣକ କହିଥିଲେ, ଆମେ ଯାହା କିଛି ହାସଲ କରିଛୁ ତାହା ପାଇଁ ଆମେ କଠିନ ପରିଶ୍ରମ କରିଛୁ, ତେବେ ଉପରାଷ୍ଟ୍ରପତି ଭାବରେ ଆପଣ କିପରି କହିପାରିବେ ଯେ ଏବେ ଆମ ମଧ୍ୟରୁ ବହୁତ ଲୋକ ଅଛନ୍ତି ଏବଂ ଆମେ ସେହି ଲୋକମାନଙ୍କୁ ବାହାର କରିଦେବୁ? ଆପଣ ଆମକୁ ରାସ୍ତା ଦେଖାଇଲେ, ଏବଂ ଏବେ ଆପଣ ଏହାକୁ କିପରି ବନ୍ଦ କରିପାରିବେ ଏବଂ କହିପାରିବେ ଯେ ଆମର ଏଠାରେ ଆଉ କୌଣସି ଅଧିକାର ନାହିଁ? ଭାନ୍ସ କହିତିଲେ ଯେ, ଆମେରିକା ଭବିଷ୍ୟତରେ ଏହାର ପ୍ରବାସ ସ୍ତର ହ୍ରାସ କରିବା ଉଚିତ୍, ଏବଂ ଏହି ସତ୍ୟକୁ ସମ୍ମାନ ଜଣାଇବା ଉଚିତ୍ ଯେ, ଏପରି ଲୋକ ଅଛନ୍ତି ଯେଉଁମାନେ ଆଇନଗତ ପ୍ରବାସ ପଥ ଦେଇ ଦେଶକୁ ଆସିଛନ୍ତି ଏବଂ ଏଥିରେ ଯୋଗଦାନ ଦେଇଛନ୍ତି। ସେ କହିଥିଲେ, ଅନେକ ଲୋକ ଆମେରିକାକୁ ଆସିବାକୁ ଚାହାନ୍ତି। ମୋର କାମ ହେଉଛି 'ସମଗ୍ର ବିଶ୍ୱ'ର ସ୍ୱାର୍ଥ ନୁହେଁ, ବରଂ ଆମେରିକୀୟ ଲୋକଙ୍କ ଯତ୍ନ ନେବା।

## ବଦଳିଲା ଫାସଟ୍ୟାଗ୍ ନିୟମ

ନୂଆଦିଲ୍ଲୀ : ଆପଣ ଯଦି ଗାଡ଼ି ଚଳାଉଛନ୍ତି ଆଉ ଟୋଲ ଗେଟରେ ଫାସଟ୍ୟାଗ୍ ବ୍ୟବହାର କରୁଛନ୍ତି ତା' ହେଲେ ଏହି ଖବର ଆପଣଙ୍କ ଲାଗି ଜରୁରି । ଯଦି ଆପଣ ଗାଡ଼ିର କଭକ୍ଟଙ୍ଗ ଣକ୍ଟଙ୍କଖ ଠରକ୍ଷସମକ୍ଷର ବା କେୱାଇଭି ଭେରିଫିକେସନ କରାଇ ନାହାନ୍ତି ତେବେ ଆପଣଙ୍କ ଫାସଟ୍ୟାଗ୍ ଅଚଳ ହୋଇଯିବ । ଅର୍ଥାତ ପୁଣି ନଗଦ ଟୋଲ ଟ୍ୟାକ୍ସ ମାନେ ଫାସଟ୍ୟାଗ୍ ଦୁଇଗୁଣା ଅଧିକ ଟଙ୍କା ଆପଣଙ୍କୁ ଦେବାକୁ ପଡିବ । ପୂର୍ବରୁ ଅନେକ ଗାଡ଼ି ଚାଳକ ଗୋଟିଏ ଫାସଟ୍ୟାଗକୁ ଅଲଗା ଅଲଗା ଗାଡ଼ି ପାଇଁ ଉପଯୋଗ କରୁଥିଲେ । ଏପରି ଅନେକ ଲୋକ ଅଛନ୍ତି ଯେଉଁମାନେ ଫାସଟ୍ୟାଗ୍ ପକେଟରେ ରଖି ଟୋଲ ପ୍ଲାଜା ପାର ହୋଇଯାଉଛନ୍ତି । ଯେଉଁଥି ପାଇଁ ସିଷ୍ଟମରେ ବିଭ୍ରାଟ ଉପୁଜୁଥିଲା । ସେଥିପାଇଁ ଏନଏଚଏଆଇ ଏବେ କେୱାଇଭିକୁ ବାଧ୍ୟତାମୂଳକ କରିଛନ୍ତି । ଏହାର ଅର୍ଥ ହେଉଛି ପ୍ରତ୍ୟେକ ଫାସଟ୍ୟାଗ ସେହି ଗାଡ଼ି ସହିତ ଯୋଡି ହୋଇ ରହିବ ତାହା ଯେଉଁ ଗାଡ଼ି ପାଇଁ ହୋଇଛି । ଏଥିରୁ ଏହା ବି ସୁନିଶ୍ଚିତ ହୋଇ ପାରିବ ଯେ ଛୋଟ ଗାଡ଼ିରେ ଭାରୀ ଯାନ ପାଇଁ ହୋଇଥିବା ଫାସଟ୍ୟାଗ୍ ଯେପରି ଉପଯୋଗ ନ ହୁଏ । ଏଣୁ କେୱାଇଭି ପ୍ରକ୍ରିୟାକୁ ବେଶ ରଳ କରାଯାଇଛି । ଏଥିପାଇଁ ଗାଡ଼ି ମାଲିକଙ୍କୁ ସେମାନଙ୍କ ଗାଡ଼ିର ରେଜିଷ୍ଟ୍ରେସନ ସାର୍ଟିଫିକେଟ୍ , ପରିଚୟ ପତ୍ର ଯଥା-- ଆଧାର, ପାନ୍ ଅଥବା ପାସପୋର୍ଟ) ଓ ନିଜର ସଦ୍ୟ ଉଠାଯାଇଥିବା ଫଟୋ ଅପଲୋଡ କରିବାକୁ ପଡିବ । ଏହି ଭେରିଫିକେସନ ଆପଣଙ୍କୁ ଯେଉଁଥିରେ ଫାସଟ୍ୟାଗ୍ ଦିଆଯାଇଥିଲା ସେହି ବ୍ୟାଙ୍କ ୱେବସାଇଟ୍ ଅଥବା ଆପ୍ ଜରିଆରେ ମଧ୍ୟ କରିପାରିବେ । ସରକାରଙ୍କ କହିବା କଥା ଏହାଦ୍ୱାରା ଚୋରି ଅଥବା ବିକ୍ରି ହୋଇଥିବା ଗାଡିକୁ ଟ୍ରାକ୍ କରିବା ସହଜ ହେବ । ଶୃଙ୍ଖଳିତ ଟୋଲ ଆଦାୟ ହେବ ଓ ଡିଜିଟାଲ ଟୋଲ ସିଷ୍ଟମରେ ପାରଦର୍ଶିତା ବଢିବ । ଏହି ଭେରିଫିକେସନ ସେ ପର୍ଯ୍ୟନ୍ତ ଭାଲିଡିଟି ରହିବ ଯେଉ ପର୍ଯ୍ୟନ୍ତ ଗାଡିର ମାଲିକାନା ନ ବଦଳିଛି । ଗାଡ଼ି ଯଦି ବିକ୍ରି କରାଯାଏ ଅଥବା ନୂଆ ରେଜିଷ୍ଟ୍ରେସନ ହୁଏ ତେବେ ଗାଡ଼ି ମାଲିକଙ୍କୁ ନୂଆ କେୱାଇଭି କରିବା ଆବଶ୍ୟକ ।

## ନକଲି ଆଳୁ ପ୍ରତି ସାବଧାନ !



ଗୋରଖପୁର: ଉତ୍ତରପ୍ରଦେଶ ଗୋରଖପୁରର ମହେୱା ମଣ୍ଡିରେ ରଙ୍ଗୀନ ଆଳୁ ଜବତ କରାଯାଇଛି। ନମୁନା ରିପୋର୍ଟରୁ ଜଣାପଡିଛି ଯେ ଆଳୁଗୁଡ଼ିକୁ ରଙ୍ଗ, ମାଟି ଏବଂ ପ୍ରସାଧନ ସାମଗ୍ରୀରେ ବ୍ୟବହୃତ ହେଉଥିବା ରାସାୟନିକ ପଦାର୍ଥ ଆଇରନ ଅକ୍ସାଇଡ ସହିତ ରଙ୍ଗ କରାଯାଇଥିଲା। ଖାଦ୍ୟରେ ଏହି ରାସାୟନିକ ପଦାର୍ଥ ବ୍ୟବହାର ଅତ୍ୟନ୍ତ ବିପଜ୍ଜନକ। ଖାଦ୍ୟ ସୁରକ୍ଷା ବିଭାଗ ଦଳ ଫାରୁଖାବାଦ ଏବଂ କାନପୁରରୁ ଦୁଇଟି ଟ୍ରକ ଆଳୁ ଜବତ କରିଛି। ପ୍ରାୟ ୨୦୦ ବସ୍ତା ଆଳୁ ଅସୁରକ୍ଷିତ ବୋଲି ଜଣାପଡିଛି। ବିଭାଗ କାର୍ଯ୍ୟାନୁଷ୍ଠାନ ନେଇ ସେଗୁଡ଼ିକୁ ନଷ୍ଟ କରିବା ପ୍ରକ୍ରିୟା ଆରମ୍ଭ କରିଛି। ଅଧିକାରୀଙ୍କ ଅନୁଯାୟୀ, ଏହି ରଙ୍ଗୀନ ଆଳୁ ଖାଇବା ଦ୍ୱାରା ଲିଭର ସମସ୍ୟା ହୋଇପାରେ। ଏପରି ଆଳୁ ଖାଇବା ଦ୍ୱାରା ଲିଭର, କିଡନୀ ଏବଂ ପାଚନ ପ୍ରଣାଳୀ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିପାରେ। ଏକ ତଦନ୍ତରୁ ଜଣାପଡିଛି ଯେ କିଛି ବ୍ୟବସାୟୀ ସିଲ ଭାଙ୍ଗି ଜବତ ଆଳୁ ବିକ୍ରି କରିଛନ୍ତି। ବିଭାଗ ଏବେ ଏହି ବିଷୟରେ କାର୍ଯ୍ୟାନୁଷ୍ଠାନ ନେଉଛି। ତଦନ୍ତ ଚାଲିଛି। ସିଲ ଭାଙ୍ଗିବା ପରେ ବଜାରରେ କେତେ ପରିମାଣର ଆଳୁ ବିକ୍ରି ହୋଇଥିଲା ତାହା ନିର୍ଣ୍ଣୟ କରାଯାଉଛି। ବିଭାଗୀୟ ଦଳ ତାଙ୍କ ରିପୋର୍ଟରେ ଲେଖିଛନ୍ତି ଯେ ଏପରି ରାସାୟନିକ ପଦାର୍ଥ ଥିବା ଆଳୁର ଦୀର୍ଘ ସମୟ ଧରି ସେବନ ଶରୀରରେ ଧାତୁ ଜମା କରିପାରେ, ଯାହା ଗୁରୁତର ରୋଗର ଆଶଙ୍କା ସୃଷ୍ଟି କରେ। ବିଶେଷଜ୍ଞମାନେ କହିଛନ୍ତି ଯେ ଆଇରନ ଅକ୍ସାଇଡ କେବଳ ଶିଳ୍ପ କ୍ଷେତ୍ରରେ ବ୍ୟବହାର କରାଯାଏ। ଖାଦ୍ୟ ସାମଗ୍ରୀରେ ଏହାର ବ୍ୟବହାର ନିଷେଧ। ଏହି ରାସାୟନିକ ପଦାର୍ଥ ଆଳୁର ବାହ୍ୟ ସ୍ତର ଭିତରକୁ ପ୍ରବେଶ କରେ, ଯାହା ଫଳରେ ଏହାକୁ ଚୋପା ଛଡ଼ାଇ ଦେବା ପରେ ମଧ୍ୟ ଖାଇବା ଅସୁରକ୍ଷିତ ହୋଇଯାଏ। ଗୋରଖପୁର ମହୱା ମଣ୍ଡିର ଖାଦ୍ୟ ବିଭାଗ ସଚିବ ବ୍ୟବସାୟୀମାନଙ୍କୁ ପରାମର୍ଶ ଦେଇଛନ୍ତି ଯେ ଭବିଷ୍ୟତରେ ବଜାରରେ ରଙ୍ଗୀନ କିମ୍ବା ସନ୍ଦେହଜନକ ଆଳୁର କୌଣସି ସାମଗ୍ରୀ ଦେଖିଲେ ଖାଦ୍ୟ ବିଭାଗକୁ ଜଣାଇବାକୁ। ବିଭାଗ ଚେତାବନୀ ଦେଇଛି ଯେ ଏପରି କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ଯେକୌଣସି ବ୍ୟବସାୟୀ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ଦୋଷୀ ସାବ୍ୟସ୍ତ ମଧ୍ୟ ହୋଇପାରନ୍ତି।

## ବଦଳିଲେ ଏସପିଙ୍କ ସମେତ ୪ ଅଧିକାରୀ

ପାଟନା: ବିହାରର ମୋକାମାରେ ଦୁଲାରଚାନ୍ଦ ଯାଦବ ହତ୍ୟା ମାମଲାରେ ନିର୍ବାଚନ କମିସନ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହି ମାମଲା ସହିତ ଜଡିତ ତିନି ଜଣ ଅଧିକାରୀଙ୍କୁ ହଟାଇ ଦିଆଯାଇଛି। ସ୍ଥାନୀୟ ଏସଡିଓ ଏବଂ ଏସଡିପିଓଙ୍କ ବିରୋଧରେ ବି କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ପାଟନାର ଗ୍ରାମୀଣ ପୋଲିସ ଅଧିକ୍ଷକ (ଝଚ)ଙ୍କୁ ବଦଳି କରାଯାଇଛି। ଷଡ଼ଯନ୍ତ୍ର, ଅବହେଳା ଏବଂ ଠିକ୍ ସମୟରେ ଘଟଣାଗୁଡ଼ିକୁ ନିୟନ୍ତ୍ରଣ କରିବାରେ ବିଫଳତାର ଅଭିଯୋଗ ପରେ ନିର୍ବାଚନ କମିସନ ମୋକାମା ଏବଂ ବାର୍ହରୁ ତିନି ଜଣ ଅଧିକାରୀଙ୍କୁ ସେମାନଙ୍କ ପଦବୀରୁ ହଟାଇ ଦେଇଛନ୍ତି। କମିସନ ଏହି ଅଧିକାରୀଙ୍କ ମଧ୍ୟରୁ ଜଣଙ୍କୁ ତୁରନ୍ତ ନିଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ତାଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନୀୟ ପୁଲିସ ଅଧିକ୍ଷକ(ଝଚ)ଙ୍କୁ ମଧ୍ୟ ବଦଳି କରାଯାଇଛି। ଆଇନ ଶୃଙ୍ଖଳା ଏବଂ ଏକ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟା ସୁନିଶ୍ଚିତ କରିବା ପାଇଁ ଏହି ପଦକ୍ଷେପ ଆବଶ୍ୟକ ବୋଲି ନିର୍ବାଚନ କମିଶନ ସ୍ୱଷ୍ଟ କରିଛନ୍ତି। ନିର୍ବାଚନ କମିଶନ ଆସନ୍ତାକାଲି ମଧ୍ୟାହ୍ନ ୧୨:୦୦ ସୁଦ୍ଧା ଏହି କାର୍ଯ୍ୟାନୁଷ୍ଠାନ ଉପରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ (ଇଞ୍ଜଜ) ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ କହିଛନ୍ତି। ଏଥିରେ ସମସ୍ତ ପଦକ୍ଷେପର ବିସ୍ତୃତ ବିବରଣୀ ଦେବା ବାଧ୍ୟତାମୂଳକ ହେବ।

## ବିମାନରେ ମାନବ ବୋମା ଆତଙ୍କ





ହାଇଦ୍ରାବାଦ,୧।୧୧ : ଜେଦାହରୁ ହାଇଦ୍ରାବାଦ ଯାଉଥିବା ଇଣ୍ଡିଗୋ ଏୟାରଲାଇନ୍ସର ଏକ ବମାନରେ ମାନବ ବୋମା ରହିଥିବା ଧମକପୂର୍ଣ୍ଣ ଇମେଲ୍ ଶନିବାର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଏୟାରପୋର୍ଟକୁ ମିଳିବା ପରେ ଉକ୍ତ ବିମାନକୁ ମୁମ୍ବାଇ ନିଆଯାଇ ସୁରକ୍ଷିତ ଅବତରଣ କରାଯାଇଛି। ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ଅଭିଯୋଗ ଅନୁଯାୟୀ, ସକାଳ ୫ଟା ୩୦ରେ ସେମାନେ ଏକ ଧମକପୂର୍ଣ୍ଣ ଇମେଲ୍ ପାଇଥିଲେ। ହାଇଦ୍ରାବାଦ ବିମାନବନ୍ଦରରେ ଇଣ୍ଡିଗୋର ୬ଇ୬୮ ନମ୍ବର ବିମାନ ଅବତରଣକୁ ରୋକିବା ପାଇଁ ସେଥିରେ ସତର୍କ କରି ଦିଆଯାଇଥିଲା। ବିମାନରେ ଏଲ୍‌ଟିଟିଇ-ଆଇଏସ୍‌ଆଇର କେତେଜଣ ଅପରେଟିଭ୍ ରହିଛନ୍ତି। ସେମାନେ ୧୯୮୪ର ମାଡ୍ରାସ ଏୟାରପୋର୍ଟ ବିସ୍ଫୋରଣ ଭଳି ଅନୁରୂପ ଆକ୍ରମଣ କରିବାକୁ ଯୋଜନା କରିଥିବା ଇମେଲ୍‌ରେ କୁହାଯାଇଥିଲା। ଏନେଇ ସମସ୍ତଙ୍କୁ ସତର୍କ କରିଦିଆଯିବା ସହ ବିମାନକୁ ମୁମ୍ବାଇ ଏୟାରପୋର୍ଟ ନିଆଯାଇଥିଲା। ସେଠାରେ ସମସ୍ତ ସୁରକ୍ଷାଗତ ଯାଞ୍ଚ କରାଯାଇଥିବା ବେଳେ ମାନବବୋମା ଥିବାର କୌଣସି ସୂଚନା ମିଳି ନ ଥିଲା।

## ପିକଅପ୍ ଭ୍ୟାନ୍ ଓଲଟି ଚାଲିଗଲା ୩ ଜୀବନ

ଉତ୍ତରପ୍ରଦେଶ : ଉତ୍ତରପ୍ରଦେଶର ବାଗପତ ଜିଲ୍ଲାରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ୩ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୮ ଜଣ ଆହତ ହୋଇଛନ୍ତି । ଚାଷୀଙ୍କ ପନିପରିବା ନେଇ ଦିଲ୍ଲୀର ଆଜାଦପୁରରୁ ମଣ୍ଡି ଯାଉଥିବା ସମୟରେ ଏପରି ଅଘଟଣ ଘଟିଥିବା ଜଣାପଡିଛି। ସୂଚନାନୁଯାୟୀ, ଚାଷୀଙ୍କ ପନିପରିବା ନେଇ ଦିଲ୍ଲୀର ଆଜାଦପୁରରୁ ମଣ୍ଡି ଯାଉଥିବା ପିକଅପ୍ ଭ୍ୟାନ ମିଥାଲି ଗାଁ ନିକଟରେ ଓଲଟି ପଡିଥିଲା । ଫଳରେ ଦୁର୍ଘଟଣା ଘଟିଥିଲା । ଏହି ଦୁର୍ଘଟଣାରେ ୩ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୮ ଜଣ ଆହତ ହୋଇଥିଲେ । ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଏବଂ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା ସହିତ ଗାଡ଼ି ତଳେ ଫସି ରହିଥିବା ଲୋକଙ୍କୁ ବାହାର କରିଥିଲେ । ପିକଅପର ଆକ୍ସଲ ଭାଙ୍ଗିଯିବାରୁ ନିୟନ୍ତ୍ରଣ ହରାଇ ଭ୍ୟାନଟି ରାସ୍ତାରେ ଓଲଟି ପଡିଥିଲା ବୋଲି ପୋଲିସ ସୂଚନା ଦେଇଛି । ଏହାରି ମଧ୍ୟରେ ମୃତକଙ୍କ ପରିଚୟକୁ ଚିହ୍ନଟ କରିଛି ପୋଲିସ । ଅନ୍ୟ ୮ ଜଣ ଆହତଙ୍କ ମଧ୍ୟରୁ ଜଣେ ଗୁରୁତର ଥିବାବେଳେ ବାକି ୭ ଜଣ ସୁରକ୍ଷିତ ରହିଛନ୍ତି ବୋଲି କୌଣସି ଏକ ସୂତ୍ରରୁ ଜଣାପଡିଛି । ଏହା ବ୍ୟତୀତ ମୃତକଙ୍କ ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଯାଇଛି । ଅନ୍ୟପଟେ ଏପରି ଦୁର୍ଘଟଣା ପରେ ଉତ୍ତେଜିତ ହୋଇଛନ୍ତି ସ୍ଥାନୀୟ ବାସିନ୍ଦା । ରାସ୍ତା ମରାମତି ପାଇଁ ଏବଂ ଭାରି ଯାନବାହାନର ଯାଞ୍ଚ ପାଇଁ ପ୍ରଶାସନକୁ ଦାବି କରିଛନ୍ତି । ପୋଲିସ ତଦନ୍ତ କରିବା ପରେ ଏହି ଦୁର୍ଘଟଣାର କାରଣ ସ୍ୱଷ୍ଟ କରିଛି ।

## ପ୍ଲାଷ୍ଟିକ ବୋତଲ ବ୍ୟବହାର ଉପରେ ରୋକ୍ ଲଗାଇଲେ କର୍ଣ୍ଣାଟକ ସରକାର



କର୍ଣ୍ଣାଟକ : ପରିବେଶ ସୁରକ୍ଷା ପାଇଁ ବଡ଼ ପଦକ୍ଷେପ ନେଇଛନ୍ତି କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ । ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ଏବଂ ବୈଠକରେ ପ୍ଲାଷ୍ଟିକ୍ ପାଣି ବୋତଲର ବ୍ୟବହାର ନକରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା । ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ମୁଖ୍ୟମନ୍ତ୍ରୀ ନେଇଛନ୍ତି । ଯାହାଦ୍ୱାରା ପ୍ଲାଷ୍ଟିକ ଅପଚୟର ସମସ୍ୟାକୁ ରୋକାଯାଇପାରିବ । ସୂଚନାନୁଯାୟୀ, ପୂର୍ବରୁ ଏହି ନିର୍ଦ୍ଦେଶ ଜାରି କରାଯାଇଥିଲା । କିନ୍ତୁ ବର୍ତ୍ତମାନ ସେ ସ୍ୱଷ୍ଟ ଭାବରେ କହିଛନ୍ତି ଯେ, ଏହି ନିଷ୍ପତ୍ତିକୁ କଡ଼ାକଡ଼ି ଲାଗୁ କରାଯିବା ଉଚିତ୍ । ଏହି ନିୟମ ପାଳନ କରିବାକୁ ସମସ୍ତ ବିଭାଗର ମୁଖ୍ୟଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ ସରକାରୀ କାର୍ଯ୍ୟକ୍ରମ ଏବଂ ବୈଠକରେ ନନ୍ଦିନୀ କ୍ଷୀରର ଉତ୍ପାଦ ବ୍ୟବହାରକୁ ବାଧ୍ୟତାମୂଳକ କରିଛନ୍ତି ମୁଖ୍ୟମନ୍ତ୍ରୀ । ଆହୁରି ମଧ୍ୟ କହିଛନ୍ତି ଯେ, ଏବେ ସମସ୍ତ ସରକାରୀ କାର୍ଯ୍ୟାଳୟରେ ଆୟୋଜିତ ହେଉଥିବା ବୈଠକରେ ଚା, କଫି, କ୍ଷୀର କେବଳ ନନ୍ଦିନୀ ବ୍ରାଣ୍ଡର ଉତ୍ପାଦ ହେବ । ସରକାରଙ୍କ ଏଭଳି ନିଷ୍ପତ୍ତି କେବଳ ପ୍ଲାଷ୍ଟିକ ପ୍ରଦୂଷଣକୁ ହ୍ରାସ କରିବ ନାହିଁ ବରଂ ରାଜ୍ୟର ଦୁଗ୍ଧ ଶିଳ୍ପକୁ ମଧ୍ୟ ମଜବୁତ କରିବ । ତେଣୁ ଏହି ନିଷ୍ପତ୍ତିକୁ କଡ଼ାକଡ଼ି ଭାବରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ୨୫ ବର୍ଷ ପରେ ଦୁନିଆ ଦେଖିବ ନୂଆ ବିଜେତା

**ମୁମ୍ବାଇ,୧।୧୧ (ଏଜେନ୍ସି) :** ଦୀର୍ଘ ୨୫ ବର୍ଷର ଅପେକ୍ଷାରେ ପଡ଼ିବାକୁ ଯାଉଛି ପୂର୍ଣ୍ଣଚ୍ଛେଦ। ରବିବାର ମହିଳା ଦିନିକିଆରେ ବିଶ୍ୱକୁ ମିଳିବ ନୂଆ। ବିଜେତା। ନଭେମ୍ବର ୨ ତାରିଖରେ ଭାରତର ନଭି ମୁମ୍ବାଇରେ ଖେଳାଯିବ ମହିଳା ଦିନିକିଆ ବିଶ୍ୱକପର ଫାଇନାଲ। ୧୩ତମ ସଂସ୍କରଣରେ ଦୁନିଆକୁ ମିଳିବାକୁ ଯାଉଛି ନୂଆ। ବିଜେତା। ଫାଇନାଲରେ ମୁହାଁମୁହିଁ ହେବେ ଆୟୋଜକ ଭାରତ ଓ ପ୍ରଥମଥର ପାଇଁ ଟାଇଟଲ ଟକ୍କରକୁ ଯୋଗ୍ୟତା ଅର୍ଜନ କରିଥିବା ଦକ୍ଷିଣ ଆଫ୍ରିକା। ପ୍ରଥମ ସେମିରେ ଦକ୍ଷିଣ ଆଫ୍ରିକା ବେଶ ଚମତ୍କାର ଢଙ୍ଗରେ ଇଂଲଣ୍ଡକୁ ହରାଇଥିଲା।

ଆଉ ଗୁରୁବାର ଅଷ୍ଟ୍ରେଲିଆ। ବିପକ୍ଷରେ ଭାରତ ହାସଲ କରିଛି ଐତିହାସିକ ବିଜୟ। ଭାରତ ତୃତୀୟ ଥର ପାଇଁ ମହିଳା ଦିନିକିଆ। ବିଶ୍ୱକପ ଖେଳିବାକୁ ଯାଉଛି। ୨୦୦୫ ଓ ୨୦୧୭ରେ ଭାରତୀୟ ମହିଳା ଟିମ ଦିନିକିଆ। ବିଶ୍ୱକପ ଫାଇନାଲ ଖେଳିଥିଲା। କିନ୍ତୁ ଉଭୟ ଥର ଭାରତକୁ ପରାଜୟର ସ୍ୱାଦ ଚାଖିବାକୁ ପଡ଼ିଥିଲା। ୨୦୦୫ରେ ଅଷ୍ଟ୍ରେଲିଆ। ଓ ୨୦୧୭ରେ ଇଂଲଣ୍ଡ ଠାରୁ ହାରିଥିଲା ଭାରତୀୟ ମହିଳା ଟିମ। ଏଥର ଦଳ ବିଜୟ ଟ୍ରଫିରେ ନିଜ ନାଁ ଲେଖି ନୂଆ ଇତିହାସ ସୃଷ୍ଟି କରିବା ଲକ୍ଷ୍ୟରେ ରହିଛି।

୧୯୭୩ରୁ ମହିଳା ଦିନିକିଆ ବିଶ୍ୱକପ ଖେଳା ଯାଉଛି। ସେବେଠାରୁ ୧୨ଟି ବିଶ୍ୱକପ ଫାଇନାଲ ଖେଳା ଯାଇଥିବା ବେଳେ ଅଷ୍ଟ୍ରେଲିଆ ୭ଥର, ଇଂଲଣ୍ଡ ୪ଥର ଓ ନ୍ୟୁଜିଲ୍ୟାଣ୍ଡ ଥରେ ଟ୍ରଫି ଜିତିଛି। ୧୯୭୩ରେ ଇଂଲଣ୍ଡ ଅଷ୍ଟ୍ରେଲିଆକୁ ଓ ଅଷ୍ଟ୍ରେଲିଆ ୧୯୭୮ରେ ଇଂଲଣ୍ଡକୁ ହରାଇ ବିଶ୍ୱକପ ଉଠାଇଥିଲା। ୧୯୮୨ ଓ ୧୯୮୮ରେ ଅଷ୍ଟ୍ରେଲିଆ ପୁଣି ବିଶ୍ୱକପ ଜିତିଥିଲା। ୧୯୯୩ରେ ଇଂଲଣ୍ଡ ଓ ୧୯୯୭ରେ ଅଷ୍ଟ୍ରେଲିଆ। ଚାମ୍ପିୟନ। ହୋଇଥିଲା।

କିନ୍ତୁ ୨୦୦୦ ମସିହାରେ ଇତିହାସ ବଦଳିଥିଲା। ପ୍ରଥମଥର ପାଇଁ ମହିଳା ଦିନିକିଆ। ବିଶ୍ୱକପ ଜିତିଥିଲା ନ୍ୟୁଜିଲ୍ୟାଣ୍ଡ। ନ୍ୟୁଜିଲ୍ୟାଣ୍ଡ ଘରୋଇ ମାଟିରେ ଅଷ୍ଟ୍ରେଲିଆ।କୁ ୪ ରନରେ ହରାଇ ଚାମ୍ପିୟନ ହୋଇଥିଲା। ଏହାପରେ କିନ୍ତୁ ବିଶ୍ୱ ଆ।ଉ କୌଣସି ନୂଆ। ବିଜେତାକୁ ଦେଖିନାହିଁ। ୨୦୦୯ ଓ ୨୦୧୨ରେ ପୁଣି ଅଷ୍ଟ୍ରେଲିଆ।, ୨୦୧୭ରେ ଇଂଲଣ୍ଡ ଓ ୨୦୨୨ରେ ଅଷ୍ଟ୍ରେଲିଆ। ମହିଳା ଦିନିକିଆ। ବିଶ୍ୱକପ ଜିତିଥିଲା। ହେଲେ ୨୦୨୫ରେ ଅଷ୍ଟ୍ରେଲିଆ।, ଇଂଲଣ୍ଡ କିମ୍ବା ନ୍ୟୁଜିଲ୍ୟାଣ୍ଡ କେହି ବି ଫାଇନାଲକୁ ଯାଇ ପାରି ନାହାନ୍ତି। ଭାରତ ଓ ଦକ୍ଷିଣ ଆ।ଫ୍ରିକା ଫାଇନାଲ ଖେଳିବେ। ତେଣୁ ବିଶ୍ୱକୁ ମହିଳା ଦିନିକିଆ। କ୍ରିକେଟରେ ନୂଆ। ବିଜେତା ମିଳିବ।

ଗୁରୁବାର ସେମି ଫାଇନାଲରେ ଭାରତ ରେକର୍ଡ ରନ ଚେଜ ସହ ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆ।କୁ ହରାଇ ଫାଇନାଲରେ ପ୍ରବେଶ କରିବାକୁ ସକ୍ଷମ ହୋଇଛି। ହରମନପ୍ରୀତ କୌରଙ୍କ ଭାରତୀୟ ଟିମ ଅଷ୍ଟ୍ରେଲିଆ।କୁ ୫ ୱିକେଟ୍ରେ ହରାଇ ତୃତୀ। ଥର ପାଇଁ ଫାଇନାଲ୍ ଖେଳିବ। ସେମିରେ ଜେମିମା ରଡ୍ରିଗ୍ସଙ୍କ ପ୍ରଥମ ବିଶ୍ୱକପ୍ ଶତକ (୧୨୭) ବଳରେ ଭାରତ ଦମଦାର ବିଜୟ ହାସଲ କରିଛି। ଅଷ୍ଟ୍ରେଲିଆ। ଦେଇଥିବା ବିଶାଳ ୩୩୯ ରନର ଟାର୍ଗେଟକୁ ଭାରତ ୯ ବଲ ପୂର୍ବରୁ ୫ ୱିକେଟ ହରାଇ ହାସଲ କରି ନେଇଛି।




ଚଳିତ ବିଶ୍ୱକପର ଲିଗ୍ ପର୍ଯ୍ୟାୟରେ ଭାରତର ୩୩୧ ରନକୁ ପିଛା କରିଥିବା ଅଷ୍ଟ୍ରେଲିଆ। ଠାରୁ ଭାରତୀୟ ମହିଳା ଦଳ ସେମିରେ ମଧୁର ପ୍ରତିଶୋଧ ବି ନେଇଛି। ଅଷ୍ଟ୍ରେଲିଆ।ର ୩୩୮ ରନ୍କୁ ପଛରେ ପକାଇ ଭାରତ ମହିଳା ଦିନିକିଆ। ଇତିହାସରେ ସର୍ବୋଚ୍ଚ ରନଚେଜର ରେକର୍ଡ ନିଜ ନାଁରେ କରିଛି।

୨୦୧୭ ବିଶ୍ୱକପ ସେମିରେ ମଧ ଅଷ୍ଟ୍ରେଲିଆକୁ ଭାରତ ହରାଇଥିଲା। ଏହାପରଠାରୁ ଅଷ୍ଟ୍ରେଲିଆ ବିଶ୍ୱକପରେ କୌଣସି ମ୍ୟାଚ୍ କାହା ଠାରୁ ବି ହାରି ନଥିଲା। ଏବେ ସେହି ଭାରତ ଠାରୁ ଏଲିସ ହେଲୀଙ୍କ ଅଷ୍ଟ୍ରେଲିଆକୁ ହାରିବାକୁ ପଡ଼ିଛି। ଚଳିତ ବିଶ୍ୱକପରେ ଅଷ୍ଟ୍ରେଲିଆ ଏକମାତ୍ର ଦଳ ଭାବେ ଅପରାଜ। ରହି ସେମି ଫାଇନାଲକୁ ଯାଇଥିଲା। ଗ୍ରୁପ ପର୍ଯ୍ୟାୟରେ ଦବଦବା ଦେଖାଇଥିବା କଙ୍ଗାରୁ ଟିମକୁ ନଭି ମୁମ୍ବାଇରେ ଭାରତ ଧୂଳି ଚଟାଇ ଦେଇଛି।

ଅଷ୍ଟ୍ରେଲିଆ ୨୦୨୨ ବିଶ୍ୱକପ ଓ ୨୦୨୫ ବିଶ୍ୱକପ ସେମି ଫାଇନାଲ ମଧରେ କ୍ରମାଗତ ୧୫ ମ୍ୟାଚ୍ ଜିତି ଆସିଥିଲା। ୧୯୯୭ରୁ ୨୦୦୦ ବିଶ୍ୱକପ୍ରେ ମଧ ଅଷ୍ଟ୍ରେଲିଆ କ୍ରମାଗତ ୧୫ ମ୍ୟାଚ୍ ଜିତିବା ପରେ ହାରିଥିଲା। ୬ ଥର ସେମିଫାଇନାଲ୍ ଖେଳିଥିବା ଅଷ୍ଟ୍ରେଲିଆ ୪ ଥର ଜିତିଥିବା ବେଳେ ଭାରତ ନିକଟରୁ ହିଁ ଅବଶିଷ୍ଟ ୨ ମ୍ୟାଚ୍ ହାରିଛି।

ଗୁରୁବାର ଅଷ୍ଟ୍ରେଲିଆ ଦେଇଥିବା ୩୩୯ ରନ୍ ଲକ୍ଷ୍ୟକୁ ପିଛା କରୁ ଥିବା ଭାରତ ପାୱାର ପ୍ଲେରେ ୨ ୱିକେଟ୍ ହରାଇ ୬୦ ରନ୍ କରିଥିଲା। ଆହତ ପ୍ରତୀକା ରାୱଲଙ୍କ ବଦଳରେ ସ୍ୱତନ୍ତ୍ର ଡାକରା ସହ ସୁଯୋଗ ପାଇଥିବା ଶେଫାଳି ବର୍ମା ମାତ୍ର ୧୦ ରନ କରିପାରିଥିଲେ। ଏହାପରେ ଅଭିଜ୍ଞ ସ୍ମୃତି ମନ୍ଧାନା ୨୪ ବଲ୍ରେ ୨୪ ରନ୍ ଖେଳି ଆ।ଉଟ ହୋଇଥିଲେ। ଏତିକି ବେଳେ ଜେମିମା ରଡ୍ରିଗ୍ସ ଓ ଅଧିନାୟକ ହରମନପ୍ରୀତ କୌର୍ ତୃତୀୟ ୱିକେଟ୍ ପାଇଁ ଦମଦାର ୧୬୭ ରନ୍ ଯୋଡ଼ି ଭାରତର ବିଜୟ ସମ୍ଭାବନାକୁ ବାଢ଼ାଇଥିଲେ। କିନ୍ତୁ ହରମନପ୍ରୀତ ୮୮ ବଲରେ ୮୯ ରନ କରି ଆଉଟ ହୋଇଯିବା ପରେ ପୁଣି ସମସ୍ତଙ୍କ ଛାତି ଧଡ଼ଧଡ଼ ହୋଇଥିଲା। କିନ୍ତୁ ଜେମିମା ହାର ମାନିବା ମୁଡରେ ନଥିଲେ। ସେ ଶେଷ ଯାଏ ୧୩୪ ବଲରେ ଅପରାଜିତ ୧୨୭ ରନର ଇନିଂସ ଖେଳି ଭାରତ ପାଇଁ ଫାଇନାଲ ଟିକେଟ ପକ୍କା କରିଥିଲେ। ତାଙ୍କୁ ଦୀପ୍ତି ଶର୍ମା ୧୭ ବଲ୍ରୁ ୨୪ ରନ୍ ଓ ରିଚା ଘୋଷ ୧୬ ବଲ୍ରୁ ୨୬ ରନ୍ ବେଶ ସହା।ତା କରିଥିଲେ। ଶେଷରେ ଅମନ୍ଜୋ କୌର୍ ୮ ବଲ୍ରୁ ଅପରାଜିତ ୧୫ କରି ଜେମିମାଙ୍କ ସହ ମିଶି ବିଜୟ ମୁଣ୍ଡି ମାରିଥିଲେ।

# ଚେସ୍ର ପ୍ରସାର ନେଇ କିଟ୍ ଓ ଫିଡେ ମଧ୍ୟରେ ବୁଝାମଣା



**ଭୁବନେଶ୍ୱର,୧।୧୧ (ମହାଭାରତ) :** ଭାରତରେ ଚେସ୍ର ପ୍ରସାର ନିମନ୍ତେ କିଟ୍, ଭାରତୀୟ ଚେସ୍ ସଂଘ (ଏଆଇସିଏଫ୍) ଓ ଅନ୍ତର୍ଜାତୀୟ ଚେସ୍ ସଂଘ (ଫିଡେ) ମଧ୍ୟରେ ଆଜି ଗୋଆଠାରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଭାରତରେ ବିଦ୍ୟାଳୟସ୍ତରରୁ ଚେସ୍ର ପ୍ରସାର ଲକ୍ଷ୍ୟରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହା ଫଳରେ ଶିକ୍ଷା ସହ ଚେସ୍ର ମଧ୍ୟ ପ୍ରଚାର ପ୍ରସାର ହୋଇପାରିବ। ଫିଡେ ସଭାପତି ଆର୍କାଡ଼ି ଭର୍କୋଭିଚ୍, ଫିଡେ ମ୍ୟାନେଜମେଣ୍ଟ ବୋର୍ଡ ଉପାଧ୍ୟକ୍ଷ ଜିଏମ୍ ଦାନା ରେଜିନାଇସ୍, ଫିଡେ ଚୟନ କମିଟିର ସଦସ୍ୟ ତଥା ମୁଖ୍ୟ କୋଚ ଜିଏମ୍ ଅଭିଜିତ କୁନ୍ତେ, ଚେସ୍ ତାରକା ବିଶ୍ୱନାଥନ୍ ଆନନ୍ଦ, ଏଆଇସିଏଫ୍ ସଭାପତି ନିତିନ୍ ନାରଙ୍ଗ, ଫିଡେ ଇଭେଣ୍ଟ କମିଟିର ସଦସ୍ୟ ରଞ୍ଜନ ମହାନ୍ତି ଏବଂ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା।

ଚେସ୍ ମାଧ୍ୟମରେ ଶିକ୍ଷା, ପୁନର୍ବାସ, ଅନ୍ତର୍ଭୁକ୍ତିକରଣ ଏବଂ ଲୋକଙ୍କ ସଶକ୍ତିକରଣ ଉପରେ ଗୁରୁତ୍ୱ ଦେବା ନିମନ୍ତେ ଫିଡେ ପକ୍ଷରୁ ବିଭିନ୍ନ ସମୟରେ ପ୍ରୟାସ ଜାରି ରହିଛି। ଏଥିପାଇଁ ୨୦୨୫ରେ ଫିଡେର ବିଷୟବସ୍ତୁ ଥିଲା ଚେସ୍ ଫର୍ ସୋସିଆଲ୍ ସର୍ଭିସ। ୨୦୨୬କୁ ଇୟର ଅଫ୍ ଚେସ୍ ଇନ୍ ଏଜୁକେସନ୍ ଘୋଷଣା କରିଛି ଫିଡେ। ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କିଟ୍ ଓ କିସ୍ର ବ୍ୟାପକ ଯୋଗଦାନ ଥିବାରୁ ଫିଡେ କିଟ୍ ସହ ବୁଝାମଣା କରିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ୨୦୨୬ ଜାନୁଆରୀ ମାସରେ କିଟ୍ରେ ଆନ୍ତର୍ଜାତିକ ଚେସ୍ ଫେଷ୍ଟିଭାଲ ଅନୁଷ୍ଠିତ ହେବାକୁ ଯାଉଛି। ଏହାର ଅବ୍ୟବହିତ ପୂର୍ବରୁ ଏହି ବୁଝାମଣା ହୋଇଛି। ଏହି ଫେଷ୍ଟିଭାଲରେ ପ୍ରାୟ ୩୫ ଦେଶର ଚେସ୍ ସଂଘର ମୁଖ୍ୟ ତଥା ଫିଡେ ଓ ଏଆଇସିଏଫ୍ର ସଭାପତି ଓ ଚେସ୍ ତାରକାମାନେ ମଧ୍ୟ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ଥର ପାଇଁ ଭାରତରେ ବିଶେଷ କରି ଓଡ଼ିଶାର କିଟ୍ ପରିସରରେ ଏଭଳି ଚେସ୍ ଫେଷ୍ଟିଭାଲ୍ ଅନୁଷ୍ଠିତ ହେବାକୁ ଯାଉଛି। ଏହା ପୂର୍ବରୁ ଫୁଟ୍ବଲ୍ର ପ୍ରସାର ନିମନ୍ତେ କିଟ୍ ମଧ୍ୟ ଅନ୍ତର୍ଜାତୀୟ ଫୁଟ୍ବଲ୍ ସଂଘ (ଫିଫା) ସହ ବୁଝାମଣା କରି ଇତିହାସ ସୃଷ୍ଟି କରିଥିବା ବେଳେ ଭଲିବଲ୍ର ପ୍ରସାର ନିମନ୍ତେ କିଟ୍ ଅନ୍ତର୍ଜାତୀୟ ଭଲିବଲ୍ ସଂଘ (ଏଫ୍ଆଇଭିବି) ସହ ବୁଝାମଣା କରିଛି। ଚେସ୍ର ପ୍ରସାର ନିମନ୍ତେ ଏବେ ଫିଡେ ସହ ବୁଝାମଣା ହେଉଛି କିଟ୍ର ତୃତୀୟ ଅନ୍ତର୍ଜାତୀୟ କ୍ରୀଡ଼ା ସଂଘ ସହ ବୁଝାମଣା। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉପସ୍ଥିତ ରହି ସମସ୍ତ ଅଧିକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏ ନେଇ ଶ୍ରୀ ସାମନ୍ତ କହିଛନ୍ତି, ବିଶ୍ୱରେ ସର୍ବାଧିକ ଲୋକପ୍ରିୟ ଖେଳ ଭାବେ ଖେଳାଯାଉଥିବା କ୍ରୀଡ଼ା ଫୁଟବଲ୍ ଓ ଭଲିବଲ୍ ସହ ପୂର୍ବରୁ କିଟ୍ର ବୁଝାମଣା ହୋଇଥିବା ବେଳେ ଏବେ ବିଶ୍ୱର ଅନ୍ୟତମ ସର୍ବାଧିକ କ୍ରୀଡ଼ା ଚେସ୍ର ଅନ୍ତର୍ଜାତୀୟ ସଂଘ ସହ କିଟ୍ ବୁଝାମଣା କରିଛି। ଏହାଦ୍ୱାରା କ୍ରୀଡ଼ା କ୍ଷେତ୍ରରେ ଦୀର୍ଘ ୩୦ବର୍ଷ ଧରି କିଟ୍ର ଯୋଗଦାନ ଓ ଅବଦାନକୁ ବିଶ୍ୱର ଏହି ସଂଘଗୁଡ଼ିକର ସ୍ୱୀକୃତି ପ୍ରଦାନ ସହ କିଟ୍ ଓ କିସ ଭଳି ଅନୁଷ୍ଠାନର କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ଏହା କିଟ୍, କିସ୍, ଓଡ଼ିଶା ତଥା ଭାରତ ପାଇଁ ଗୌରବର ବିଷୟ ବୋଲି ଶ୍ରୀ ସାମନ୍ତ କହିଛନ୍ତି।

## ଆନ୍ତଃବିଭାଗୀୟ ଫୁଟବଲ୍ ପ୍ରତିଯୋଗିତା
# ଇଞ୍ଜିନିୟରିଂ ଦଳ ଚାମ୍ପିଅନ୍

**ସମ୍ବଲପୁର,୧।୧୧ (ମହାଭାରତ) :** ପୂର୍ବତଟ ରେଳପଥ କ୍ରୀଡ଼ା ସଂଗଠନ, ସମ୍ବଲପୁର ୨୫ ରୁ ୩୧ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ସମ୍ବଲପୁରର ରେଳବାଇ ଷ୍ଟାଡିୟମରେ ଆନ୍ତଃବିଭାଗୀୟ ଫୁଟବଲ୍ ପ୍ରତିଯୋଗିତା-୨୦୨୫ ସଫଳତାର ସହ ଆୟୋଜନ କରିଥିଲା। ମଣ୍ଡଳର ବିଭିନ୍ନ ବିଭାଗର ପ୍ରତିନିଧିତ୍ୱ କରୁଥିବା ମୋଟ ଆଠଟି ଦଳ ସପ୍ତାହବ୍ୟାପୀ ଏହି ପ୍ରତିଯୋଗିତାରେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ।

ସମାପନୀ ସମାରୋହରେ ସମ୍ବଲପୁରର ମଣ୍ଡଳ ରେଳ ପ୍ରବନ୍ଧକ ସୁବାସ ଚନ୍ଦ୍ର ଚୌଧରୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ, ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ, ସମ୍ବଲପୁରର ଅଧକ୍ଷା ବିନ୍ଦୁ ଚୌଧରୀ ଏବଂ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନଜିତ ସିଂହ ସନସନୱାଲ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ।

ସମ୍ବୋଧନରେ ଶ୍ରୀ ଚୌଧୁରୀ ସମସ୍ତ ଅଂଶଗ୍ରହଣକାରୀ ଦଳର ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ ଏବଂ ରେଳ କର୍ମଚାରୀଙ୍କ ମଧ୍ୟରେ ଦଳଗତ ମନୋଭାବ, ଶୃଙ୍ଖଳା ଏବଂ ମାନସିକ ସୁସ୍ଥତାକୁ ପ୍ରୋତ୍ସାହିତ କରିବାରେ କ୍ରୀଡା ଏବଂ ଶାରୀରିକ ସୁସ୍ଥତାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ଅତିଥି ବିଜେତା ଏବଂ ଉପ ବିଜେତା ଦଳକୁ ପୁରସ୍କାର ଏବଂ ଟ୍ରଫି ବଂଟନ କରିଥିଲେ।

ଟୁର୍ଣ୍ଣାମେଂଟର ଫାଇନାଲ ମ୍ୟାଚ୍ ଇଞ୍ଜିନିୟରିଂ ଦଳ ଏବଂ ଇଲେକ୍ଟ୍ରିକାଲ୍ ଦଳ ମଧ୍ୟରେ ଖେଳାଯାଇଥିଲା। ଏହି ରୋମାଂଚକର ମୁକାବିଲାରେ ଇଞ୍ଜିନିୟରିଂ ଦଳ ୧-୦ ସ୍କୋର ସହିତ ବିଜୟୀ ହୋଇଥିଲା। ବ୍ୟକ୍ତିଗତ ପୁରସ୍କାର କ୍ରମାନ୍ୱୟରେ ମ୍ୟାଚ୍ର ଶ୍ରେଷ୍ଠ ଖେଳାଳି ସରୋଜ ପ୍ରଧାନ (ଇଞ୍ଜିନିୟରିଂ ଦଳ) ଟୁର୍ଣ୍ଣାମେଂଟର ଶ୍ରେଷ୍ଠ ଖେଳାଳି: ରିକି ଟପ୍ପୋ (ଇଲେକ୍ଟ୍ରିକାଲ୍ ଦଳ) ଶ୍ରେଷ୍ଠ ଡିଫେଣ୍ଡର: ରଞ୍ଜିତ ସ୍ୱାଇଁ (ପରିଚାଳନା ଦଳ) ଶ୍ରେଷ୍ଠ ଗୋଲ କିପର: ପ୍ରମୋଦ ପାଣିଗ୍ରାହୀ (ଇଞ୍ଜିନିୟରିଂ ଦଳ)ଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କ୍ରୀଡା ଅଧିକାରୀ ରିତେଶ ମେହେର ସଂଯୋଜନା କରିଥିଲେ। ମହିଳା କଲ୍ୟାଣ ସଂଗଠନ ର ସଦସ୍ୟଓ, ଅଧିକାରୀ, କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟ ପଡ଼ିଆରେ ପ୍ରଦର୍ଶିତ ଉତ୍ସାହୀ ପ୍ରତିଯୋଗିତା ଏବଂ ଜୀବନ୍ତ କ୍ରୀଡା ମନୋଭାବ ଉପଭୋଗ କରିଥିଲେ ଏବଂ ଦଳଗୁଡ଼ିକୁ ଉତ୍ସାହର ସହିତ ଉତ୍ସାହିତ କରିଥିଲେ, ଯାହା ଟୁର୍ଣ୍ଣାମେଂଟକୁ ଏକ ମହାନ ସଫଳତା ଦେଇଥିଲା।

# ରାଜ୍ୟ ମହିଳା ଫିଡେ ରେଟିଙ୍ଗ ଚେସ ଚାମ୍ପିଅନସିପ

**କେନ୍ଦ୍ରାପଡ଼ା,୧।୧୧ (ମହାଭାରତ) :** କେନ୍ଦ୍ରାପଡା ଜିଲ୍ଲା ଚେସ ଆସୋସିଏସନ୍ ଆନୁକୁଲ୍ୟରେ ତଥା ଅଲ୍ ଓଡ଼ିଶା ଚେସ ଆସୋସିଏସନ୍ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ର ସହଯୋଗ ରେ କେନ୍ଦ୍ରାପଡା ରେ ଚାଲି ଥିବା ଓଡ଼ିଶା ମହିଳା ଫିଡେ ରେଟିଂ ଚେସ ଚାମ୍ପିଅନସିପ -୨୦୨୫ ଦ୍ୱିତୀୟ ଦିନ ରେ ପହଞ୍ଚିଛି ।ଏହି ଅବସରରେ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ର ମାନ୍ୟବର ବିଧାୟକ ଶ୍ରୀ ପ୍ରଶାନ୍ତ ଜଗଦେବ ଯୋଗ ଦେଇଥିବା ବେଳେ ଆସୋସିଏସନ୍ ର ସଭାପତି ଶ୍ରୀଯୁକ୍ତ କିଶୋର ପଣ୍ଡା,ସମ୍ପାଦକ ଭବେଶ୍ ମହାନ୍ତି,କାର୍ଯ୍ୟକାରୀ ସଭାପତି ହାଡିବନ୍ଧୁ ସିଂହ, ଉପସଭାପତି ଲଲାଟ କେଶରୀ ସାମଲ, ବିଜେପି ନେତା ଅମିତାଭ ସୁଆର, ମାଷ୍ଟର ଚେସ ଫାଉଣ୍ଡେସନ ର ପ୍ରତିଷ୍ଠାତା ବିକ୍ରମ କେଶରୀ ବିଶ୍ୱାଳ ଉପସ୍ଥିତ ଥିଲେ। ଏହି ଅବସର ରେ ପ୍ରତିଷ୍ଠିତ ବ୍ୟବସାୟୀ ତଥା ସମାଜ ସେବୀ ଚିତରଞ୍ଜନ ବିଶ୍ୱାଳ,ଓଡ଼ିଶା ଆଦର୍ଶ ବିଦ୍ୟାଳୟ ର ଅଧକ୍ଷ ବିଭୁ ପ୍ରସାଦ ଜେନା, କେନ୍ଦ୍ରାପଡା ଚେସ ଆସୋସିଏସନ୍ ର ଉପସଭାପତି ଡ ଅମରେଶ ସାହୁ ଏବଂ ଯାଜପୁର ୟୁନାଇଟେଡ ଚେସ ଆସୋସିଏସନ୍ ର ଯୁଗ୍ମ ସମ୍ପାଦକ ନଗେଶ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନା ଥାଉକି ଚାରିଦିନ ଧରି ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୩୦ ଜଣ ମହିଳା ଖେଳାଳି ବିଭିନ୍ନ ଜିଲ୍ଲାରୁ ଭାଗନେଇଛନ୍ତି। ଯେଉଁ ଥୀରେ କେନ୍ଦ୍ରାପଡା ର ଝିଅ ରାଜ୍ୟଗୋଷ୍ଠି କ୍ରୀଡ଼ାରେ ସୋର୍ଣ୍ଣ ପଦକ ବିଜେତା ସ୍ମାରକୀ ମହାନ୍ତି, ଏସିଆ କପ୍ ବିଜେତା ପ୍ରଜ୍ଞସ୍ରୀ ସାହୁ,ସନଭି ହୁଡା, ରିତାଞ୍ଜଳି ନାୟକ,ପ୍ରତିଜ୍ଞା ପ୍ରିୟଦର୍ଶିନୀ ବାରିକ୍,ପ୍ରିୟଙ୍କା ମାରାଣ୍ଡି,ଶୁଭଶ୍ରୀ ପ୍ରିୟଦର୍ଶିନୀ ଜେନା, ଶିଖା ମଜୁମଦାର,ରେଶ୍ମଶ୍ରୀ ଦାସ,ମନୁଶ୍ରୀ ନାୟକ୍,ସ୍ମୃତି ରେଖା ରାଉତ,ଶିବାନୀ ସାହୁ ପ୍ରମୁଖ ସୁନାମଧନ୍ୟ ଖେଳାଳି ଭାଗନେଇଛନ୍ତି ।ଖେଳର ସୁ ପରିଚାଳନା




ଖୋର୍ଦ୍ଧାର ଯାସିତା ରାଉତ, ୟୁନିଭର୍ସିଟି ଚାମ୍ପିଅନ କଟକ ର ଗୀତାଶ୍ରୀ ବିଶ୍ୱାଳ, ଆନ୍ତର୍ଜାତିକ ଖେଳାଳି ଜୟଲକ୍ଷ୍ମୀ ସାହୁ, ନୈନିକ ସାହୁ, ଜ୍ୟୋତିକ ସାହୁ,ଉମା ଦଳପତି, ନିଭ୍ରୀତା ପଟ୍ଟନାୟକ, ହରପ୍ରିୟା ବସନ୍ତିଆ,ସୃଜନୀ ଷଡ଼ଙ୍ଗୀ,ଅର୍ଯ୍ୟା ମହାନ୍ତି,ପ୍ରୀତି ପୁଷ୍ପ ପଣ୍ଡା,ବନିତା ସାମଲ,ସ୍ନେହସ୍ମିତ ରାମ,ବିରୁଆ ଯୁନୁ, ସୁଚିଶ୍ମିତା ପ୍ରିୟଦର୍ଶିନୀ,ବିଷ୍ଣୁ ପ୍ରିୟା ପ୍ରଧାନ,ଶ୍ରେୟଂଶି ଛୋଟରାୟ,ସୁଶ୍ରୀ ପ୍ରତୀକ୍ଷା ପ୍ରିୟଦର୍ଶିନୀ,ବୈଶାଖୀ ରାଉତ, ପାଇଁ ଶ୍ରୀମତୀ ପିଙ୍କି ମହାପାତ୍ର ଚିଫ ଅର୍ବିଟର , ଡେପୁଟି ଆର୍ବିଟର ଭାବେ ଅଭିଷେକ ଆଚାର୍ଯ୍ୟ, ନମ୍ବଳା ରବିକୁମାର ଦାୟିତ୍ୱ ନେଇଥିବା ବେଳେ ଆସୋସିଏସନ୍ ର ଅନ୍ୟତମ ଉପସଭାପତି ଅମରେଶ ସାହୁ, କୋଷାଧକ୍ଷ ନାରାୟଣ ଦାସ, କାର୍ଯ୍ୟକାରିଣୀ ସଦସ୍ୟ ଗୋପିବଲ୍ଲଭ ନାୟକ, ସବ୍ରେ ହେମ୍ବ୍ରମ, ନେହେରୁ ସାହୁ ପ୍ରମୁଖ ବିଭିନ୍ନ ଦାୟିତ୍ୱ ନିର୍ବାହ କରୁଛନ୍ତି ।ଆସନ୍ତା ନଭେମ୍ବର ୩ ତାରିଖ ଅପରାହ୍ନ ୪ ଘଟିକା ସମୟ ରେ ଏହା ଉଦଯାପିତ ହେବ।

# ଅବସର ଘୋଷଣା କଲେ ବୋପନ୍ନା

**ନୂଆଦିଲ୍ଲୀ,୧।୧୧ (ଏଜେନ୍ସି) :** ଅବସର ନେଲେ ଭାରତୀୟ ଟେନିସ୍ କିମ୍ବଦନ୍ତୀ ରୋହନ ବୋପନ୍ନା। ଆଜି ଷ୍ଟାର ଟେନିସ୍ ଖେଳାଳି ନିଜର ଅବସର ଘୋଷଣା କରିଛନ୍ତି। ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସରେ, ବୋପନ୍ନା ଏବଂ ଏନ. ଶ୍ରୀରାମ ବାଲାଜୀଙ୍କ ଦଳ, ପୁରୁଷ ଡବଲ୍ସ ପ୍ରତିଯୋଗିତାର ପ୍ରଥମ ରାଉଣ୍ଡରେ ୭-୫, ୬-୨ରେ ପରାସ୍ତ ହୋଇଥିଲା। ରୋହନ ବୋପନ୍ନା ଏବେ ନିଶ୍ଚିତ କରିଛନ୍ତି ଯେ, ତାହା ତାଙ୍କ କ୍ୟାରିଅରର ଶେଷ ମ୍ୟାଚ୍ ଥିଲା। ୨୨ବର୍ଷ ଧରି ବୋପନ୍ନା ଅନ୍ତର୍ଜାତୀୟ ଟେନିସରେ ଭାରତକୁ ପ୍ରତିନିଧିତ୍ୱ କରିଥିଲେ। କିନ୍ତୁ ଏବେ ସେ ତାଙ୍କ ଐତିହାସିକ କ୍ୟାରିଅରରୁ ଅବସର ନେବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ବିଷୟରେ ଘୋଷଣା କରି ସେ ପୋଷ୍ଟ କରିଛନ୍ତି ଯେ, ଏହା ମୋ ଟେନିସ୍ କ୍ୟାରିଅରର ଶେଷ ଟୁର୍ଣ୍ଣାମେ ଥିଲା। ମୁଁ ବୁଝିପାରୁଛି ଯେ ମୁଁ ଜଣେ ଖେଳାଳି ଭାବରେ କେଉଁଠାରେ ପହଞ୍ଚିଛି। ମୁଁ ଆଜି ଯେଉଁଠାରେ ଅଛି ତାହା ଏକ ବିରାଟ ସଫଳତା। ମୁଁ କେବେ କଳ୍ପନା କରି ନଥିଲି ଯେ ମୁଁ ୨୦ବର୍ଷରୁ ଅଧିକ ସମୟ ପାଇଁ ଏତେ ଉଚ୍ଚ ସ୍ତରରେ ଭାରତକୁ ପ୍ରତିନିଧିତ୍ୱ କରିବି। ୨୦୦୨ରେ ମୁଁ ଡେବ୍ୟୁ କରିଥିଲି ଏବଂ ଆଜି ୨୨ବର୍ଷ ପରେ, ମୁଁ ଅଲିମ୍ପିକ୍ସରେ ମୋ ଦେଶର ପ୍ରତିନିଧିତ୍ୱ କଲି। ଏହି ଐତିହାସିକ କ୍ୟାରିଅର ପାଇଁ ମୁଁ ବହୁତ ଗର୍ବିତ।



# ଗୋରଖପୁରରେ ସାମସଙ୍ଗ ଇନୋଭେସନ୍ କ୍ୟାମ୍ପସ

**ଭୁବନେଶ୍ୱର,୧।୧୧ (ମହାଭାରତ) :** ଭାରତର ସର୍ବବୃହତ କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ, ସାମସଙ୍ଗ, ଆଜି ଗୋରଖପୁରରେ ୧୬୦୦ ଯୁବ ଅଂଶଗ୍ରହଣକାରୀଙ୍କୁ ସମ୍ମାନିତ କରି ଏହାର ପ୍ରମୁଖ ଟେକ୍ନୋଲୋଜି ଶିକ୍ଷା ପଦକ୍ଷେପ, ସାମସଙ୍ଗ ଇନୋଭେସନ୍ କ୍ୟାମ୍ପସ (ଏସଆଇସି) ରେ ଏକ ପ୍ରମୁଖ ମାଇଲଖୁଂଟ ଚିହ୍ନିତ କରିଛି।

ଯୋଗୀ ବାବା ଗମ୍ଭୀରନାଥ ପ୍ରେକ୍ଷାଗୃହ ଅଡିଟୋରିୟମରେ ଅନୁଷ୍ଠିତ ଏହି ସମାରୋହରେ ଉତର ପ୍ରଦେଶର ମାନ୍ୟବର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଯୋଗ ଦେଇଥିଲେ, ଯିଏ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶିକ୍ଷା ଏବଂ ଡିଜିଟାଲ୍ ଅନ୍ତର୍ଭୁକ୍ତିରେ ଏହି ପଦକ୍ଷେପର ଅବଦାନକୁ ପ୍ରଶଂସା କରିଥିଲେ।

ଭାରତ ସରକାରଙ୍କ ସ୍କିଲ୍ ଇଣ୍ଡିଆ ଏବଂ ଡିଜିଟାଲ୍ ଇଣ୍ଡିଆ ମିଶନ୍ ସହିତ ସଂଯୁକ୍ତ, ସାମସଙ୍ଗ ଇନୋଭେସନ୍ କ୍ୟାମ୍ପସ୍ ଯୁବପିଢ଼ିଙ୍କୁ ଆର୍ଟିଫିସିଆଲ ଇଂଟେଲିଜେନ୍ସ (ଏଆଇ), ଇଂଟରନେଟ୍ ଅଫ୍ ଥିଙ୍ଗସ୍ (ଆଇଓଟି), ବିଗ୍ ଡାଟା ଏବଂ କୋଡିଂ ତଥା ପ୍ରୋଗ୍ରାମିଂରେ ଅତ୍ୟାବଶ୍ୟକ ଦକ୍ଷତା ସହିତ ସଜ୍ଜିତ କରେ।

# ଆଇଏମ୍ଇରେ ଅଷ୍ଟ୍ରେଲିଆର ନୂଆ ଖନନ ଉପକରଣ, ପ୍ରଯୁକ୍ତିବିଦ୍ୟା ଓ ସେବା ପ୍ରଦର୍ଶିତ

**ଭୁବନେଶ୍ୱର,୧।୧୧ (ମହାଭାରତ) :** କୋଲକାତାଠାରେ ୨୦୨୫ ଅକ୍ଟୋବର ୩୦ରୁ ନଭେମ୍ବର ୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ୧୧ତମ ଆନ୍ତର୍ଜାତିକ ଖନନ, ଉପକରଣ ଏବଂ ଖଣିଜ ପ୍ରଦର୍ଶନୀ (ଆଇଏମ୍ଇ) ୨୦୨୫ରେ ୪୦ରୁ ଅଧିକ ଅଷ୍ଟ୍ରେଲିଆର କମ୍ପାନି ଖନନ ଉପକରଣ, ପ୍ରଯୁକ୍ତିବିଦ୍ୟା ଏବଂ ସେବା (ଏମଇଟିଏସ) କ୍ଷେତ୍ରରେ ଅଷ୍ଟ୍ରେଲିଆର ବିଶ୍ୱବ୍ୟାପୀ ନେତୃତ୍ୱକୁ ପ୍ରଦର୍ଶନ କରୁଛନ୍ତି। ଅଷ୍ଟ୍ରେଲିଆର ଅଂଶଗ୍ରହଣକୁ ଅଷ୍ଟ୍ରେଲିଆନ ଟ୍ରେଡ୍ ଏବଂ ଇନଭେଷ୍ଟମେଂଟ କମିଶନ (ଅସଟ୍ରେଡ) ପକ୍ଷରୁ ଇନଭେଷ୍ଟ ଆଣ୍ଡ ଟ୍ରେଡ୍ ୱେଷ୍ଟର୍ଣ୍ଣ ଅଷ୍ଟ୍ରେଲିଆ, ଇନଭେଷ୍ଟମେଂଟ୍ ନିଉ ସାଉଥ୍ ୱେଲ୍ସ, ଟ୍ରେଡ୍ ଆଣ୍ଡ ଇନଭେଷ୍ଟମେଂଟ୍ କ୍ୱିନସଲ୍ୟାଣ୍ଡ, ଅଷ୍ଟ୍ରେଲିଆର ସର୍ବବୃହତ ଖଣି ଶିଳ୍ପ ସଂଘ ଅଷ୍ଟମାଇନ୍ ଏବଂ ଦକ୍ଷିଣ ଅଷ୍ଟ୍ରେଲିଆ ସରକାରଙ୍କ ରାଷ୍ଟ୍ରେ ବିକାଶ ବିଭାଗ ସହଯୋଗରେ ଏକତ୍ରିତ କରାଯାଇଛି। ପ୍ରଦର୍ଶନୀରେ ଅଷ୍ଟ୍ରେଲିଆନ ଅଂଶଗ୍ରହଣରେ ପରାମର୍ଶ, ଅନୁସନ୍ଧାନ, ଖନନ, ଆଇଟି, ଖନନ ଉପକରଣ, ପରିବେଶ ଏବଂ କମ୍ କାର୍ବନ ଖନନ, ଗୁଣବତା ଏବଂ ସୁରକ୍ଷା ସହ ଅଷ୍ଟ୍ରେଲିଆର ଏମଇଟିଏସ ଆଦି ସାମିଲ ରହିଛି।

# ୬୯ତମ ରାଜ୍ୟ ବିଦ୍ୟାଳୟ ସମୂହ ସତରଞ୍ଜ ପ୍ରତିଯୋଗିତା ଉଦଯାପିତ

**ଖୋର୍ଦ୍ଧା,୧।୧୧ (ମହାଭାରତ) :** ସ୍ଥାନୀୟ ବିଜେବି ଉଚ୍ଚ ବିଦ୍ୟାଳୟ ପରିସରରେ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିବା ୬୯ତମ ରାଜ୍ୟ ବିଦ୍ୟାଳୟ ସମୂହ ସତରଞ୍ଜ ପ୍ରତିଯୋଗିତା ଶନିବାର ଉଦଯାପିତ ହୋଇଯାଇଛି ।ଏହି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିରେନ୍ଦ୍ର କୋରକାରା ( ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା, ଓଡ଼ିଶା) ଯୋଗ ଦେଇ କହିଲେ ଯେ ଚଳିତ ଥର ଏହିଠାରୁ ଜାତୀୟ ସ୍ତରରେ ନିର୍ବାଚିତ ହୋଇଥିବା ପ୍ରତିଯୋଗିମାନେ ତ୍ରିପୁରା , ଅଗରତାଲା କୁ ଏଥର ନୂଆ କରି ବିମାନରେ ଯିବା ଆସିବା କରିବେ। ଯାହା ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବ । ପରେ ପରେ ଅତିଥି ଭାବେ ଜ୍ୟୋତି ପ୍ରସାଦ ପରିଡା

ସହକାରୀ ନିର୍ଦ୍ଦେଶକ (ଶାରୀରିକ ଶିକ୍ଷା), ମାଧ୍ୟମିକ ଶିକ୍ଷା, ଓଡ଼ିଶା ବିବରଣୀ ପଠନ କରି କହିଲେ ଯେ ସତରଞ୍ଜ ଜାତୀୟ ସ୍ତରରେ ବିବେଚିତ ହୋଇଥିବା ୫ ଜଣ ବାଳକ ଓ ୫ ଜଣ ବାଳିକା ପ୍ରତିଯୋଗୀମାନଙ୍କର ନାମ ଘୋଷଣା କରିଥିଲେ ।୫ ଜଣ ବାଳକ ବିଭାଗରେ ପ୍ରଥମରେ କ୍ଷେତ୍ରବର ମାଝୀ (ଭୁବନେଶ୍ୱର), ଦ୍ୱିତୀୟରେ ଚେମରୁ ହେମ୍ବ୍ରମ୍ (ଭୁବନେଶ୍ୱର), ତୃତୀୟରେ ଆଦିତ୍ୟ ପଟ୍ଟନାୟକ (ପୁରୀ), ଚତୁର୍ଥରେ ବିଶାଲ ଜ୍ୟୋତି ପଣ୍ଡା (ଗଞ୍ଜାମ) , ପଂଚମରେ ଆଶୁତୋଷ ଖୁଂଟିଆ (କେନ୍ଦୁଝର)। ସେହିପରି ବାଳିକା ବିଭାଗରେ ୫ ଜଣ ପ୍ରଥମରେ ନିର୍ମଳା କୁଲେର (ଭୁବନେଶ୍ୱର), ଦ୍ୱିତୀୟରେ ପ୍ରତ୍ୟାଷା ରାଣୀ କର (ଗଞ୍ଜାମ) , ତୃତୀୟରେ ଜୟିତା ବେହେରା (କଟକ) , ଚତୁର୍ଥରେ ଭାଗ୍ୟ ଶ୍ରୀ ସିଂହ ( ସୁନ୍ଦରଗଡ଼) ଓ ପଂଚମରେ ବବିତା ଡୋରା (କଳାହାଣ୍ଡି) ।ପରେ ପରେ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ସଭାପତି ସୋନାମିକା ରାୟ , ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଜ୍ଞା ପରମିତା ଜେନା , ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରଶ୍ମିବାଳା ପରିଡା ଓ ବିଜୟ ବେହେରା ଓ ଖୋର୍ଦ୍ଧା ଗୋଷ୍ଠୀ ଶିକ୍ଷା ଅଧିକାରୀ ଯାନ୍ଜସେନି ସାହୁ ପ୍ରମୁଖ ପ୍ରତିଯୋଗିଙ୍କୁ ପୁରସ୍କାର ବିତରଣ କରିଥିଲେ। ବିଜେବି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସବିତା ଦାସ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ ଓ ମଂଚ ପରିଚାଳନା କରିଥିଲେ ନିରଞ୍ଜନ ଶତପଥୀ। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଦିଲ୍ଲୀପ କୁମାର ମୁଦି ଧନ୍ୟବାଦ ଅର୍ପଣ କରିଥିଲେ ।ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଶାରୀରିକ ଶିକ୍ଷା ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ରମୁଖ ସହଯୋଗ କରିଥିଲେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ